୬ ହାଇବ୍ରିଡ୍ ମଡେଲ ଉପରେ ମୋହର ମାରିଲା ଆଇସିସି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୩୧୫ ● ୧୪ ଡିସେମ୍ବର ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-315 ● 14th December 2024, Saturday ● Bhubaneswar | Licensed to post without pre-payment of postage No- BN-60/25-27

# ସରକାରୀ ଚାକିରିକୁ ଅର୍ଥ ଉପାର୍ଜନ ସର୍ବସ୍ୱ ନକରି, କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରୁହନ୍ତୁ

**ଭୁବନେଶ୍ୱର, ୧୩।୧୨**
**ନ୍ୟୁଜ୍ ବ୍ୟୁରୋ**




ଶୁକ୍ରବାର ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ନିଯୁକ୍ତି ମେଳାରେ ୩୭୬ ଜଣ ନିଯୁକ୍ତି ପାଇଛନ୍ତି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ୮୫ ଜଣ ହୋମିଓପାଥିକ ଚିକିତ୍ସକ ଓ ୨୩୯ ଜଣ ରେଡିଓଗ୍ରାଫର ଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗର ୫୨ ଜଣ ଅଧ୍ୟାପକ ଅଛନ୍ତି ।

ଏହି ଅବସରରେ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବ ନିଯୁକ୍ତ ଡାକ୍ତର, ଅଧ୍ୟାପକ ଓ ରେଡିଓଗ୍ରାଫର ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ବୃତ୍ତିଗତ ଦକ୍ଷତା ଓ ସେବା ମନୋବୃତ୍ତି ନେଇ କାମ କରିବାକୁ ପରାମର୍ଶ ଦେଇଛନ୍ତି । ସରକାରୀ ଚାକିରିକୁ ଅର୍ଥ ଉପାର୍ଜନ ସର୍ବସ୍ୱ ନକରି ନିଜ ନିଜର କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରହିବାକୁ ଓ ଦୁର୍ନୀତିକୁ ପ୍ରଶ୍ରୟ ନଦେବାକୁ ସେ ପରାମର୍ଶ ଦେଇଥିଲେ।

ସେ କହିଥିଲେ ଯେ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଓଡିଶା ଯେତେ ପାରଦର୍ଶୀତା ହାସଲ କରିବା କଥା, କରିପାରି ନାହିଁ । ଆମେ ଆମର ପ୍ରକୃତ ସାମର୍ଥ୍ୟ ହାସଲ କରି ପାରିନାହୁଁ। ନୀତି ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ସ୍ୱାସ୍ଥ୍ୟ ର୍‍ୟାଙ୍କିଂରେ ଓଡ଼ିଶା ୨୮ ଟି ରାଜ୍ୟ ମଧ୍ୟରେ ତଳଆଡୁ ତୃତୀୟ ଶହେ ନମ୍ବରରୁ ଓଡିଶା ପାଇଛି ମାତ୍ର ୪୦.୧୯। କିନ୍ତୁ ପୂର୍ବରୁ ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବା ନାମରେ ବ୍ୟାପକ ପ୍ରଚାର କରାଯାଉଥିଲା। ବର୍ତ୍ତମାନ ଏ ପରିସ୍ଥିତିକୁ ପରିବର୍ତ୍ତନ କରିବାକୁ ପଡିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ହେଲ୍‌ଥ ର୍‍ୟାଙ୍କିଂରେ ଆମକୁ ଅତି କମ୍‌ରେ ୬୦ ନମ୍ବର ରଖିବାକୁ ପଡିବ। ଦେଶର ପ୍ରଥମ ଦଶଟି ଶ୍ରେଷ୍ଠ ସେବା ପ୍ରଦାନକାରୀ ରାଜ୍ୟ ମଧ୍ୟରେ ରହିବାକୁ ପଡିବ। ଏ ଦିଗରେ ସରକାରଙ୍କ ଆଭିମୁଖ୍ୟରେ ନବ ନିଯୁକ୍ତମାନଙ୍କୁ ସହଯୋଗ କରିବା ପାଇଁ ସଂକଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ଭିତ୍ତିଭୂମି ଓ ପ୍ରଶିକ୍ଷିତ ମାନବ ସମ୍ବଳର ଆବଶ୍ୟକତା ରହିଛି । ଏ ଉଭୟ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ କାମ କରୁଛନ୍ତି। ଏହା ସରକାରଙ୍କ ଭିଜନର ଏକ ଅଂଶ ବିଶେଷ ବୋଲି ସେ କହିଥିଲେ। ଚଳିତ ବର୍ଷ ସ୍ୱାସ୍ଥ୍ୟ ବଜେଟ୍‌ରେ ପୂର୍ବ ବର୍ଷ ତୁଳନାରେ ୩୨ ପ୍ରତିଶତ ଅଧିକ ବ୍ୟୟ ବରାଦ ବୋଲି ପ୍ରକାଶ କରି ସେ କହିଥିଲେ ଯେ, ଏହାର ସିଂହଭାଗ ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ ହେବ। ଆଗାମୀ ପାଞ୍ଚବର୍ଷରେ *(ପୃଷ୍ଠା ୭ରେ)*

# ପ୍ରୟାଗରାଜରେ ପ୍ରଧାନମନ୍ତ୍ରୀ ଏକତାର ମହାଯଜ୍ଞ ହେଉଛି 'କୁମ୍ଭ ମେଳା'



**ପ୍ରୟାଗରାଜ, ୧୩।୧୨**

ଆସନ୍ତା ଜାନୁଆରୀ ୧୩ରୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ବିଶ୍ୱପ୍ରସିଦ୍ଧ ମହାକୁମ୍ଭ ମେଳା ଆରମ୍ଭ ହେବାକୁ ଯାଉଛି। ଏହି ମହାପର୍ବର ଠିକ ଗୋଟିଏ ମାସ ପୂର୍ବରୁ ଅର୍ଥାତ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରୟାଗରାଜରେ ପହଞ୍ଚି ମହାକୁମ୍ଭର ସଫଳ ଆୟୋଜନ ପାଇଁ ଗଙ୍ଗା ପୂଜା କରିଥିଲେ। ପୂଜାପାଠ ପରେ ସଙ୍ଗମସ୍ଥଳୀରେ ଆୟୋଜିତ ଜନସଭାରେ ପହଞ୍ଚି ୫ହଜାର ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୬୭ଟି ପ୍ରକଳ୍ପର ଲୋକାର୍ପଣ *(ପୃଷ୍ଠା ୭ରେ)*

# ଦୋଷ ଲଦାଲଦିରେ ସରିଗଲା ଶୀତ ଅଧିବେଶନ

■ ବିବେକାନନ୍ଦ ଜେନା

ଦୋଷ ଲଦାଲଦିରେ ସରିଗଲା ଶୀତ ଅଧିବେଶନ। ନଭେମ୍ବର ୨୬ ତାରିଖରୁ ଆରମ୍ଭ ହୋଇଥିବା ସପ୍ତଦଶ ଓଡ଼ିଶା ବିଧାନସଭାର ଦ୍ୱିତୀୟ ତଥା ଶୀତକାଳୀନ ଅଧିବେଶନ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଥିଲେ ହେଁ ମାତ୍ର ୧୨ଟି କାର୍ଯ୍ୟ ଦିବସ ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ତେବେ ଏହା ପଛରେ ଯାହା ବି କାରଣ ଥାଉନା କାହିଁକି, କେବଳ ଅଧିବେଶନ ଆରମ୍ଭରୁ ଗୃହରେ ଉଭୟ ବିରୋଧୀ ଏବଂ ଶାସକ ଦଳ ପରସ୍ପର ବିରୋଧରେ ଦୋଷାରୋପ କରିବା ସହ ଆକ୍ଷେପ, ପ୍ରତି ଆକ୍ଷେପ, ଯୁକ୍ତିତର୍କ ଏବଂ ନେତୃତ୍ୱ ବିରୁଦ୍ଧରେ ସମାଲୋଚନାରେ ବ୍ୟସ୍ତ ରହିବାରୁ ଏଥିଯୋଗୁ ବିଶୃଙ୍ଖଳିତ ବାତାବରଣ ସୃଷ୍ଟି ହେଲା ତାହା ନୁହେଁ, ଗୃହର ଅଧିକାଂଶ ସମୟ ମଧ୍ୟ ଅପଚୟ ହୋଇଗଲା। ଯାହାଫଳରେ କି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ଯେଉଁ ବିଧାୟକମାନେ ଚାହିଁ ବସିଥିଲେ, ସେମାନେ ସେଥିରୁ ବଞ୍ଚିତ ହେଲେ।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଗୃହୀତ ହେବା ସହ ଏହି ଅଧିବେଶନ କାଳରେ ବ୍ୟୟ ମଞ୍ଜୁର ବିଲ୍, ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ଏବଂ ଓଡ଼ିଶା ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍ ୨୦୨୪ ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ଗୃହରେ ଆଲୋଚନା ହୋଇ ପାରିତ ହୋଇଥିଲା। ଅଧିବେଶନ ଆରମ୍ଭରୁ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଅପରାହ୍ନରୁ ଆରମ୍ଭ ହେବ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ

**ପୁରୀ, ୧୩।୧୨ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାର୍ଯ୍ୟ। ଏଥିପାଇଁ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ସ୍ୱତନ୍ତ୍ର ବୈଠକରେ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ନିଷ୍ପତ୍ତି ଅନୁସାରେ ରାତି ୨ଟାରୁ ଦ୍ୱାର ଫିଟିବ। ଦ୍ୱିପ୍ରହର ଧୂପ ସରିବା ପରେ ଅପରାହ୍ନ ୧ ଟାରୁ ଆରମ୍ଭ ହେବ ମରାମତି କାର୍ଯ୍ୟ। ପାଞ୍ଚଘଣ୍ଟା ଧରି ମରାମତି କାର୍ଯ୍ୟ କରାଯିବ। ଜିପିଆର ଓ ଜିପିଆରଏସ ସର୍ଭେରେ ଚିହ୍ନଟ ହୋଇଥିବା ରତ୍ନଭଣ୍ଡାରର କାନ୍ଥ ଓ ଚଟାଣରେ ମରାମତି କରାଯିବ। ବିଶେଷକରି ଏହି ମରାମତି ସମୟରେ ବିଭିନ୍ନ ପ୍ରକାର *(ପୃଷ୍ଠା ୭ରେ)*








# ଆଠଗଡ଼ରେ ବିଜେପିକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଜାରି

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆଠଗଡ଼ରେ ଭାରତୀୟ ଜନତା ପାର୍ଟିର ସଂଗଠନକୁ ତୃଣମୂଳସ୍ତରରେ ସଂଗଠିତ ଓ ମଜଭୁତ୍ କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି ବରିଷ୍ଠ ବିଜେପି ନେତା ହରପ୍ରସାଦ ମିଶ୍ର ଓ ନିଜର ସମର୍ଥକ ମାନେ। ଏକଦା ଆଠଗଡ଼ ନିଜର ଦୃଢ ସଂଗଠନ କରିଥିବା ଶ୍ରୀ ମିଶ୍ର ବିଭିନ୍ନ କାରଣରୁ ଦୀର୍ଘଦିନ ହେବ ନିଜକୁ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରଖିଥିଲେ। ତେବେ ଦଳର ବରିଷ୍ଠ ନେତୃମଣ୍ଡଳୀ ଓ ତୃଣମୂଳସ୍ତରର କର୍ମୀଙ୍କ ପ୍ରେରଣାରେ ଏବେ ଆଠଗଡ଼ର ପୁରପଲ୍ଲୀରେ ବିଜେପିର ଦଳୀୟ ସଂଗଠନକୁ ମଜଭୁତ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଶ୍ରୀ ମିଶ୍ର ଦଳୀୟ ନେତା ଓ କର୍ମୀଙ୍କୁ ନେଇ ଉତ୍ତରାଚଣ୍ଡୀ ମନ୍ଦିର ନିକଟରେ ଏକ ବନ୍ଧୁ ମିଳନ ଆୟୋଜନ କରି ସାମ୍ବାଦିକଙ୍କୁ ତାଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବିଜେପିର ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ତଥା କଟକ ସଦର ନିର୍ବାଚନ ମଣ୍ଡଳି ପ୍ରଭାରୀ ଆଇନଜୀବୀ ସତ୍ୟଜିତ ମଲ୍ଲିକ, ଜିଲ୍ଲା ପରିଷଦ ପ୍ରାର୍ଥୀ ନିମାଇଁ ଚରଣ ରାଉତ, କେନ୍ଦୁଝର ପାଟଣାଗଡ଼ ବିସ୍ତାରକ ଦୀପକ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଆଠଗଡ଼ ଅଞ୍ଚଳବାସୀଙ୍କ ସାମୁହିକ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ସହ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସାଧାରଣ ଲୋକ କିପରି ଉପକୃତ ହୋଇପାରିବେ ସେଥିପାଇଁ ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ସହ ଯୋଡ଼ି ହୋଇ ଦଳୀୟ ସଂଗଠନକୁ ଆଗେଇ ନେବି ବୋଲି ଶ୍ରୀ ମିଶ୍ର କହିଥିଲେ। ବର୍ତ୍ତମାନ ରାଜ୍ୟରେ ସରକାର ପରିବର୍ତ୍ତନ ଘଟିଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ କିପରି ବିଜେପି ପ୍ରତି ସମର୍ଥନ ଓ ଉତ୍ସାହ ବୃଦ୍ଧି ପାଇବ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ସେ ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ତୁରନ୍ତ ସାରିବାକୁ ଜିଲ୍ଲାପାଳଙ୍କ ତାଗିଦ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ସୁବର୍ଣ୍ଣପୁର ଦ୍ୱାରା ମେଘା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯୋଜନା ଅଧୀନରେ ଉଲୁଣ୍ଡା ଗଣ୍ଡାବାହାଲ ଠାରେ ନିର୍ମାଣଧୀନ ଓଭରହେଡ଼ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପରିଦର୍ଶନ ସହ କାର୍ଯ୍ୟ ଅଗ୍ରଗତିର ସରଜମିନ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଶ୍ରୀମତୀ ଦାସ ପ୍ରକଳ୍ପ ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଶୀଘ୍ର ଶେଷ କରି ଜନସାଧାରଣଙ୍କୁ ଏହାର ସୁଫଳ ପହଞ୍ଚାଇବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ୪ ଲକ୍ଷ ୯୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ନିର୍ମାଣଧୀନ ଓବରହେଡ଼ ପାନୀୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉଲୁଣ୍ଡା ଗ୍ରାମ ପଞ୍ଚାୟତର ୮୯୭୬ ଜଣଙ୍କ ପାଇଁ ଦୈନନ୍ଦିନ ପାନୀୟ ଜଳ ଘରକୁ ଘର ଯୋଗାଣ ହୋଇପାରିବ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ବିଡିଓ ଉଲୁଣ୍ଡା କରିସ୍ମା ବେସ୍ରା, ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ତପନ କୁମାର ପ୍ରଧାନ, ପ୍ରୋଜେକ୍ଟ ମ୍ୟାନେଜର ଏମ୍.ଇଆଇଏଲ ବିନୋଦ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ତଥା ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାସୁଦେବପୁରରେ କୁରାଳ ପଞ୍ଚମୀ ଉଦ୍‌ଯାପିତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତସ୍ଥ ବାସଦେବପୁର କୋଠ ଘର ପରିସରରେ କୁରାଳ ପଞ୍ଚମୀ ମହାସମାରୋହରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏକ ସପ୍ତାହରୁ ଉର୍ଦ୍ଧ ଦିନ ଧରି ଚାଲିଥିବା ଏହି ପୂଜା ମଣ୍ଡପରେ ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। ପ୍ରଥମ ଦିବସରେ ଭକ୍ତମାନେ ନିକଟସ୍ଥ କେଲୁଅ ନଦୀରୁ କଳସ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପରେ ପହଞ୍ଚିବା ପରେ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ବିଶିଷ୍ଟ ପଣ୍ଡିତ ବାସୁଦେବ ଓ ସୁରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାଧାନରେ ମୁଖ୍ୟକର୍ତ୍ତା ଚନ୍ଦନ ସାହୁ ଓ ଉପକର୍ତ୍ତା ବିଷ୍ଣୁ ସାହୁ ପୂଜାକର୍ମରେ ସହଯୋଗ କରିଥିଲେ। ବିଭିନ୍ନ ଦିବସମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ପାଲା ଓ ନାମସଂକୀର୍ତ୍ତନ ଓ ଶେଷ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ସମାରୋହ ହୋଇଥିଲା। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେଇ ପ୍ରଭୁଙ୍କୁ ଦର୍ଶନ କରି ବିଭୁକୃପା ଲାଭ କରିଥିଲେ। ନରେନ୍ଦ୍ର ସାହୁ, ଶରତ ସାହୁ, ଶ୍ୟାମସୁନ୍ଦର ବେହେରା, କୁଳମଣୀ ସାହୁ, ବୀର କିଶୋର ସାହୁ, ମକରଧ୍ୱଜ ସାହୁ, ତ୍ରୈଲୋକ୍ୟ ବେହେରା, ଶତ୍ରୁଘ୍ନ ସାହୁ, କୈଳାସ ସାହୁ, ରବିନ୍ଦ୍ର ସାହୁ, ଜଗତ ସାହୁ, ସୁରେଶ ସାହୁ, କାର୍ତିକ ସାହୁ, ନାରାୟଣ ସାହୁ, ସନ୍ତୋଷ ସାହୁ, ଧ୍ରୁବ ସାହୁ ଓ ବସନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷ ଦିବସରେ ଏକ ବିଶାଳ ଶୋଭା ଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଘଟ ବିସର୍ଜନ କରାଯାଇଥିଲା।

# ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଧାୟକ ଓ ଦଳିତ ନେତାଙ୍କ ମଧ୍ୟରେ ଟଣାଓଟରା

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଜଗତସିଂହପୁରର ସ୍ରଷ୍ଟା ତଥା ପୂର୍ବତନ ମନ୍ତ୍ରୀ, ସାଂସଦ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦୀର୍ଘଦିନ ଜଗତସିଂହପୁର ଦଳିତ ବିକାଶ ପରିଷଦ ସଂଘ ସଭାପତି ଶଙ୍କର ଦାଶଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ ଓ ପୌରପାଳିକ ନିକଟରେ ଦାବି କରି ଆସୁଥିଲେ। ପ୍ରଶାସନ ଓ ପୌରପାଳିକା କର୍ଣ୍ଣପାତ କରୁନଥିଲେ। ସ୍ୱର୍ଗତ ବିଷ୍ଣୁ ଦାସଙ୍କ ଖାସ ଅନୁଗତ ଅମରେନ୍ଦ୍ର ଦାସ ଜଗତସିଂହପୁର ବିଧାୟକ ହେବାର ଦୁଇ ସପ୍ତାହ ମଧ୍ୟରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜାଗା ଚିହ୍ନଟ ନିମନ୍ତେ ଜିଲ୍ଲା ପ୍ରଶାସନକୁ ନଂ୧/୨୦.୬. ୨୦୨୪ରେ ଚିଠି ଲେଖିଥିଲେ। ଜଗତସିଂହପୁର ଜିଲ୍ଲାପାଳ ବିଧାୟକଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେଇ ଡିସେମ୍ବର ୬/୨୦୨୪ ତାରିଖ ରେ ଚିଠି ନଂ ୪୦୯ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜମି ଯୋଗାଇଦେବା ପାଇଁ ଚିଠି ଲେଖିଥିଲେ। ଏହା ସହ ଖୁବ୍ ଶୀଘ୍ର ଜାଗା ନିରୂପଣ ସରିବା ପରେ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି ଜଗତସିଂହପୁର ବିଧାୟକଙ୍କୁ ଚିଠି ଦ୍ୱାରା ଜିଲ୍ଲାପାଳ ଜଣାଇଛନ୍ତି। ଅନ୍ୟପକ୍ଷରେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଦାବିରେ ଆସନ୍ତା ୧୮ ତାରିଖ ବୁଧବାର ଦିନ ରାସ୍ତାକୁ ଓହ୍ଲାଇବା ସହିତ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ଦଳିତ ନେତା ଶଙ୍କର ଦାସ ସୂଚନା ଦେଇଛନ୍ତି। ଦଳିତ ବିକାଶ ପରିଷଦ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥାପନ ଦାବିରେ ବାରମ୍ବାର ଧାରଣା, ଧର୍ମଘଟ ଓ ବିକ୍ଷୋଭ କରାଯାଇଥିଲା। ୩୦ ଦିନ ତଳେ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବାକୁ ଦଳିତ ବିକାଶ ପରିଷଦ ପକ୍ଷରୁ ଜଣାଇ ଦିଆଯାଇ ଥିଲା। ଏହି ଖବର ଜିଲ୍ଲାପାଳ ପାଇବା ପରେ ୬ ମାସ ତଳେ ବିଧାୟକ ଶ୍ରୀ ଦାସ ଦେଇଥିବା ଚିଠିକୁ ଗୁରୁତ୍ୱ ଦେଇ ପୌରପାଳିକା କାର୍ଯ୍ୟାଳୟକୁ ତୁରନ୍ତ ଜମି ଯୋଗାଇ ଦେବା ସହିତ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଚିଠି ଲେଖିଛନ୍ତି। ଜଗତସିଂହପୁର ପୌରପାଳିକ ଦଳିତ ବିକାଶ ପରିଷଦ ଦାବି ଅଣଦେଖା କରିବା ସହିତ ଗୁରୁତ୍ୱ ଦେଇନଥିବା ଆସନ୍ତା ୧୮ ତାରିଖରେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବା ପାଇଁ ଚେତାବନୀ ଦେଇଛନ୍ତି। ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେବସହିତ ଏହାର ସମସ୍ତ ନକଲ ମୁଖ୍ୟମନ୍ତ୍ରୀ, କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ଜଗତସିଂହପୁର ଜିଲ୍ଲାପାଳ, ଜଗତସିଂହପୁର ଭାର ପ୍ରାପ୍ତ ଥାନା ଅଧିକାରୀଙ୍କ ନିକଟକୁ ଚିଠି ପଠାଯାଇଥିବା ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ା ଜିଲ୍ଲା ଓଲଷ୍ଟା ସାମ୍ବିଧାନିକ ସମ୍ମିଳନୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



ନିଳ ଉତ୍କଳ ନିମ୍ନ ମାଧମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲାଶାଖା ସାମ୍ବିଧାନିକ ସମ୍ମିଳନୀ ସ୍ଥାନୀୟ ତରାଣ୍ଡୋ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସଂଗଠନର ସଭାପତି ଦୟାନିଧି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଂଘ ସଭାପତି ବିକ୍ରମ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ରାଜ୍ୟସଙ୍ଘ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ସମ୍ମନିତ ଅତିଥି ଭାବେ ରାଜ୍ୟସଂଘ ଉପସଭାପତି ଧନେଶ୍ୱର ପାତ୍ର, ରାଜ୍ୟସଂଘ କୋଷାଧକ୍ଷ ଯୁଧିଷ୍ଠିର ପ୍ରଧାନ, ରାଜ୍ୟସଂଘ ଯୁଗ୍ମ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ରାଜ୍ୟସଂଘ ଏଡିଟର ସୁଶାନ୍ତ କୁମାର ପ୍ରଧାନ, ରାଜ୍ୟସଂଘ ସହ-ଏଡିଟର ସଚ୍ଚିଦାନନ୍ଦ ପରିଡା, ଜିଲ୍ଲାସଂଘ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ସାହାଣୀ, ଜିଲ୍ଲାସଂଘ ଉପଦେଷ୍ଟା ବିଜୟ କୁମାର ଜେନା, ଗଗନ ବିହାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ବ୍ୟବସ୍ଥା ଏବଂ ସଂଗଠନକୁ ସୁଦୃଢ କରିବା ଉପରେ ବକ୍ତାମାନେ ବକ୍ତବ୍ୟ ଦେଇଥିଲେ ରାଜ୍ୟସଂଘ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗାମୀ ତିନିବର୍ଷ ପାଇଁ କେନ୍ଦ୍ରାପଡ଼ା ରାଜସ୍ୱ ଜିଲ୍ଲା ନିମ୍ନ ମାଧମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟ ସର୍ବସମ୍ମତି କ୍ରମେ ସମ୍ପାଦିତ ହୋଇଥିଲା। ନବ ନିର୍ବାଚିତ କର୍ମକର୍ତ୍ତା ଭାବେ ସଭାପତି- କରୁଣାକର ଭଳ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମଲ୍ଲ, ଉପ ସଭାପତି ପ୍ରଫୁଲ୍ଲ କୁମାର ବାରିକ ଓ ପ୍ରଫୁଲ୍ଲ କୁମାର ପରିଡା, ସମ୍ପାଦକ ଅଶୋକ କୁମାର ସାହୁ, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ସ୍ୱାଇଁ, ସହ ସମ୍ପାଦକ ବିଭୁତି ଭୂଷଣ ଦାସ, ଅଧର କୁମାର ଜେନା, ବିମଳ ପ୍ରସାଦ ପଣ୍ଡା ଓ ତରଣୀ ସେନ ଲେଙ୍କା, କୋଷାଧକ୍ଷ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ଭାବେ ଅବନି କୁମାର ମହାନ୍ତି, ବିଜୟ କୁମାର ଜେନା, ଗଗନ ବିହାରୀ ସାହୁ, ରମେଶ ଚନ୍ଦ୍ର ସାହାଣୀ ଓ ଦୟାନିଧି ସ୍ୱାଇଁ ନିର୍ବାଚିତ ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ନଅଗୋଟି ବ୍ଲକର ସଭାପତି, ସମ୍ପାଦକ, ଶିକ୍ଷକ, ଶିକ୍ଷିକାମାନେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଚିକା ସହାୟିକା ସଂଘର ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ କେନ୍ଦ୍ରାପଡ଼ା ଶାଖା ଓ ଏଆଇଟିୟୁସି ମିଳିତ ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୯ଦଫା ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସଂଘର ଶତାଧିକ ପାଚିକା ଓ ସହାୟିକା କର୍ମଚାରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ସେମାନଙ୍କର ନାର୍ଯ୍ୟ ଦାବିକୁ ପୁରଣ କରିବା ପାଇଁ ଦାବି କରିଛନ୍ତି। ଏହି ଦାବିଗୁଡିକ ମଧ୍ୟରେ ପାଚିକା ପାଉଥିବା ୨ ହଜାର ଟଙ୍କା ମାସିକ ଦରମାକୁ ବୃଦ୍ଧି କରାଯିବା, କାମ କରି ପାରୁଥିବା ପାଚିକାଙ୍କୁ କାମରୁ ବାହାର ନକରିବା, ୬୫ ବର୍ଷ ପର୍ଯ୍ୟନ୍ତ ପାଚିକାଙ୍କୁ କାମ କରିବାକୁ ସୁଯୋଗ ଦିଆଯିବା, ଛଟେଇ ପାଚିକାଙ୍କୁ ତୁରନ୍ତ ନିଯୁକ୍ତି, ସର୍ବନିମ୍ନ ପେନଶନ ବ୍ୟବସ୍ଥା, ପ୍ରତ୍ୟେକ ୨୫ ଜଣ ଛାତ୍ରଛାତ୍ରୀରେ ଜଣେ ପାଚିକା ନିଯୁକ୍ତି ଦେବା ଆଦି ଦାବି ଗୁଡିକ ରହିଛି। ଜିଲ୍ଲା ସଭାପତି ସୁହାନା ବେଗମଙ୍କ ନେତୃତ୍ୱରେ ସଂପାଦକ ଶୋଭାଗିନୀ ପତି, ଗଜେନ୍ଦ୍ରନାଥ ନାୟକ, ବରିଷ୍ଠ ଆଇନଜିବୀ ରମଣୀ ରଞ୍ଜନ ରାଉତରାୟ, ମାଳତୀ ବେହେରା, ଯମୁନା ସାହୁ, ନିର୍ମଳାନାଥ ଶର୍ମା, ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି।

# ଉଲୁଣ୍ଡାରେ ଯୁଗ୍ମ ଅଭିଯୋଗ ଶୁଣାଣି : ୬୧ ମାମଲା ପଞ୍ଜିକୃତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**




ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୯ଟି ଗ୍ରହଣ କରାଯାଇଥିବା ବେଳେ ୨୨ଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି ଏବଂ ଶିବିରରେ ଦୁଇଟିର ସମାଧାନ କରାଯାଇଛି। ଅନ୍ୟ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ କରିସ୍ମା ବେସ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟାଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ଆରଡବ୍ଲୁଏସଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ତହସିଲଦାର ଉଲୁଣ୍ଡା ପ୍ରଶାନ୍ତ ମହାରଣାଙ୍କ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଓଡ଼ିଶାର ୧୫ ଜିଲ୍ଲାରେ ଜଳବାୟୁ ସହନଶୀଳ ଜଳକୃଷି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱବ୍ୟାଙ୍କର ଆର୍ଥିକ ସହଯୋଗ ଓ ରାଜ୍ୟ ସରକାର ଜଳ ସମ୍ପଦ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ୱାର୍ଲଡଫିସ୍ ସଂଗଠନର ବୈଷୟିକ ସହାୟତାରେ ଓଡ଼ିଶାରେ ୧୫ଟି ଜିଲ୍ଲାରେ ଜଳବାୟୁ ସହନଶୀଳ ଜଳକୃଷି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଚାଷୀ ଭଉଣୀ ଓ ଭାଇ ତଥା ଅଧିକାରୀ ଙ୍କର ଚାଷ ସମ୍ବନ୍ଧୀୟ କ୍ଷମତା ନିର୍ମାଣ ନିମନ୍ତେ ତିନିଦିନ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ବିଶ୍ୱାଳ ଏକଆଟେକ ଫାର୍ମରେ ମହୁରାଳି ମାଛ ଚାଷ ଓ ଯାଆଁଳ ଉତ୍ପାଦନ ଶୀର୍ଷକ ପ୍ରଶିକ୍ଷଣ ଶିବିର ସଫଳତାର ସହିତ ଅନୁଷ୍ଠିତ ହେଇଯାଇଛି। ଉଦଘାଟିନୀ ଉତ୍ସବରେ ମଣ୍ଡଳ ଉପନିର୍ଦ୍ଦେଶକ ବବିତା ମହନ୍ତ, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶ୍ରୀ ରେଶମା ସିଂ ଯୋଗ ଦେଇଥିବା ବେଳେ ଉଦ୍‌ଯାପନୀ ସମାରୋହରେ ଯୁଗ୍ମ ନିର୍ଦ୍ଦେଶକ ଯୋଆକିମ ଲାକ୍ରା ଉପସ୍ଥିତ ରହି ଚାଷୀଭାଇ ଭଉଣୀମାନଙ୍କୁ ପ୍ରେରଣା ଦେଇଥିଲେ। ମାଛଚାଷର ପରାମର୍ଶଦାତା ରଶ୍ମି ରଞ୍ଜନ ଦାସ ମହୁରାଳି ମାଛର କୃତ୍ରିମ ପ୍ରଜନନ ବିଷୟରେ ବର୍ଣ୍ଣନା କରିବା ସହିତ ବିକ୍ରି ସମ୍ପର୍କରେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ମହୁରାଳୀ ମାଛରେ ଅଧିକ ପରିମାଣରେ ପ୍ରୋଟିନ, ଅଣୁସାର, ଭିଟାମିନ-ଏ, ଓମେଗା-୩ ସ୍ନେହାମ୍ଳ ମିଳୁଥିବା ବେଳେ ମହୁରାଳୀ ମାଛରେ ଅଧିକ ପରିମାଣର କ୍ୟାଲସିଅମ, ଜିଙ୍କ୍, ଲୌହସାର ଓ ଭିଟାମିନ-ବି-୧୨ ଓ ଆବଶ୍ୟକ ପର୍ଯ୍ୟାପ୍ତ ପରିମାଣର ଅଣୁସାର ଥାଏ। ଜଳବାୟୁ ଅନୁକୂଳ ଓ ପୋଷଣ ସମ୍ବେଦନଶୀଳ ଆଭିମୁଖ୍ୟକୁ ନେଇ ୱାର୍ଲଡଫିସର ପ୍ରଚେଷ୍ଟାକୁ ବିଭିନ୍ନ ମହଲରୁ ପ୍ରଶଂସା ମିଳିଛି।

# ରେଳ ମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ନେତା



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ର ରେଳ ଓ ଆଇ.ଟି ମନ୍ତ୍ରୀ ଅଶ୍ୱିନ ବୈଷ୍ଣବଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରେ ବିଜେପି ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ସାକ୍ଷାତ କରି ରମ୍ଭା ରେଳ ଷ୍ଟେସନର ବିଭିନ୍ନ ସମସ୍ୟା, ଦ୍ରୁତଗାମୀ ଟ୍ରେନ ରହଣୀ ଯଥା କୋଣାର୍କ ମୁମ୍ବାଇ, ପ୍ରଶାନ୍ତି, ପୂର୍ବରୁ ରହିଆସୁଥିବା ପୁରୀ ତ୍ରିପତି ଓ ଟିକେଟ ବୁକିଂ କାଉଣ୍ଟର ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ମୋବାଇଲ ଟାୱାର (ବିରୁଲିଗଡ଼) ଲାଇନ ପ୍ରଚଳନ ଅତିଶୀଘ୍ର କରିବା ପାଇଁ କହିଥିଲେ।

# ପେଣ୍ଟିଂସ ଆର୍ଟସ ୱାର୍କିଂ ଆସୋସିଏସନ ପକ୍ଷରୁ ଦାବିପତ୍ର ପ୍ରଦାନ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଅଲ ଓଡ଼ିଶା ପେଣ୍ଟିଙ୍ଗ ଆର୍ଟସ ଆସୋସିଏସନ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଜଗତସିଂହପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ସ୍ୱତନ୍ତ୍ର ରଙ୍ଗ ତୁଳି କଳାକାର ବୋର୍ଡ ଗଠନ, ବୋର୍ଡ ମାଧ୍ୟମରେ କାମ ଓ ସାମାଜିକ ସୁରକ୍ଷା, ଠିକାଦାର ପ୍ରଥା ସମ୍ପୂର୍ଣ୍ଣ ବାତିଲ, ଜିଲ୍ଲା ସଙ୍ଘର ପରିଚୟ ପତ୍ର ପାଇଥିବା ସମସ୍ତ କଳାକାରମାନଙ୍କୁ ସରକାରୀ ପେଣ୍ଟିଙ୍ଗ କାର୍ଯ୍ୟରେ ଅଗ୍ରାଧିକାର ଦେବା, ରଙ୍ଗ ତୁଳି କଳାକାରମାନଙ୍କୁ ବିଶ୍ୱକର୍ମା ଯୋଜନାରେ ସାମିଲ କରିବା, ସରକାରୀ ସ୍ତରରେ ସମସ୍ତ ରଙ୍ଗ କାର୍ଯ୍ୟ ପ୍ରଦାନ କରିବା, ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁପାଇଁ ୧୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ୬୦ ବର୍ଷରୁ ଊର୍ଦ୍ଧ୍ୱ କଳାକାରମାନଙ୍କୁ ପେନସନ ପ୍ରଦାନ କରିବା ସହିତ ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାସଭାପତି ଲୋକନାଥ ଦାସ, ଉପସଭାପତି ଓ ରାଜ୍ୟ ସମ୍ପାଦକ ପ୍ରଭାତ ନଳିନୀ କାନ୍ତି, ସମ୍ପାଦକ ଜ୍ୟୋତିରଞ୍ଜନ ରାୟ, ସହ ସମ୍ପାଦକ ମନୋଜ ସାହୁ, କୋଷାଧକ୍ଷ ଲାଲା ମନୋଜ ରାୟ, ଲଳିତ କୁମାର ଭୋଇ, କାହ୍ନୁ ଦାସ, ଶରତ ଦାସ, ଜଗତସିଂହପୁର ବ୍ଲକ ସଭାପତି ସୁଶାନ୍ତ କୁମାର ମହୁନ, ଆଲୋକ ଦାସ, ଗୁଣ ନିଧି, ସୁଧାଂଶୁଙ୍କ ସମେତ ଅନ୍ୟ କଳାକାର ମାନେ ସାମିଲ ହୋଇ ରୋଜଗାର ଅଭାବରୁ ଦୁର୍ଦ୍ଦିନରେ ଜୀବନ କାଳାତିପାତ କରୁଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଆଲୋଚନା କରିଥିଲେ।

# ରେଳ ଧାରଣାରୁ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ରେଳ ଧାରଣାରୁ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଛି। ବଲାଙ୍ଗିର ଦେଓଗାଁ ରେଲୱେ ଷ୍ଟେସନ ନିକଟ ରେଳଧାରଣାରୁ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ମୃତଦେହ ମିଳିଥିବା ସେହି ଟ୍ରାକ୍ ନିକଟ ବିଲରେ ରକ୍ତ ପଡ଼ିଛି। ତେଣୁ ଯୁବକଙ୍କୁ କେହି ହତ୍ୟା କରି ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ପ୍ରଚେଷ୍ଟା କରିଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ଯୁବକଙ୍କ ପରିଚୟ ମିଳି ପାରିନଥିବା ବେଳେ ଘଟଣାସ୍ଥଳରେ ଜିଆରପି ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଯୁବକଙ୍କ ପରିଚୟ ଖୋଜୁଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ୍**



ଫକୀର ମୋହନ ବିଶ୍ୱ ବିଦ୍ୟାଳୟରେ ମହାବିଦ୍ୟାଳୟ ଶିକ୍ଷକମାନଙ୍କ ନିମିତ୍ତ ଗବେଷଣା ନିବନ୍ଧର ପ୍ରସ୍ତୁତି ପାଇଁ ମାର୍ଗଦର୍ଶନ ବିଷୟରେ ଏକ ଦିନିକିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏକଦିବସୀୟ ଦକ୍ଷତା ନିର୍ମାଣ ସମ୍ବନ୍ଧିତ ଏହି କାର୍ଯକ୍ରମ ମାନବ ସମ୍ବଳ ବିକାଶ କେନ୍ଦ୍ର, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଅର୍ଥନୈତିକ ସଂଘର ମିଳିତ ଆନୁକୂଲ୍ୟରେ କିପରି ଗବେଷଣା ନିବନ୍ଧର ମାର୍ଗଦର୍ଶନ କରାଯିବ ସେ ବିଷୟରେ ମହାବିଦ୍ୟାଳୟ ଶିକ୍ଷକ ମାନଙ୍କ ନିମିତ୍ତ ଦକ୍ଷତା ନିର୍ମାଣ କାର୍ଯକ୍ରମ ଅନୁଷ୍ଠିତ କରାଯାଇଥିଲା। ଏଥିରେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ସହିତ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରୁ ପଚାଶରୁ ଉର୍ଦ୍ଧ୍ୱ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୃଷ୍ଠ ପୋଷକତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ରେ ଗବେଷଣାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ହେତୁ ଏହି କର୍ମଶାଳାଟି ଅତ୍ୟନ୍ତ ପ୍ରାସଙ୍ଗିକ ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରନିନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ସୁନୀଲ କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ସଫଳ ରୂପାୟନ ହେବାନେଇ ଆଶାବ୍ୟକ୍ତ କରିଥିଲେ। ଓଡ଼ିଶା ଅର୍ଥନୀତିକ ସଂଘର ସମ୍ପାଦକ ଡକ୍ଟର ଅମରେନ୍ଦ୍ର ଦାସ ମହାବିଦ୍ୟାଳୟ ସ୍ତରରେ ବିଦ୍ୟାର୍ଥୀମାନଙ୍କ ନିମିତ୍ତ ଗବେଷଣାର ପ୍ରାଥମିକ ଭିତ୍ତିଭୂମି ପ୍ରତିଷ୍ଠିତ ହେଉଥିବା ହେତୁ ଏବଂ ଗବେଷଣା ନିବନ୍ଧ ପ୍ରସ୍ତୁତିର ସମସ୍ତ ନୀତିନିୟମର ଅବଧାରଣା ଶିକ୍ଷକ ମାନଙ୍କ ଭିତରେ ବିକଶିତ ହେବା ଅନିବାର୍ଯ୍ୟ ହୋଇଥିବା କାରଣରୁ ଏହି ଏକଦିବସୀୟ କାର୍ଯ୍ୟକ୍ରମଟି ବେଶ୍ ପ୍ରାସଙ୍ଗିକ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶା ଅର୍ଥନୀତିକ ସଂଘର ସଭାପତି ପ୍ରଫେସର ରବି ନାରାୟଣ ପାତ୍ର ଗୁଣାତ୍ମକ ଅଧ୍ୟୟନ ଓ ଗବେଷଣାକୁ ପ୍ରାଥମିକତା ଦେଇ ଏହି ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ହେତୁ ଏହା ଅଂଶଗ୍ରଣକାରୀ ଅଧ୍ୟାପକ ବୃନ୍ଦଙ୍କ ମେଧାଶକ୍ତି ବିକାଶରେ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଡକ୍ଟର ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପନିର୍ଦ୍ଦେଶକ ଡକ୍ଟର ଦେବଦତ୍ତ ଦାସ କୃତଜ୍ଞତା ଜ୍ଞାପନ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଡକ୍ଟର ସଚିତା ନନ୍ଦ ସା, ଅରୁଣ କୁମାର ନାୟକ, ଡକ୍ଟର ପ୍ରହ୍ଲାଦ ଲାଖ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ଶୃଙ୍ଖଳିତ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଏନ.ଆଇ.ଟି ରାଉରକେଲାର ପ୍ରଫେସର ଜଳନ୍ଧର ପ୍ରଧାନ, ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ହିମାଂଶୁ ଏସ ରାଉତ, ଆଇ.ଆଇ.ଟି ଭୁବନେଶ୍ୱରର ଅଧାପିକା ଡକ୍ଟର ମଧୁସ୍ମିତା ଦାସ ପ୍ରମୁଖ ଏଥିରେ ବିଷୟ ବିଶେଷଜ୍ଞ ଭାବରେ ଯୋଗଦେଇ ବିଭିନ୍ନ ବୈଷୟିକ ଅଧିବେଶନ ପରିଚାଳନା କରିଥିଲେ।





# କଟକରେ ଚୋରାରେ ବିକ୍ରି ହେଉଛି ଚାଇନିଜ୍ ମାଞ୍ଜା ସୂତା:ବେଫିକର ପୋଲିସ

**କଟକ, ନ୍ୟୁଜ୍ ବ୍ୟୁରୋ**

ଆଗକୁ ଆସୁଛି ମକର ସଂକ୍ରାନ୍ତି । କଟକ ଆକାଶରେ ଉଡିବ ରଙ୍ଗବେରଙ୍ଗର ଗୁଡି । ଗୁଡି ଉଡାଇବା ପାଇଁ କଟକ ବାସିନ୍ଦା ଗୁଡି ସହ ବିଭିନ୍ନ ପ୍ରକାର ମାଞ୍ଜା ସୂତା ବ୍ୟବହାର କରନ୍ତି । ମାଞ୍ଜା ସୂତା ଲୋକଙ୍କ ଜୀବନ ମଧ୍ୟ ନେଇଯାଇଛି । ଚାଇନିଜ ମାଞ୍ଜା ସୂତାରେ ଲାଗି ଲୋକଙ୍କ ମୃତ୍ୟୁ ହେବା ସହ ଅନେକ ଗୁରୁତ୍ୱର ଆହାତ ମଧ୍ୟ ହୋଇଛନ୍ତି । ବିଶେଷ କରି କଟକ ରିଙ୍ଗରୋଡ ଓ ଗଳି କନ୍ଦି ରାସ୍ତାରେ ଲୋକେ ବାଇକ୍‌ରେ ଯିବା ସମୟରେ ଏହି ସୂତାରେ ଲାଗି ମୃତାହତ ହୋଇଛନ୍ତି । ଏବେବି ସହରରେ ବିଭିନ୍ନ ସ୍ଥାନରେ ଗୁଡି ବିକ୍ରି ହେବା ସହ ବ୍ୟବସାୟୀ ମାନେ ଲୁଚାଇ ବିକ୍ରି କରୁଛନ୍ତି । ଏହି ମାଞ୍ଜା ସୂତା ହେଲେ ପୋଲିସ କି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । କେବଳ ସେତିକି ନୁହେଁ ଏହି ପ୍ଲାଷ୍ଟିକ୍ ମାଞ୍ଜା ସୂତାକୁ ଅଦାଲତ ମଧ୍ୟ ବେଆଇନ୍ ଘୋଷଣା କରିବା ସହ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ଗୁଡ଼ି ଉଡ଼ା ପାଇଁ ନଦୀ ପଠାକୁ ବ୍ୟବହାର କରାଯାଉ । ତାସହ ଏହି ବେଆଇନ୍ ଚାଇନା ସୂତା ନୁହେଁ ବରଂ ପୂର୍ବରୁ ଯେଭଳି ସୂତା ବ୍ୟବହାର ହେଉଥିଲା ସେହି ସୂତା କିଭଳି ବ୍ୟବହାର ହେବ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ବୋଲି କଟକ ବାସିନ୍ଦା କହିଛନ୍ତି । ଗୁଡି ମାଞ୍ଜା ସୂତା ଯୋଗୁ ୨୦୨୨ ମସିହାରେ ଜଗତପୁର ଥାନା ଅନ୍ତର୍ଗତ ପିର ବଜାର ଅଞ୍ଚଳରେ ମାଞ୍ଜା ସୂତା ଲାଗି ଜୟନ୍ତ ସାମଲଙ୍କ ମୃତ୍ୟୁ ହୋଇଥିଲା । କେବଳ ସେତିକି ନୁହେଁ ଛଅରୁ ଅଧିକ ବାଇକ୍ ଆରୋହୀ ଆହତ ହୋଇଥିଲେ । ୨୦୨୧ରେ ଜଣେ ପରିବାର କଟକରୁ ଭୁବନେଶ୍ୱର ଯାଉଥିବା ସମୟରେ ଗାଡି ଆଗରେ ଥିବା ପାଞ୍ଚ ବର୍ଷ ଶିଶୁ ବେକରେ ସୂତା ଲାଗି ମୃତ୍ୟୁ ହୋଇଥିଲା । ସେହିଭଳି ୨୦୧୫ରେ କଟକ ଖାନନଗର ଛକରେ ଗୁଡି ସୂତା ଲାଗି ଜଣେ ବାଇକ୍ ଆରୋହୀଙ୍କର ମୁଣ୍ଡ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା । ଗତ ପାଞ୍ଚରୁ ଛଅ ବର୍ଷ ମଧ୍ୟରେ ୩୫ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଗୁଡି ଓ ମାଞ୍ଜା ସୂତାରେ ଅଘଟଣା ନେଇ ୨୦୧୬ରେ ଏହାକୁ ବନ୍ଦ କରିବା ପାଇଁ ହାଇକୋର୍ଟରେ ଏକ ମାମଲା ମଧ୍ୟ ହୋଇଥିଲା । ତେବେ ପୋଲିସ କି ଜିଲ୍ଲା ପ୍ରଶାସନ ଏଥିପ୍ରତି ନଜର ରଖିବେ ବୋଲି ନିର୍ଦ୍ଦେଶ ହୋଇଥିଲା । ହେଲେ ଚଳିତ ବର୍ଷ ପୋଲିସ କି ଜିଲ୍ଲା ପ୍ରଶାସନ ସେଭଳି କିଛି ଚଢଉ କରିନଥିବା ଦେଖିବାକୁ ମିଳିଛି । ସେହିଭଳି କଟକ ସହରର ଅଧିକ ଗୁଡି ଉଡୁଥିବା ସ୍ଥାନ ଉପରେ ସବୁ ଜୋନ୍ ଏସିପି ଓ ଥାନା ଅଧିକାରୀ ନଜର ରଖିବା ଶହ ସେହି ମାଞ୍ଜା ସୂତା କିଭଳି ବିକ୍ରି ହେବନାହିଁ ସେଥିପ୍ରତି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଡିସିପି । ପ୍ରତିବର୍ଷ ଏଭଳି ମାଞ୍ଜା ସୂତାରେ ଅଘଟଣ ଘଟୁଥିଲେ ସୁଦ୍ଧା ଏହାକୁ ବନ୍ଦ କରିବାରେ ବିଫଳ ହେଉଛି ପ୍ରଶାସନ ।

# ବାଲିଗୁଡା କୋର୍ଟରେ ହାଜର ହେଲେ ମାଓ ନେତା ଆଜାଦ୍

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲାରେ କିଛି ବର୍ଷ ହେବ ମାଓ କାର୍ଯ୍ୟ କଳାପ କରାଇ ଆତଙ୍କ ସୃଷ୍ଟି କରିଥିବା ଟପ ମାଓ ନେତା ଆଜାଦ ଓରଫ କେଶବ ରାଓଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୁବନେଶ୍ୱର ଝାରପଡା ଜେଲ୍‌ରୁ ବାଲିଗୁଡା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ କୋର୍ଟକୁ ଅଣାଯାଇଥିଲା । ଏଠାରେ ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ୫ଟି ମାମଲାର ଚାର୍ଜ ଫ୍ରେମ୍ କରାଯାଇଥିଲା । ସେଥିମଧ୍ୟରେ ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳରେ ୨୦୦୮ ମସିହା ନଭେମ୍ବର ୫ ତାରିଖରେ ଭୈରବୀ ମନ୍ଦିର ନିକଟରେ ଧନୁ ପ୍ରଧାନୀକୁ ହତ୍ୟା, ୨୦୦୯ ମସିହା ଜୁଲାଇ ୧୭ ତାରିଖରେ କାଟିଙ୍ଗିଆ ପାଣ୍ଡି ଭଙ୍ଗା ରୁଜା ସହ ହତ୍ୟା, ପୁଣି ଅକ୍ଟୋବର ୪ ତାରିଖରେ କାଟିଙ୍ଗିଆ ଫାଣ୍ଡିକୁ ପୋଡା ଜଳା, ୨୦୧୦ ମସିହା ନଭେମ୍ବର ୨୭ ତାରିଖରେ ବଙ୍ଗଡଦୁଆ ଘାଟିରେ ଆମ୍ବୁଲାନ୍ସକୁ ଲ୍ୟାଣ୍ଡ ମାଇନ୍ ଲଗାଇ ବିସ୍ଫୋରଣ କରି ଉଡାଇବାରେ ୫ ଜଣଙ୍କ ମୃତ୍ୟୁ ସହ ବ୍ରାହ୍ମଣୀ ଗାଁ ବଜାରରେ ରହୁଥିବା କିରୋସିନ ଡିଲର ମନୋଜ ସାହୁ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗ ଏପରି ୫ଟି କେଶର ଚାର୍ଜ ଫ୍ରେମ୍ କରିବାକୁ କୋର୍ଟ ସମନ ଦେବା ସହ ହାଜର ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜାଦ୍‌ଙ୍କ ତରଫରୁ ତାଙ୍କ ଓକିଲ ସେକ୍ ସାଦିକ ଡ଼ିସ୍ ଚାର୍ଜ ପିଟିସନ୍ ଫାଇଲ୍ କରିଥିଲେ । ଏହାର ଶୁଣାଣି ପରେ କୋର୍ଟ ତାକୁ ଖାରଜ୍ କରିଥିଲେ । ଏହି ୫ଟି କେଶ୍‌ର ଚାର୍ଜ ଫ୍ରେମ୍ କରିବା ସହ ପରବର୍ତ୍ତୀ ତାରିଖ ପରେ ଜଣାଇବା ପରେ ଭି.ସି. ମାଧ୍ୟମରେ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯିବ ବୋଲି ଆଜାଦ୍‌ଙ୍କ ଓକିଲ ସେକ୍ ସାଦିକ ପ୍ରକାଶ କରିଛନ୍ତି ।

# ଦଣ୍ଡ ମୁକ୍ତ ଅଞ୍ଚଳର ଉଲ୍ଲଂଘନ:ଛାତ୍ରଙ୍କୁ ମାଡ଼ ଦେଖି ଛାତ୍ରୀ ବେହୋସ୍

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ରାଜ୍ୟର ସବୁ ସ୍କୁଲ୍ ଦଣ୍ଡ ମୁକ୍ତ ଅଞ୍ଚଳ ରୂପେ ଘୋଷିତ ହେବା ପରେ ସ୍କୁଲ୍‌ରେ ଅମାନସିକ ଅତ୍ୟାଚାରର ଶିକାର ହେଉଛନ୍ତି ଛାତ୍ରଛାତ୍ରୀ । ଛାତ୍ରଛାତ୍ରୀଙ୍କ ପିତାମାତା କେବେବି ନିଜ ସନ୍ତାନକୁ ଏତିକି କେବେ ମାରିନାହାନ୍ତି ହେଲେ, ସ୍କୁଲ୍ ଶିକ୍ଷକ ଅମାନୁଷିକ ଭାବେ ବିଧା, ଚାପୁଡ଼ା, ଲାତ, ଘୋସାରି ଘୋସାରି କିପରି ମାରି ପାରିଲା ଜଣେ ପ୍ରଥମ ବର୍ଷର ବିଜ୍ଞାନ ଛାତ୍ରଙ୍କୁ ବୋଲି ସ୍କୁଲ୍‌ର ସମସ୍ତ ଛାତ୍ରଛାତ୍ରୀ କହିଛନ୍ତି । ଏତେ ଅମାନୁଷିକ ଭାବେ ପ୍ରଥମ ବର୍ଷର ଛାତ୍ର ପ୍ରତି ମାଡ଼ ଦେଖି ଛାତ୍ରୀମାନେ କ୍ଲାସ୍ ରୁମ୍ ଭିତରେ କାନ୍ଦିବାକୁ ଲାଗିଲେ, କାନ୍ଦି କାନ୍ଦି ଜଣେ ଛାତ୍ରୀ ବେହୋସ୍ ମଧ୍ୟ ହୋଇଯାଇଥିଲେ । ଏହିପରି ଘଟଣା ଦେଖିବାକୁ ମିଳିଛି ରାଇଘର ବ୍ଲକ ସଦର, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ । ସେହି ସ୍କୁଲ୍‌ର ଗଣିତ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ, ଗଣିତ ବୁଝି ପାରିଲ କି କହି ଛାତ୍ରଙ୍କୁ ପଚାରିବାରୁ ଜଣେ ଛାତ୍ର ଦୀପକ ଗଣ୍ଡ (୧୭) ବର୍ଷ ପିତା ଦୁଖଚାନ୍ଦ ଗଣ୍ଡ ବୁଝି ପାରିଲି ନାହିଁ କହିବାରୁ ଶିକ୍ଷକ ଜଣକ ଅକଥନୀୟ ଭାଷାରେ ଗାଳି ଗୁଲଜ କରି ଘୋସାରି ଘୋସାରି ନିସ୍ତୁକ ମାଡ଼ ମାରିଥିଲେ । ଏହା ତାଙ୍କର ନୂଆ କଥା ନୁହେଁ ବିଗତ ବର୍ଷ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ମଧ୍ୟ ନିସ୍ତୁକ ମାଡ଼ ମାରିବାର ବିଷୟକୁ ନେଇ ଗଣିତ ଶିକ୍ଷକଙ୍କୁ ପଚାରିବାରୁ ମୋର ଦେହ ଖରାପ ଅଛି ମୁଁ କିଛି କହିପାରିବିନାହିଁ ଏବଂ ଆମ ପ୍ରତିନିଧି ଆଗରେ ବାଇଟ୍ ଦେବାକୁ ମନା କରିଦେଲେ । ଛାତ୍ରଛାତ୍ରୀଙ୍କ କହିବା କଥା ଟିଆରଡବ୍ଲୁ ଡିଡବ୍ଲୁଡି କର୍ତ୍ତୃପକ୍ଷ ଅତି ସତ୍ତର ଶିକ୍ଷକଙ୍କ ପ୍ରତି କଠୋରରୁ କଠୋର ଦଣ୍ଡାଦେଶ ନ ଦେଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ହେବ କହି ଚେତାବନୀ ଦେଇଛନ୍ତି । ଏହି ଟିଆରଡବ୍ଲୁ ସ୍କୁଲ୍‌ର ହେଡମାଷ୍ଟର ବିଧୁଭୂଷଣ ନାୟକଙ୍କୁ ପଚାରିବାରୁ ମୁଁ ଏ ବିଷୟରେ କିଛି ଜାଣିନାହିଁ, ସ୍ୱବିଶେଷ ପଚାରିବା ପରେ କହିଁବି କହିଛନ୍ତି । ଏହି ବର୍ବର ଓ ଅମାନୁଷିକ ଶିକ୍ଷକଙ୍କ ଅତ୍ୟାଚାର ଦେଖି ଅଭିଭାବକ ମହଲ ଓ ରାଇଘର ବ୍ଲକରେ ଚାଞ୍ଚଲ୍ୟ ଖେଳିଯାଇଛି ଏବଂ ଶିକ୍ଷକଙ୍କ ପ୍ରତି କଠୋରରୁ କଠୋର ଦଣ୍ଡାଦେଶ ଯେପରି ହୁଏ ତାହାର ପାଇଁ ଟିଆରଡବ୍ଲୁ ଡିଡବ୍ଲୁଡି କର୍ତ୍ତୃପକ୍ଷଙ୍କ ରାଇଘର ଅଞ୍ଚଳବାସୀ ସହ ଅଭିଭାବକ ବୃନ୍ଦ ଅନୁରୋଧ କରିଛନ୍ତି ।

## ଜିଲ୍ଲା ସ୍ତରୀୟ ଜୁନିଅର ରେଡ଼କ୍ରସ୍ ଶିକ୍ଷା ଓ ତାଲିମ୍ କାର୍ଯ୍ୟକ୍ରମ

# ରେଡ଼କ୍ରସ୍‌ର ଚିନ୍ତାଧାରାରେ ସମସ୍ତେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଜୁନିଅର ରେଡ଼କ୍ରସ୍‌ର ଅଠରତମ ତ୍ରିଦିବସୀୟ ଶିକ୍ଷା ଓ ତାଲିମ ଶିବିର ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ଠାରେ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିବସରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିଅର ରେଡ଼କ୍ରସ୍ ଚେୟାରମେନ୍ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଆଞ୍ଜେଲିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଓ ସମ୍ମାନୀତ ଅତିଥି ଭାବେ ପୂର୍ବତନ ରାଜ୍ୟ ଜୁନିଅର ରେଡ଼କ୍ରସ୍ ଅଧିକାରୀ ଧର୍ମସିଂ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସ୍‌ର ଜିଲ୍ଲା ସମ୍ପାଦକ ମଞ୍ଜୁଲତା ଭୋଇ, ଡୁଙ୍ଗୁରିପାଲି ବ୍ଲକର ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଗଞ୍ଜୁଲୁ ମିର୍ଦ୍ଧା, ପୂର୍ବତନ ଜିଲ୍ଲା ଜୁନିୟର ରେଡ଼କ୍ରସ୍ ଅଧିକାରୀ ସୁରେଶ ପ୍ରଧାନ, ବରିଷ୍ଠ ସାଧନ କର୍ମୀ ସରୋଜକାନ୍ତ ରଥ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିଅର ରେଡ଼କ୍ରସ୍ ଅଧିକାରୀ ରବିଚନ୍ଦ୍ର ପଶାୟତ ପରିଚାଳନା କରିଥିବା ବେଳେ ଜିଲ୍ଲା ଜୁନିୟର୍ ରେଡ଼କ୍ରସ୍ ଭାଇସ୍ ଚେୟାରମ୍ୟାନ୍ ଗତିକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଦିବସରେ ଯୋଗ ପ୍ରାଣାୟାମ ଓ ଶାରୀରିକ ବ୍ୟାୟାମ ପରେ ଦିନସାରା ଓଡ଼ିଆ ପ୍ରବନ୍ଧ, ଇଂରାଜୀ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା । ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍, ପ୍ରାକ୍‌ଟିକାଲ୍ କରିଥିଲେ । ଛାତ୍ରଛାତ୍ରୀ ଓ କାଉନ୍‌ସିଲର । ଦ୍ୱିତୀୟ ଦିନରେ ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ସନ୍ଧ୍ୟାରେ ଛାତ୍ରଛାତ୍ରୀ ଓ ଗାୟିକା ଡ଼.ଅର୍ଚ୍ଚନା ପାଢ଼ୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତୃତୀୟ ଦିବସରେ ଯୋଗ ଓ ପ୍ରାଣାୟାମ ପରେ ଗ୍ରାମ୍ୟ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦଳଗତ ସଂଗୀତ, ଏକକ ସଂଗୀତ, ଭାଷଣ, ପ୍ରାଚୀର ପତ୍ରିକା, ପ୍ରଦର୍ଶନୀ, ରଙ୍ଗୋଲି, ଦଳଗତ ନୃତ୍ୟ, ଏକକ ନୃତ୍ୟ ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନି ଦିବସରେ ଜିଲ୍ଲା ଜୁନିଅର ରେଡ଼କ୍ରସ୍ ଅଧ୍ୟକ୍ଷ ତଥା ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଗଣେଶ ଭୋଇ, ଜିଲ୍ଲା ରେଡ଼କ୍ରସ୍ ଅଧିକାରୀ ରବିଚନ୍ଦ୍ର ପଶାୟତ, ବୀରମହାରାଜପୁର ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ କୁମ୍ଭକାର, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ହୋତା, ଡୁଙ୍ଗୁରିପାଲି ଗୋଷ୍ଠୀ ସହଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୁନିଅର ରେଡ଼କ୍ରସ୍‌ର ଚିନ୍ତାଧାରାରେ ସମସ୍ତେ ଅନୁପ୍ରାଣିତ ହୋଇ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ଭାବର ବିକାଶ ପାଇଁ ଆଗେଇ ଆସିବା ଓ ବିଶ୍ୱରେ ସମସ୍ତଙ୍କ ମନରେ ଖୁସି ଓ ଶାନ୍ତି ଆଣିବାକୁ ପ୍ରେରଣା ଦେଇଥିଲେ । ଜିଲ୍ଲା ଜୁନିଅର ରେଡ଼କ୍ରସ୍ ଉପାଧ୍ୟକ୍ଷ ଗତିକୃଷ୍ଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜୁନିଅର ରେଡ଼କ୍ରସ୍ ପ୍ରଶିକ୍ଷକ ଚନ୍ଦ୍ରମଣି ବାଗ ସଭା ପରିଚାଳନା କରିଥିଲେ ।



# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆୟୁଷ ଡାକ୍ତରଙ୍କ ୧୦ ଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଭୁବନେଶ୍ୱର କେନ୍ଦ୍ରାପଡା ଶାଖା ତରଫରୁ ଏକ ୧୦ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ପ୍ରାୟ ୮୦ ଜଣ ଆୟୁଷ ଡାକ୍ତର ଦୀର୍ଘ ବର୍ଷ ହେଲା ସ୍ୱଳ୍ପ ଦରମାରେ କାର୍ଯ୍ୟକରି ଆସୁଛନ୍ତି । ନିଜ ଜୀବନକୁ ବାଜି ଲଗାଇ ଏମାନେ କରୋନା ମହାମାରୀ ସମୟରେ ସରକାରଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିଥିବା ବେଳେ ଏମାନଙ୍କର ଦରମା ବଢାଇବା ପାଇଁ ସରକାର ଆଜିଯାଏ କୌଣସି ପଦକ୍ଷେପ ନେଉନାହାଁନ୍ତି । ଜିଲ୍ଲା ସଂଘ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ସେମାନଙ୍କର ଚାକିରୀକୁ ସ୍ଥାୟୀ କରିବା, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ଏମାନଙ୍କୁ ଦରମା ପ୍ରଦାନ କରିବା, ଅବସରକାଳୀନ ଏକକାଳୀନ ରାଶି ପ୍ରଦାନ, ୧୧ ମାସିଆ ଚୁକ୍ତି ସଂପୂର୍ଣ୍ଣ ଉଚ୍ଛେଦ, ପିଆଇ ମୂଳ ଦରମାରେ ମିଶ୍ରଣ, ସାମାଜିକ ସୁରକ୍ଷା ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟ କାର୍ଡରେ ଅନ୍ତର୍ଭୁକ୍ତ କରିବା, ରାଜ୍ୟର ସମସ୍ତ ଆୟୁଷ ଡାକ୍ତରଙ୍କୁ ସ୍ୱତନ୍ତ୍ର ଆୟୁଷ ବିଭାଗରେ ଅନ୍ତର୍ଭୁକ୍ତ କରାଯିବା ଆଦି ଦାବି ଗୁଡିକ ରହିଛି । ଜିଲ୍ଲା ସଭାପତି ଡାକ୍ତର ସୀତାକାନ୍ତ କରଙ୍କ ନେତୃତ୍ୱରେ ସଂପାଦକ ସାରଦା ପ୍ରସାଦ କର, ବିକେ ପ୍ରଶାନ୍ତ କୁମାର, ଅନ୍ନପୂର୍ଣ୍ଣା ଜେନା, ମଧୁସ୍ମିତା କର, ପ୍ରଦିପ ଚରି, ପ୍ରିୟମ୍ବଦା ମିଶ୍ର, ଖଗେଶ୍ୱର ନାୟକ ପ୍ରମୁଖ ଆୟୁଷ ଡାକ୍ତର ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଜାତୀୟ ସମ୍ବଲପୁରୀ ସମ୍ମେଳନ ଉଦ୍‌ଯାପିତ:'ସମ୍ବଲପୁରୀ ଦରପନ' ଉନ୍ମୋଚିତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**



ସମ୍ବଲପୁର ଜେଲ୍ ଛକ ନିକଟସ୍ଥ ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଠାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ପାଞ୍ଚ ଦିନିଆ ଜାତୀୟ ସମ୍ବଲପୁରୀ ସମ୍ମେଳନ୍ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ବଲପୁରୀ ଡେରାରେ ଗୁରୁ ଭଗବାନ ସାହୁଙ୍କ କାଳଜୟୀ ସାମାଜିକ ନାଟକ ଟଣ୍ଟେଇ ନାଟକ ପରିବେଷଣ କରାଯାଇଛି । ସତ୍ୟ ଘଟଣାବଳୀ ଉପରେ ଆଧାରିତ ଏହି ନାଟକରେ ସାମାଜିକ ଜୀବନରେ ଜଣେ ମହିଳାଙ୍କ ପ୍ରତି କରାଯାଇଥିବା ଅତ୍ୟାଚାର ଏବଂ ପ୍ରତିଶୋଧ ଉପରେ ଏହି ନାଟକର କାହାଣୀ ପର୍ଯ୍ୟବେସିତ ରହିଥିଲା । ଟଣ୍ଟେଇ ନାଟକର ନାଟ୍ୟକାର ବାସୁଦେବ ନାୟକ ନିଜେ ଛଅ ବର୍ଷ ପରେ ପୁଣି ଥରେ କାଳରାତ୍ରୀ ବେଶରେ ଅଭିନୟ କରିଥିଲେ । ୨ ହଜାରରୁ ଅଧିକ ରାତି ଏହି ନାଟକକୁ ଦର୍ଶକ ମାନଙ୍କ ଭଲପାଇବା ମିଳିପାରିଛି । କୁମ୍ଭାରୀର କଳାକାର ମାନେ ନିଖୁଣ ଅଭିନୟ କରି ରେକର୍ଡ ସୃଷ୍ଟି କରିସାରିଛନ୍ତି । ଉଦ୍‌ଯାପନୀ ସନ୍ଧ୍ୟାରେ ଡ଼ ପ୍ରମୋଦ ରଥ ଅତିଥି ଭାବେ ଯୋଗଦେଇଥିଲେ । ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସମ୍ବଲପୁରୀ ମାସିକ ପତ୍ରିକା ସମ୍ବଲପୁରୀ ଦରପନ ଉନ୍ମୋଚନ କରାଯାଇଥିଲା । ପତ୍ରିକାର ପ୍ରକାଶିକା ଉର୍ମିମା ଭୋଇ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଦେବୀପ୍ରସାଦ ଭୋଇ ଉପସ୍ଥିତ ରହିଥିଲେ । ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀ ସଂସ୍କୃତିର ସଂରକ୍ଷଣ ପାଇଁ ବିକଶିତ କରିବା ଦିଗରେ ଗୁରୁ ଭଗବାନ ସାହୁଙ୍କ ନାଟକ ଗୁଡିକ ସ୍ମରଣୀୟ ହୋଇ ରହିବ ବୋଲି ଗୁରୁ ଭଗବାନ ସାହୁଙ୍କ ସହଯୋଗୀ ଡ଼ ପ୍ରମୋଦ ରଥ କହିଥିଲେ । ଏହି ଅବସରରେ ସମ୍ବଲପୁରୀ ପୁସ୍ତକ ପ୍ରକାଶନ ଏବଂ ପ୍ରଚାର ପ୍ରସାର ସଂସ୍ଥା ସମ୍ବଲପୁରୀ ଗୁଚ୍ଛାର ଶିବଶଙ୍କର ପୂଜାରୀ, ଶିକ୍ଷ ବିକାଶର ବିକାଶ ସାହୁ ଏବଂ ଅକ୍ଷର ଅନୁଷ୍ଠାନର କାଳିନ୍ଦୀ ପ୍ରତାପ ସିଂହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ବରଗଡ଼ରେ ସମ୍ବଲପୁରୀ ଦିନ ଆୟୋଜନ କରୁଥିବା ପଶ୍ଚିମାଞ୍ଚଳ ଏକତା ମଞ୍ଚ ବରଗଡ଼ ଶାଖାକୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହାପୂର୍ବରୁ ଚତୁର୍ଥ ଜାତୀୟ ସମ୍ବଲପୁରୀ ସମ୍ମେଳନରେ ଦିନବେଳା ସମ୍ବଲପୁରୀ ସାହିତ୍ୟ ସଂସ୍କୃତି ଉପରେ ଆଲୋଚନା କରାଯାଇଥିଲା । ଗୁରୁ ଭଗବାନ ସାହୁଙ୍କ ଜୀବନ ସଂଘର୍ଷ ଉପରେ ସୁରେନ୍ଦ୍ର ବୀର ଭୁବନ ଭୋଇ ଆଲୋକପାତ କରିଥିଲେ । ସମ୍ବଲପୁରୀ ନାଟକ ଏବଂ ନାଟକରେ ସମ୍ବଲପୁରୀ ନୃତ୍ୟର ପ୍ରଚାର କ୍ଷେତ୍ରରେ ଗୁରୁ ଭଗବାନ ସାହୁଙ୍କ ଅବଦାନ ଅତୁଳନୀୟ ବୋଲି ଶ୍ରୀ ଭୋଇ କହିଥିଲେ । ସେହିପରି ଶବ୍ଦ ନୃତ୍ୟ ଉପରେ ବାସୁଦେବ ନାୟକ ଏବଂ ଗଦାଧର ବରିହା ବର୍ଣ୍ଣନା କରିଥିଲେ । ସେହିପରି ଖଗେଶ୍ୱର ସାହିତ୍ୟ ଉପରେ ଦୟାନିଧି କୁମ୍ଭାର ଆଲୋଚନା କରିଥିଲେ । ଆଲୋଚନାରେ ବକୁଲ ବାରିକ, ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, କିଶୋର ଧରେଇ, ରାଜେଶ ସ୍ୱାଇଁ ସାମିଲ୍ ହୋଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ ।

# ମହିଳାଙ୍କୁ ବ୍ଲାକ ମେଲ୍ କରି ଜେଲ୍ ଗଲେ ପ୍ରତାରକ ଯୁବକ

**ମାହାଙ୍ଗା, ନ୍ୟୁଜ୍**

ଜଣେ ବିବାହିତା ମହିଳାଙ୍କ ସହ ପ୍ରଥମେ ସମ୍ପର୍କ ସ୍ଥାପନା କରିବା ଓ ପରେ ସୋସିଆଲ୍ ମିଡିଆରେ ଫଟୋ ଭାଇରାଲ୍ କରି ବ୍ଲାକ୍ ମେଲ୍ କରିବା ମହଙ୍ଗା ପଡ଼ିଛି ଯୁବକ ଜଣଙ୍କୁ । ଶେଷରେ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଛନ୍ତି । ଗିରଫ ଯୁବକ ଜଣଙ୍କ କଟକ ମାହାଙ୍ଗା ଥାନା ଛାଡ଼ିଦେବାକୁ ଧମକ ଦେଇ ବ୍ଲାକ୍ ମେଲିଂ କରି ଟଙ୍କା ଲୁଟିବାକୁ ଆରମ୍ଭ କରିଦେଇଥିଲା । ମହିଳା ଜଣଙ୍କ ବାରମ୍ବାର ସଂପୃକ୍ତ ଯୁବକର ଶିକାର ହେବାପରେ ଏହାର ପ୍ରତିବାଦ କରିଥିଲେ । ଶିବାନନ୍ଦ ମହିଳାଙ୍କ ଘରେ ପହଞ୍ଚି ଜୀବନରୁ ମାରିଦେବାକୁ ଧମକ ଦେବାପରେ ମହିଳା ଜଣଙ୍କ ତାଙ୍କ ପରିବାରକୁ ଜଣାଇବା ସହ



ମଲ୍ଲିପୁରା ଗ୍ରାମର ଶିବାନନ୍ଦ ସ୍ୱାଇଁ । ଶିବାନନ୍ଦ ସେହି ମାହାଙ୍ଗା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ସହ ପ୍ରଥମେ ସମ୍ପର୍କ ସ୍ଥାପନ କରିଥିଲା । ପରେ ମହିଳାଙ୍କ ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ତାଙ୍କ ଅଜାଣତରେ ମୋବାଇଲ୍‌ରେ ଉଠାଇ ରଖିଥିଲା । ସେହି ଫଟୋକୁ ଦେଖାଇ ମହିଳାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲା ଏବଂ ଫଟୋକୁ ସୋସିଆଲ୍ ମିଡିଆରେ ମାହାଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ । ମାହାଙ୍ଗା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଶେଷରେ ମାହାଙ୍ଗା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଶିବାନନ୍ଦକୁ ଭୁବନେଶ୍ୱରରୁ ଗିରଫ କରି ମାହାଙ୍ଗା ଥାନାକୁ ଆଣିଥିଲା । ଅଧିକ ପଚରା ଉଚରା ପରେ ମାହାଙ୍ଗା ପୋଲିସ ସଂପୃକ୍ତ ଯୁବକ ଶିବାନନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୪।୧୨।୨୦୨୪, ମାର୍ଗଶିର ଦି୨୯ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୧୩।୦୯** **ଚନ୍ଦ୍ରୋଦୟ- ଦିଘ ୪।୦୩।୦୬**

**ଚତୁର୍ଦ୍ଦଶୀ-** ଦିଘ ୪।୫୯ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ଘ୩।୫୫ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୪।୫୯ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪୩ ଗତେ ଘ ୮।୫୯ ମଧ୍ୟେ । ଦିଘ ୧୨।୦୩ ଗତେ ଘ ୧।୦୩ ମଧ୍ୟେ । **ପର୍ବୋତ୍ସବ -** ପଣ୍ଡୁ ଓଷା, ପୂର୍ଣ୍ଣିମାର ଚନ୍ଦ୍ରପୂଜା, ଦତ୍ତାତ୍ରେୟ ଜୟନ୍ତୀ ।

**ମେଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଓ ମନ ଭଲ ରହିବ । ଶତ୍ରୁନାଶ ହେବେ । ନୂତନ ବନ୍ଧୁ ଦର୍ଶନ ।

**ବୃଷ:** ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।

**ମିଥୁନ:** ନିଜର ଅନିଚ୍ଛା ସତ୍ତ୍ୱେ ଭ୍ରମଣ କରିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଲାଭ ହେବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହୋଇପାରେ ।

**କର୍କଟ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ପାରିବାରିକ ଜୀବନ ହସିଲା ଫୁରିଲା ହେବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରିବେ ।

**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଆୟ ଓ ବ୍ୟୟ ସ୍ଥିର ରହିବ । ଘରେ ଶାନ୍ତିର ବାତାବରଣ ରହିବ । ନୂତନ ଦ୍ରବ୍ୟ ଲାଭ କରିବାର ସୁଯୋଗ ଜୁଟିପାରେ ।

**କନ୍ୟା:** ଦେବ ଦର୍ଶନ ସହ ସେବାପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ହଠାତ୍ କୌଣସି ଖବର ପାଇ ଚିନ୍ତିତ ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ବିଶୃଙ୍ଖଳା ଦେଖାଦେବାର ସୂଚନା ମଧ୍ୟ ରହିଛି ।

**ତୁଳା:** ବ୍ୟବସାୟ ଆପଣଙ୍କର କ୍ଷତିରେ ଚାଲିପାରେ । ଖର୍ଚ୍ଚର ପରିମାଣ ବଢ଼ିପାରେ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ଗର୍ବୀ ହେବେ । ଶତ୍ରୁ ପରାସ୍ତ ହେବେ । ମାନସିକ ଦୁଶ୍ଚିନ୍ତା ଦେଖାଦେଇପାରେ ।

**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ସତ କଥା କହି ବିରୋଧି ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଘରେ କଳହ ଦେଖାଦେବ । ବନ୍ଧୁଙ୍କ ସହ ମତାନ୍ତର ।

**ଧନୁ:** କର୍ମକ୍ଷେତ୍ରରେ ଆପଣ ଉପଯୁକ୍ତ ପାରିଶ୍ରମିକ ପାଇ କୃତାର୍ଥ ହେବେ । ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ରୋଜଗାର ଭଲ ହେବ । ଘରେ ଆନନ୍ଦ ଲାଭ ହେବ ।

**ମକର:** ଆର୍ଥିକ ସ୍ଥିତି ଭଲ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଓ ମନ ଭଲ ରହିବ ।

**କୁମ୍ଭ:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ଘରେ ଶାନ୍ତିର ବାତାବରଣ ରହିବ ।

**ମୀନ:** ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ । ନୂତନ କାର୍ଯ୍ୟ ହାତକୁ ଆସିପାରେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ପ୍ରାପ୍ତ ହେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୫।୧୨।୨୦୨୪, ମାର୍ଗଶିର ଦି୩୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୧୩।୪୪** **ଚନ୍ଦ୍ରୋଦୟ- ସଂଘ ୫।୦୩।୧୮**

**ପୂର୍ଣ୍ଣିମା-** ଦିଘ ୨।୩୨ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ରାଘ୨।୨୧ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଦିଘ ୩।୦୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । ଦିଘ ୩।୦୪ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ଦିଘ ୩।୦୪ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ପ୍ରତିପଦର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ୨।୩୨ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୦୧ ଗତେ ଘ ୯।୧୦ ମଧ୍ୟେ । ଦିଘ ୧।୦୩ ଗତେ ଘ ୨।୫୬ ମଧ୍ୟେ । **ପର୍ବୋତ୍ସବ -** ପଣ୍ଡୁ ପୂର୍ଣ୍ଣିମା, ଧନୁ ସଂକ୍ରାନ୍ତି, ସର୍ଦ୍ଦାର ପଟେଲ ତିରୋଧାନ ଦିବସ ।

30 YEARS
ସମ୍ବାଦ କଳିକା

# ପେନ୍‌ସନରେ ଅଧିକ ଖର୍ଚ୍ଚ

କେନ୍ଦ୍ର ସରକାର ଏବଂ ତିନିଟି ରାଜ୍ୟ କର୍ମଚାରୀମାନଙ୍କ ବେତନ ଓ ପାଉଣାରେ ଯେତିକି ଟଙ୍କା ଖର୍ଚ୍ଚ କରୁନାହାନ୍ତି, ତାଠାରୁ ଅଧିକ ଟଙ୍କା ପେନସନ ପାଇଁ ବ୍ୟୟ କରୁଛନ୍ତି ସିଏଜି ରିପୋର୍ଟରୁ ଏହା ଜଣାପଡିଛି । ଗୁଜୁରାଟ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗରେ ଦରମାଠୁ ପେନସନ ଖର୍ଚ୍ଚ ଅଧିକ ରହିଛି । ସିଏଜି ରିପୋର୍ଟ ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ କେନ୍ଦ୍ରଙ୍କ ମୋଟ ବ୍ୟୟ ୯.୭୮ ଲକ୍ଷ କୋଟି ଟଙ୍କା ଥିଲା । ସେଥିରୁ ବେତନ ଓ ପାଉଣା ବାବଦରେ ୧.୩୯ ଲକ୍ଷ ଟଙ୍କା ଏବଂ ୧.୮୩ ଲକ୍ଷ କୋଟି ଟଙ୍କା ପେନସନ ଦେବାରେ ଖର୍ଚ୍ଚ ହୋଇଥିଲା । ଋଣ ପରିଶୋଧ ଓ ସୁଧ ପ୍ରଦାନରେ ସରକାର ୬.୫୫ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିଲେ । କେନ୍ଦ୍ର ସରକାରଙ୍କ ମୋଟ ଖର୍ଚ୍ଚରେ ପେନ୍‌ସନର ଭାଗ ୧୯ ପ୍ରତିଶତ ଓ ଦରମା ଭାଗ ୧୪ ପ୍ରତିଶତ ରହିଥିଲା । ୨୦୧୯-୨୦ରେ ଗୁଜୁରାଟ ୧୭,୬୩୩ କୋଟି ଟଙ୍କା ପେନ୍‌ସନରେ ଖର୍ଚ୍ଚ କରିଥିବା ବେଳେ ବେତନ ପାଇଁ ୧୧,୧୨୬ କୋଟି ଟଙ୍କା ବ୍ୟୟ କରିଥିଲା । ସେହିପରି କର୍ଣ୍ଣାଟକ ପକ୍ଷରୁ ପେନ୍‌ସନରେ ୧୮,୪୦୪ କୋଟି ଟଙ୍କା ଏବଂ ବେତନରେ ୧୪,୫୭୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ପଶ୍ଚିମବଙ୍ଗର ପେନସନ ଖର୍ଚ୍ଚ ୧୭,୪୬୨ କୋଟି ଟଙ୍କା ଏବଂ ବେତନ ଖର୍ଚ୍ଚ ୧୬,୯୧୫ କୋଟି ଟଙ୍କା ଥିଲା । ଓଡ଼ିଶା ସମେତ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ତାମିଲନାଡୁରେ ବେତନ ଖର୍ଚ୍ଚର ଦୁଇ ତୃତୀୟାଂଶ ହେଉଛି ପେନସନ ଖର୍ଚ୍ଚ । ଗୁଜରାଟ ଓ ହିମାଚଳପ୍ରଦେଶ ନିର୍ବାଚନରେ ପୁରୁଣା ପେନସନ ସ୍କିମ ଏକ ପ୍ରମୁଖ ନିର୍ବାଚନ ପ୍ରତିଶ୍ରୁତି ଭାବେ ଉଭା ହୋଇଥିଲା । ଭୋଟ ହାତେଇବା ଲାଗି କିଛି ରାଜ୍ୟ ପୁରୁଣା ପେନସନ ସ୍କିମ୍‌କୁ ପୁଣି ଥରେ ଲାଗୁ କରିବା ବିଷୟରେ ବିଚାର କରୁଛନ୍ତି । କଂଗ୍ରେସ ଶାସିତ ରାଜସ୍ଥାନ ଓ ଛତିଶଗଡ଼ ସରକାର ଏହି ସ୍କିମ୍‌କୁ ପୁନର୍ବାର ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବେତନ, ପେନ୍‌ସନ, ଋଣ ପରିଶୋଧ ଓ ସୁଧ ଆଦିରେ ହେଉଥିବା ଖର୍ଚ୍ଚକୁ ପ୍ରତିବଦ୍ଧ ଖର୍ଚ୍ଚ କୁହାଯାଉଛି । ଏଥିରେ ଅଧିକ ଖର୍ଚ୍ଚ ହେଲେ ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶମୂଳକ ସ୍କିମ ବା ପ୍ରକଳ୍ପରେ ଖର୍ଚ୍ଚ ବଢାଇବା ଲାଗି ସରକାରଙ୍କ ପାଖରେ ସୁଯୋଗ ରହେନାହିଁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱାହା ସ୍ୱଧା ନମସ୍ତୁତେ ।'


ଶ୍ରୀ ଅଭିରାମ ସରସ୍ୱତୀ

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ଥ ବ୍ୟସ୍ତ
କଲା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ବଧୂ ବିଦେଶିନୀ ୭

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

# ୧୭ ଯବଦ୍ୱୀପରୁ କଳିଙ୍ଗର ପାଲୁରାକୁ ଯାତ୍ରା



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏ ଯାତ୍ରା ମୋ' (କଲ୍ଲୋଳିନୀ)ର ନିମିତ୍ତ ଥିଲା ପ୍ରଥମ ଅନୁଭୂତି ଓ ଲୋମହର୍ଷଣକାରୀ। ମନରେ କେବଳ ଦମ୍ଭ ଆସୁଥିଲା ଯେ ମୋ ସାଥିରେ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ଓ ସଖୀ ସୁହାସିନୀ ଅଛନ୍ତି ବୋଲି। ମୁଁ ଯାଉଛି ମୋ ପିତୃପୁରୁଷଙ୍କ କଳିଂଗ ଦେଶ ଓ ମୋର ତତ୍ତ୍ୱାବଧାରକ ଯବଦ୍ୱୀପରେ ବାଣିଜ୍ୟ କରୁଥିବା ଜଣେ କଳିଂଗ ସାଧବ ବୋଲି ଭାବିଲେ ମୋ ସାହସ ବହୁଗୁଣିତ ହୋଇ ଯାଉଥିଲା। ଶୀଘ୍ର ୨-୩ ଦିନରେ ଯାତ୍ରା କରିବାକୁ ହେବ। ସମସ୍ତ ପ୍ରସ୍ତୁତି ଶେଷ। କେବଳ ଦୃଢ ମାନସିକ ପ୍ରସ୍ତୁତି ଆବଶ୍ୟକ। ପରିଜନଙ୍କ ମଧ୍ୟରେ ଦୁଃଖର ଛାୟା ପ୍ରକଟିତ ହେଲା ମୋତେ ଦେଖି କ୍ରନ୍ଦନ କରିବା ଓ ମାନସିକ ବଳ ଦେବାରେ। ଏହିପରି ଯାତ୍ରାର ଦିନ ଆସିଗଲା। ସମସ୍ତ ପୂଜା ଅର୍ଚ୍ଚନା ଶେଷ ହେବା ପରେ ଗୃହରୁ ବିଦାୟ ନେଲି। ସେଠାରେ ଥିଲା ବିବାହ କରି କନ୍ୟା ବିଦାୟ ସମୟର ଦୁଃଖ ମଧ୍ୟରେ ରହିଥିବା ସୁଖର ପରିବେଶ। ପିଯୂସୀ ନାନୀ ଓ ଜ୍ୟେଷ୍ଠ ପିତାଙ୍କ ଆଭାର ପ୍ରକଟିତ କରି ଆଶୀର୍ବାଦ ଲାଭ କଲି। ସମସ୍ତ ଗୁରୁଜନ କନିଷ୍ଠ ଆଦିଙ୍କ ଠାରୁ ଅଶ୍ରୁପୂର୍ଣ୍ଣ, ବିଦାୟ ନେଲି। ସେପରି ଅବସ୍ଥା ମଧ୍ୟ ସୁହାସିନୀ କ୍ଷେତ୍ରରେ ଥିଲା।

ପୋତାଶ୍ରୟ ଯାଉଥିବା ସମୟରେ ଅନେକ ଲୋକ ପଥର ଦୁଇପଟେ ଠିଆ ହୋଇ ପୁଷ୍ପ ଅକ୍ଷତ ଆମ ଉପରକୁ ନିକ୍ଷେପ କରି ମଙ୍ଗଳକାମନା କରୁଥିଲେ। ଆମ୍ଭେ ଦୁହେଁ ପରିଧାନ କରିଥିଲୁ ପୀତ (ହଳଦିଆ) ବସ୍ତ୍ର, ମସ୍ତକର କେଶରେ ଥିଲା କବରୀ, ଲଲାଟରେ ଚଂଦନ ଓ ସିନ୍ଦୁର ଇତ୍ୟାଦି। ଏ ମୁନିକନ୍ୟା ସନ୍ୟାସିନୀ ବେଶ ଦେଖି ନାରୀମାନେ ଆମ୍ଭ ରୂପ ସୌନ୍ଦର୍ଯ୍ୟର ପ୍ରଶଂସା ମୁଖ ଓ ହସ୍ତର ଇଙ୍ଗିତରେ ପ୍ରକାଶ କରୁଥିଲେ। ଏହି ପରି ପରିସ୍ଥିତିରେ ଆମ୍ଭେ ସମସ୍ତେ ପୋତାଶ୍ରୟରେ ଉପନୀତ ହେଲୁ। ପ୍ରଜାମାନଙ୍କ ପାଇଁ ଏ ଥିଲା ଆମ୍ଭମାନଙ୍କର ଏକ ବିରାଟ ଉପଲବ୍ଧି। କାରଣ ବିଦେଶ ଗମନ ଓ ନାରୀପକ୍ଷେ ଉଚ୍ଚଶିକ୍ଷା ଗ୍ରହଣ ସେ ସମୟରେ ବିରଳ ଥିଲା।

ଏହି ସମୟରେ ଦୃଶ୍ୟର ଆଂଶିକ ପରିପ୍ରକାଶ କବିତାରେ କରିବାକୁ ମନ ହେବାରୁ ଦୁଇ ପଦରେ ବଖାଣି ଦେଉଛି।

ମୋ ସହପାଠିନୀ ସଖୀ ସୁହାସିନୀ
ଆଉ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ
ତତ୍ତ୍ୱାବଧାରକଆର୍ଯ୍ୟ ପୁଣ୍ଡରିକ
ସର୍ବେ ହୋଇଗଲୁ ପ୍ରସ୍ତୁତ ।।୧।।
ତ୍ୟାଗିଲି ତେଜସ୍ୱୀ ବେଶଭୂଷା ଆଦି
ଧରିଲି ରୂପ ସନ୍ୟାସିନୀ
ସ୍ୱଜ୍ଞ ସାଧନ ସହ ପ୍ରବେଶ ବହିତ୍ରେ
ପରିତ୍ୟାଗି ବିଚ୍ଛେଦ ଗ୍ଲାନି ।।୨।।

(ଲେଖକଙ୍କ "କାବ୍ୟ କଲ୍ଲୋଳିନୀ"ରୁ ଉଦ୍ଧୃତ)

ଏହାପରେ ପୋତାଶ୍ରୟରେ ଉପନୀତ ହେଲୁ। ସେଠାରେ ମଧ୍ୟ ଆମ୍ଭର ବିଦାୟ କାଳୀନ ଦୃଶ୍ୟ ଦେଖିବାକୁ ଅନେକ ଲୋକଙ୍କ ସମାବେଶ। ଆମକୁ ଦେଖିଲା ପରେ ବାଦ୍ୟ ବାଦନ, ହୁଳହୁଳି, ହରିବୋଲର ଧ୍ୱନି। ପିତାମାତା ପରିଜନମାନେ ମଧ୍ୟ ସେଠାରେ ଉପସ୍ଥିତ। ଦୁବଘାସ, ଅରୁଆ ଚାଉଳ, ଚନ୍ଦନ, ସିଂଦୁର ଆଦିର ସାହାଯ୍ୟ ନେଇ ଆମକୁ ବଂଦାପନା କରାଗଲା।

ଆଶ୍ରୁଳ ନୟନରେ ସମସ୍ତେ। ଆଶୀର୍ବାଦ ଦେଇ ମୋତେ କିପରି ଚଳିବୁ, କ'ଣ ଖାଇବୁ, ଘର ମନେ ପକାଇ କାନ୍ଦିବୁନି, ମନଦେଇ ପାଠ ପଢ଼ିବୁ ଇତ୍ୟାଦି ଉପଦେଶ ସମସ୍ତେ ଦେଉଥାନ୍ତି। ଏତାଦୃଶ ପରିବେଶରେ ସମସ୍ତଙ୍କଠାରୁ ଆମ୍ଭେ ଦୁହେଁ ବିଦାୟ ନେଲୁ। ଆର୍ଯ୍ୟ ପୁଣ୍ଡରିକ ଆମ ଆଗରେ ରହି ବହିତ୍ର (ବୋଇତ) ମଧ୍ୟକୁ ବାଟ କଢାଇ ନେଲେ। ଆମେ ସମସ୍ତଙ୍କୁ ଦେଖିକରି ଠିଆ ହୋଇ ରହିଲୁ।

ତା'ପରେ ବୋଇତକୁ ବନ୍ଧା ହୋଇଥିବା ରସିରୁ ଅଲଗା କରି ଦିଆଗଲା। ପାଲଟଣା ହୋଇଥିବାରୁ ମଳୟ ସମୀରର ପ୍ରବାହରେ ତାହା ସମୁଦ୍ର ମଧ୍ୟକୁ ଗତିକରିଲା। ଆମେ ଦୁହେଁ ଅଶ୍ରୁଳ ନୟନରେ ନିଜ ଜନ୍ମସ୍ଥାନ, ପରିଜନ ଓ ପ୍ରିୟ ଲୋକଙ୍କଠାରୁ ବିଦାୟ ନେଲୁ। ମନରେ କୋହ ଆସିଲା। ଭାବିଲୁ କି ସତରେ ସବୁଦିନପାଇଁ ଏମାନଙ୍କୁ ଛାଡି ଯାଉଛୁ କି ? ଯାହାହେଉ ପରେ ପରେ ମନକୁ ବୁଝେଇ ଦେଲୁ। ଆମେ ଦୁହେଁ, ଗୁରୁଦେବ ଓ ଆର୍ଯ୍ୟ ପୁଣ୍ଡରିକ ନିଜ ନିଜ ସ୍ୱତନ୍ତ୍ର କକ୍ଷକୁ ଗଲୁ।

କକ୍ଷ ମଧ୍ୟରେ ରହି ଅବଲୋକନ କରିଲାଗିଲୁ ସାଗରର ଅପୂର୍ବ ମନଲୋଭା ଦୃଶ୍ୟ। ସୁଦୂରବ୍ୟାପୀ ସୁନୀଳ ସୁଂଦର ଜଳରାଶି। ମୃଦୁ ତରଙ୍ଗାୟିତ ନୀରରାଶି ମଧ୍ୟରେ କ୍ରୀଡମାନ ନାନାରଂଗର ପକ୍ଷୀସକଳ। ଗଭୀର ନୀର ମଧ୍ୟରେ ଇତସ୍ତତଃ ଚଳମାନ ଭିନ୍ନ ଭିନ୍ନ ରଂଗ ଓ ଆକାରର ମତ୍ସ୍ୟ ଆଦି ଜଳଜୀବ। ମୃଦୁ ମଳୟ ସମୀରର ସୁରୋଚକ ସ୍ପର୍ଶ। ଆକାଶରେ ସୂର୍ଯ୍ୟଦେବ, ଚନ୍ଦ୍ରମା ଓ ତାରକାଗଣଙ୍କ ସୌମ୍ୟ ପରିପ୍ରକାଶ। ଏ ସବୁ ଜଳବାୟୁଜନିତ କଷ୍ଟକୁ ନିବାରଣ କରିବାପାଇଁ ଯଥେଷ୍ଟ ଥିଲା।

ଯେତେବେଳେ ମନହୁଏ ପରିବର୍ତ୍ତନ ପାଇଁ କକ୍ଷ ବାହାରକୁ ଆସିଯାଇ ବହିତ୍ରର ମୁକ୍ତ ଆକାଶ ଅଂଶରେ ବସି ପଡିଲେ ସୌନ୍ଦର୍ଯ୍ୟ ଅନୁଭବ ବହୁଗୁଣ ବୃଦ୍ଧି ପାଇଯାଉଥାଏ। ତା'ସହ ମଧ୍ୟ ସେଠାରେ ଆତଯାତ ହେଉଥିବା କାର୍ଯ୍ୟରତ କର୍ମଚାରୀଙ୍କ ସହିତ କଥା ହୋଇଥାଉ। ଅନେକ ସଂସ୍କୃତ ଭାଷା କହି ପାରୁ ନଥିଲେ ମଧ୍ୟ ଅନୁମାନ କରି ବୁଝିପାରୁଥିଲେ। କାରଣ ସେମାନେ କହୁଥିବା ଭାଷା ବହୁଳ ସଂସ୍କୃତ ଶବ୍ଦରେ ଭରପୁର। ସେମାନଙ୍କ ମଧ୍ୟରୁ କିଛି କର୍ମଚାରୀ ମଧ୍ୟ ସଂସ୍କୃତ ଭାଷାରେ ନିପୁଣ ଥିବାରୁ ସେମାନଙ୍କ ସହ କଥା ହେବାରେ କୌଣସି ଅସୁବିଧା ନ ଥିଲା। ସେମାନେ ମଧ୍ୟ ଆମ୍ଭ ଓ ଅନ୍ୟମାନଙ୍କ ମଧ୍ୟରେ ଅନୁବାଦକର ଭୂମିକା ନେଉଥିଲେ। ସମୟ ସମୟରେ ଆର୍ଯ୍ୟ ପୁଣ୍ଡରିକ ଆସି ଆମ୍ଭମାନଙ୍କପାଇଁ ଅନୁବାଦ କରି ଦେଉଥିଲେ। ଏ ସବୁ ସାଧାରଣ କର୍ମଚାରୀଙ୍କ କଥୋପକଥନ ଆମ୍ଭମାନଙ୍କପାଇଁ ଜ୍ଞାନର ଭଣ୍ଡାର ଥିଲା।

ଆମ୍ଭେଦ୍ୱୟ ବେଳେବେଳେ ପୋତର ଚଟାଣକୁ ଯିବା ଦେଖି ଆଚାର୍ଯ୍ୟ ମଧ୍ୟ ଆସିଯାଇ ଆମ୍ଭ ସହ ଯୋଗ ଦିଅନ୍ତି। ସେ ବା କକ୍ଷରେ ଏକା ଏକା କେତେ ସମୟ ବସିବେ ? ସେଠାରେ ସେ କଳିଂଗ ବିଷୟରେ ପଢାଉଥିବା ଜ୍ଞାନ ପୁନଃ କହିଚାଲନ୍ତି। ନୂତନ କିଛି ନ ଥିଲେ ମଧ୍ୟ ସେ ସବୁ ଆମ ମନ ମଧ୍ୟରେ ସଞ୍ଜୀବିତ ହୋଇଯାଆନ୍ତି। ଏତଦ୍‌ବ୍ୟତୀତ ଅନେକ ନୀତିଶିକ୍ଷା, ଜୀବନର ବହୁବିଧ ଘଟଣାବଳୀ, ଜୀବନ ଦର୍ଶନ ତଥା ଶାସ୍ତ୍ରାଦି ବିଷୟରେ ବଖାଣି ଚାଲନ୍ତି। ଆର୍ଯ୍ୟ ପୁଣ୍ଡରିକ ମଧ୍ୟ ଆମପାଖରେ ବସି ଏ ସବୁ ଶୁଣନ୍ତି ଓ ଆଚାର୍ଯ୍ୟଙ୍କ ଜ୍ଞାନର ପ୍ରଶଂସା କରନ୍ତି।

ଦିନେ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ଏତାଦୃଶ ବିଦ୍ୱତା ଆମକୁ ବିତରଣ କରିବା ସମୟରେ ହଠାତ୍ କହି ଉଠିଲେ, "ହେ ଶ୍ରେଷ୍ଠୀବର, ତୁମ୍ଭେ ତ କଳିଂଗର ବାସିନ୍ଦା। ଆମ୍ଭେ ଯାହା ଜାଣିଛୁ ତାହା ହେଲା ପୁସ୍ତକସ୍ଥ ବିଦ୍ୟା। କିନ୍ତୁ ତୁମ୍ଭେ ପ୍ରତ୍ୟକ୍ଷ ବାସ୍ତବ ଜ୍ଞାନର ଅଧିକାରୀ। ଏଣୁ ସେ ବିଷୟରେ ତୁମ୍ଭେ ଆମ୍ଭମାନଙ୍କୁ କିଛିଟା ଆଲୋକପାତ କରିଲେ ଆମ୍ଭେ ଆନଂଦିତ ହେବୁ" । ବୋଧହୁଏ ଏଥିପାଇଁ ସେ ମୌନ ରହି କେବଳ ଶୁଣୁଥିଲେ। ଏହା ଶୁଣି ପୁଲକିତ ମୁଖରେ ତାଙ୍କର ମସ୍ତକର ଗଭୀର କୋଣରେ ଗଚ୍ଛିତ ଜ୍ଞାନ ଅନର୍ଗଳ ପରିବେଷଣ କରିଲାଗିଲେ। କଳିଂଗର ବୀରତ୍ୱ, ଧର୍ମ, ସଂସ୍କୃତି, ପରମ୍ପରା, ସଂସ୍କୃତ ସାହିତ୍ୟକୁ ଅବଦାନ, କୀର୍ତ୍ତିରାଜି, ଭୂଗୋଳ ଇତ୍ୟାଦି ଅନେକ ଦିଗକୁ ଅତି ସୁଂଦର ଭାବରେ ଆମ ଆଗରେ ଉପସ୍ଥାପନ କରିଲାଗିଲେ। ଆମ୍ଭେ ସବୁ ଏ ସମସ୍ତ ବାଣୀଭଣ୍ଡାରରୁ ଆଗତ କଥାମାନ ଆଶ୍ଚର୍ଯ୍ୟହୋଇ ଶୁଣି ପ୍ରୀତ ହେଉଥିଲୁ। କକ୍ଷକୁ ଗଲେ ମୁଁ ସୁହାସୀକୁ କହେ, "ଦେଖରେ ସୁହାସୀ, ଯଦି କଳିଂଗରେ ଏକ ବଣିକ ଏତେ ମହାଜ୍ଞାନୀ, କଳିଂଗର ବିଦ୍ୱାନ, ଅଧ୍ୟାପକ ଆଦି କେତେ ଉଚ୍ଚକୋଟିର ହୋଇ ନ ଥିବେ।" ତା'ପରେ ଏ ସମୟରେ ତାଙ୍କର ଭାଷଣ ଶୁଣି ମୁଁ ଓ ସୁହାସୀ କହି ପକାଇଲୁ, "ହେ, ଆର୍ଯ୍ୟ ମହାଭାଗ, ତୁମେ ଦେବୀ ସରସ୍ୱତୀଙ୍କ ପୁତ୍ର ପରି ଆମ୍ଭ ଆଗରେ ଉପବେସନ କରିଅଛ। ତୁମ୍ଭେ ଏତେ ଜ୍ଞାନର ଅଧିକାରୀ କିପରି ହେଲ ?" ଗୁରୁଦେବ ଆମ୍ଭକୁ ସମର୍ଥନ କରି କହିଲେ, "ହେ ବିଦ୍ୱାନ ସାଧବଶ୍ରେଷ୍ଠ, ଏ କନ୍ୟାମାନଙ୍କ କଥାରେ ସମ୍ମତ ହୋଇ ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଉଛି। ତୁମ୍ଭେ ଏ ବିଦ୍ୟା କିପରି ଆହରଣ କରିଲ, ସେ ବିଷୟ କଥନ କରି ଆମ୍ଭଙ୍କୁ ଆପ୍ୟାୟିତ କର।"

ଆଭାର ପ୍ରକଟ କରି ପୁଣ୍ଡରିକ କହିଲେ, "ଏ ସବୁ ମୋ ପୂର୍ବଜଙ୍କ ଅବଦାନ। ଆମ୍ଭ ବଂଶ ସହସ୍ର ସହସ୍ର ବର୍ଷ ଧରି ବିଦେଶରେ ବାଣିଜ୍ୟ କରିଆସୁ ଅଛି ବୋଲି ମୁଁ ଶୁଣିଅଛି। ତେଣୁ ଏ ସବୁକୁ ସୁବ୍ୟବସ୍ଥିତ କରିବାପାଇଁ ପୂର୍ବଜମାନେ ସମସ୍ତ ଜ୍ଞାନ ଆହରଣ କରିଥାନ୍ତି। ତାହା ପୁରୁଷ ପରେ ପୁରୁଷ ବଂଶଧରମାନେ ଆହରଣ କରିଥାନ୍ତି। ସେପରି ମୁଁ ମୋ ପିତା ପିତାମହଙ୍କଠାରୁ ବାଲ୍ୟକାଳରୁ ଶିକ୍ଷାକରିଆସୁଅଛି। ବିଦ୍ୟାଳୟ ଶିକ୍ଷାରେ ତଥା ଗୃହରେ ସ୍ୱତନ୍ତ୍ରଭାବେ ପଣ୍ଡିତମାନଙ୍କ ଶିକ୍ଷା ମୋ ଉପରେ ଯଥେଷ୍ଟ ପ୍ରଭାବ ପକାଇଛନ୍ତି। ଏ ସବୁ ଭଗବାନଙ୍କର ଆଶୀର୍ବାଦର ଫଳ।" ମୁଁ ତତ୍ପର କହିଲି ''ଯେ ଆମ୍ଭ ଉଚ୍ଚଶିକ୍ଷା ଆହରଣର ପୂର୍ବରୁ ତୁମ୍ଭେ ଆମ୍ଭର ଗୁରୁଦେବ ହୋଇଗଲ। ଏଥିପାଇଁ ଆମ୍ଭେ ଆଭାରୀ।" ଏହା ଶୁଣି ପୁଣ୍ଡରିକ ମହାଶୟ କୃତ୍ୟକୃତ୍ୟ ହୋଇ ଯୋଡ ହସ୍ତରେ ସ୍ୱୀକାର କରିନେଲେ।

ଯାତ୍ରା ସମୟରେ ଭାଗ୍ୟବଶତଃ ଆମ୍ଭେମାନେ ଜଳଦସ୍ୟୁ ଆକ୍ରମଣପରି ଅପ୍ରୀତିକର ସମସ୍ୟାର ସମ୍ମୁଖୀନ ହୋଇନାହୁଁ। ସେଥିପାଇଁ କଳିଂଗ ଯୋଦ୍ଧାମାନେ ଆମ୍ଭ ପୋତରେ ରହିଥିଲେ। ସେମାନେ ପ୍ରତିଦିନ ଯୁଦ୍ଧ ଅଭ୍ୟାସ କରୁଥିଲେ। ସେମାନଙ୍କର ବିଭିନ୍ନ ଯୁଦ୍ଧଶୈଳୀର ପ୍ରଦର୍ଶନ ଆମ୍ଭପାଇଁ ଉପଭୋଗ୍ୟ ଥିଲା। ଆମ୍ଭେମାନେ ସେ ସବୁ ଯୁଦ୍ଧ କୌଶଳର ପୁଙ୍ଖାନୁ ପୁଙ୍ଖ ବିବରଣ ପଚାରି ବୁଝି ଆନନ୍ଦ ଅନୁଭବ କରୁଥିଲୁ।

ଏ ବୋଇତର ପରିସରରେ ଆଉ ଏକ ମନୋରଂଜନର ମାଧ୍ୟମ ଥିଲା ସଂଧାକାଳୀନ କର୍ମଚାରୀମାନଙ୍କର ଧାର୍ମିକ ଭଜନ କୀର୍ତ୍ତନ । ସଂଧ୍ୟାପରେ ଦେବଦେବୀଙ୍କ ପୂଜା ଆରମ୍ଭ ହୁଏ। ଏଥିରେ ମର୍ଦ୍ଦଳ, ଗିନି, ଝାଂଜ ଆଦିର ସ୍ୱନ ସହ ଭଗବାନଙ୍କ ଭଜନ କାର୍ଯ୍ୟ ଚାଲିଥାଏ। ଦେବଦେବୀଙ୍କ ପୂଜା ସହ ପ୍ରସାଦ ଅର୍ପଣ ଓ ସେବନ କର୍ମଚାରୀଙ୍କ ଜୀବନରେ ଦୀର୍ଘ ଦିନର କାର୍ଯ୍ୟରୁ ଅବସର ମିଳିବାପରେ ଆନଂଦକର ପରିବେଶ ସୃଷ୍ଟି କରିଥାଏ। ତତ୍‌ସଂଗେ ସଂଗେ ମୃଦୁ ମାଦକ ଦ୍ରବ୍ୟ, ଯଥା ଗଂଜେଇ, ସେବନ କରି ବୋଇତ କର୍ମୀମାନେ ଜୀବନକୁ ଉପଭୋଗ କରିଥାନ୍ତି। ଏତଦ୍ ବ୍ୟତୀତ ବିଭିନ୍ନ ପୁରାଣ ପଠନ ଓ ଚର୍ଚ୍ଚା ଆଦି ସେମାନଙ୍କ ଜୀବନକୁ ସରସସୁନ୍ଦର କରିଥାଏ। ଏ ସବୁ ଆମ୍ଭମାନଙ୍କପାଇଁ ମଧ୍ୟ ଦେଖିବାକୁ ଉପଭୋଗ୍ୟ ହେଉଥିଲା।

ମୋଟ ଉପରେ କହିବାକୁ ହେଲେ ଆମ ବୋଇତ ଥିଲା ଏକ ଛୋଟ ଗ୍ରାମର ଏକ ଛୋଟ ପଡା, ଯେଉଁଠାରେ ଭିନ୍ନଭିନ୍ନ ବର୍ଗର ଲୋକମାନେ ଏକ ସାମୂହିକ ଅନ୍ତରଙ୍ଗ ଜୀବନ ଅତିବାହିତ କରୁଥିଲେ। ଏଠାରେ ଯେଉଁ ଅନୈକ୍ୟ ମଧ୍ୟରେ ଐକ୍ୟ ବିରାଜମାନଥିଲା, ତାହା ଚାକଚକ୍ୟପୂର୍ଣ୍ଣ ପୌର ଜୀବନରେ ଅନୁଭୂତ ହୁଏ ନାହିଁ। ଏଇ ତ ଜୀବନ !

କିଛିଦିନ ପରେ ଆର୍ଯ୍ୟ ପୁଣ୍ଡରିକ ଆମ ନିକଟକୁ ଆସି ଆଚାର୍ଯ୍ୟଙ୍କୁ କହିଲେ, "ମହାଭାଗ, କାଲି ଆମ୍ଭେମାନେ ପାଲୁରା ପୋତାଶ୍ରୟରେ ପହଞ୍ଚିଯିବା। ଯଦି ତୁମ୍ଭେମାନେ ଆଗ୍ରହୀ, ମୁଁ ତା'ର ଐତିହ୍ୟ, ପ୍ରାଧାନ୍ୟ ଆଦି ବିଷୟରେ କିଛି ବଖାଣିବି।" ଆଚାର୍ଯ୍ୟ କହିଲେ, "କାହିଁକି ନୁହେଁ ! ତୁମ୍ଭ ପରି ଜଣେ ବିଦ୍ୱାନଙ୍କଠାରୁ ଆମ୍ଭେ ଏ ସବୁ ଶୁଣିଲେ ଆପ୍ୟାୟିତ ହେବୁ। ତେଣୁ କହିଚାଲନ୍ତୁ"।
ତା'ପରେ ଆର୍ଯ୍ୟ ପୁଣ୍ଡରିକ ପାଲୁରା ବିଷୟରେ ଅନେକ ପାଣ୍ଡିତ୍ୟପୂର୍ଣ୍ଣ କଥା ଆମକୁ କହି ଚାଲିଲେ।

### ୧୮. ପାଲୁରା ପୋତାଶ୍ରୟ

ଦକ୍ଷିଣ କଳିଂଗର ଦକ୍ଷିଣ ଭାଗରେ ଥିବା କଂଗୋଦର ସମ୍ବନ୍ଧରେ ଅତି ସଂକ୍ଷେପରେ କହୁଅଛି। କଂଗୋଦ ଅଞ୍ଚଳର ମଧ୍ୟଭାଗରେ ଅବସ୍ଥିତ ଏହି ପୋତାଶ୍ରୟ କେତେ ଯେ ପ୍ରାଚୀନ ତା କହି ହେବ ନାହିଁ। କିନ୍ତୁ ଏହାର ସର୍ବପୁରାତନ ଉଲ୍ଲେଖ ୨ୟ ଶତାବ୍ଦୀର ଗ୍ରୀକ୍ ଭୂଗୋଳବିତ୍ ଟଲେମୀଙ୍କ ବିଭିନ୍ନ ଲେଖାରୁ ଜ୍ଞାତ ହୋଇଥାଏ। ଏହାର ଅବସ୍ଥିତି ଆଫଂଟରିଅନ୍ ନାମକ ଏକ ପୋତାଶ୍ରୟ ନିକଟରେ ଥିଲା ଓ ଏଠାରୁ ସୁବର୍ଣ୍ଣଭୂମିକୁ ବୋଇତମାନ ଯାଉଥିଲା। ଏହି ଆଫଂଟରିଅନ୍ ବର୍ତ୍ତମାନର ଗଂଜାମ ଅଞ୍ଚଳର ବୋଲି ଅନୁମାନ କରାଯାଏ।"

ସେ ଯାହାହେଉ ଆମ୍ଭେ ତ ସେ ପୋତାଶ୍ରୟ ପହଞ୍ଚିବୁ। ତେଣୁ ତାହା ବିଷୟରେ କିଛି କୁହ ବୋଲି ଆମ୍ଭେ ପ୍ରଶ୍ନ କରିବାରୁ ପୁଣ୍ଡରିକ କହିଚାଲିଲେ, "ଏହି ପାଲୁରା ଶବ୍ଦ ପାଲ ଓ ଉରା ଶବ୍ଦଦ୍ୱୟର ମିଶ୍ରଣରେ ଗଠିତ। 'ପାଲ୍'ର ଅର୍ଥ ସ୍ଥାନୀୟ ଭାଷାରେ ହେଉଛି 'ଦାନ୍ତ' ଓ 'ଉରା' ଅର୍ଥ 'ନଗର'। ଏଠାରୁ ସ୍ଥାନୀୟ ତଥା ପଶ୍ଚିମ କଳିଂଗରୁ ଆସୁଥିବା ହାତୀଦାନ୍ତ ଓ ସେଥିରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିଦେଶକୁ ପ୍ରଚୁର ନିର୍ଯ୍ୟାତ ହେଉଥିବାରୁ ଏହାର ଏପରି ନାମକରଣ ହୋଇଅଛି।"

ପୁନଃ ସେ କହିଚାଲିଲେ, " ଏହି ହାତୀଦାନ୍ତ ଶବ୍ଦର ଆଧାରରେ ଅନୁମାନ କରାଯାଇପାରେ ଯେ, ଖ୍ରୀଷ୍ଟପର ହଜାର ହଜାର ବର୍ଷ ତଳେ ଲିଖିତ ମହାଭାରତର ଉଦ୍ୟୋଗ ପର୍ବରେ ପରିଲକ୍ଷିତ ଶବ୍ଦ 'ଦନ୍ତକୁରା' ଏହି ପାଲୁରା ହୋଇପାରେ। ସେହିପରି ରୋମୀୟ ଲେଖକ ପ୍ଲିନୀ (ସମୟ ପ୍ରଥମ ଶତାବ୍ଦୀ)ଙ୍କ କୃତିରେ ଲେଖାଯାଇଥିବା 'ଦଣ୍ଡଗୁଲ' ଓ ବିଭିନ୍ନ ବୌଦ୍ଧ ଜାତକ ଗଳ୍ପରେ ଲିଖିତ 'ଦନ୍ତପୁରା' ମଧ୍ୟ ଏ ପାଲୁରା ପୋତାଶ୍ରୟକୁ ବୁଝାଏ ବୋଲି ଅନେକ ପଣ୍ଡିତଙ୍କ ମତ ଅଟେ।"

ଜ୍ଞାନୀ ପୁଣ୍ଡରିକଙ୍କ ଏ ଉକ୍ତି ଶୁଣି ଗୁରୁଦେବ ଓ ଆମ୍ଭେ ଦୁହେଁ ତାଙ୍କର ପ୍ରଶଂସା ନ କରି ରହିପାରିଲୁ ନାହିଁ। ଏହିପରି ଅନେକ ବାର୍ତ୍ତାଳାପ ପରିଶେଷରେ ଆମ ବୋଇତ ଯାଇ ପାଲୁରାରେ ଲାଗିଲା। ଆମ୍ଭ ମନ ଉଚ୍ଚ ଉଲ୍ଲାସରେ ନାଚି ଉଠିଲା। ପୋତାଶ୍ରୟରେ ଜନଗହଳି, ବିପଣିରାଜି, ସମ୍ବର୍ଦ୍ଧନାର ବାଦ୍ୟ ବାଦନ, ଅନେକ ବୋଇତର ଆଗମନ ଆଦି ଅତି ଉପଭୋଗ୍ୟ ଥିଲା। ବହିତ୍ରରୁ ଅବତରଣ କରି ସ୍ଥଳଭାଗକୁ ଯିବାପାଇଁ ଆମ୍ଭ ଦୁହିଁଙ୍କ ମନ ଉଚ୍ଚାଟ ହୋଇ ଉଠିଲା। ପ୍ରାୟ ୩୦୦ ଯୋଜନ ସାମୁଦ୍ରିକ ଜଳଯାତ୍ରାର ପରିସମାପ୍ତି ସମସ୍ତଙ୍କୁ ପରିତୃପ୍ତି ପ୍ରଦାନ କଲା।

### ୧୯.ପାଲୁରାରେ ସଂବର୍ଦ୍ଧନା

ଏ ବୋଇତରେ ଆଚାର୍ଯ୍ୟ ଓ ଆମ୍ଭେ ଦୁହେଁ ଆସୁଥିବାରୁ ସଂବାଦ ଆଗରୁ ସାଧବଙ୍କ ଗୃହରେ ପ୍ରାପ୍ତ ହୋଇଥିଲା। ତେଣୁ ସମସ୍ତେ ମଧ୍ୟ ଆମ୍ଭମାନଙ୍କ ପ୍ରତୀକ୍ଷାରେ ରହିଥିଲେ। ପ୍ରଥମେ ଆମ୍ଭେ ତ୍ରୟ ବହିତ୍ରରୁ ଅବତରଣ କରିଲୁ। ସେଇସବୁ ହୁଳହୁଳି, ହରିବୋଲ, ବାଦ୍ୟବାଦନ, ବନ୍ଦାଣ ଇତ୍ୟାଦି ରୀତିମତେ ହେଲା। ଆମ୍ଭେ ଟିକିଏ ପାର୍ଶ୍ୱଭାଗକୁ ଚାଲିଗଲୁ ଯେତେବେଳେ ଆମ୍ଭର ଦର୍ଶନ ବ୍ୟାକୁଳ ନାରୀ ଓ କନ୍ୟାମାନେ ଆମ ଆଡକୁ ଆଗଭର ହେଲେ।

ସେମାନେ ଆମ୍ଭକୁ ଦେଖି ଯେଉଁ ଆନଂଦ ପ୍ରକାଶ କଲେ ତାହା ଆମ୍ଭେ ଭାଷା ବୁଝୁ ନ ଥିଲେ ମଧ୍ୟ ଅନୁଭବ କରୁଥିଲୁ। ପ୍ରଥମେ ଆଚାର୍ଯ୍ୟଙ୍କ ପାଦରେ ପ୍ରଣାମ କରି ସେମାନେ ଆମ ଦୁହିଁଙ୍କ ପାଖକୁ ଏକ ଏକ କରି ଆସିଲେ। ଆମ୍ଭେ ଦୁହେଁ ଗର୍ବ ଅନୁଭବ କରୁଥିଲୁ ଯେ ଆମ୍ଭେ ସେମାନଙ୍କ ଆକର୍ଷଣର କେନ୍ଦ୍ର ବିଂଦୁ ବୋଲି। ଏ ସମୟରେ ଆର୍ଯ୍ୟ ପୁଣ୍ଡରିକଙ୍କ ସୁପୁତ୍ରୀ ମଂଜୁଳା ଆମ ପାଖକୁ ଆସିଲା। ସେ ଥିଲା ଆମ୍ଭ ସମବୟସୀ ଓ ସଂସ୍କୃତରେ ବିଦୁଷୀ। ତେଣୁ ସେ ଆମ୍ଭର ଅନୁବାଦିକା ତଥା ସଖୀ କାର୍ଯ୍ୟକଲା। ଆମ୍ଭେ ତା'ର ସୁବ୍ୟବହାରରେ ପ୍ରୀତ ହୋଇ ତାକୁ ଆମ୍ଭର ମାର୍ଗଦର୍ଶିକା ସ୍ଥାନ ଦେଇଦେଲୁ।

କନ୍ୟା ଓ ଯୁବତୀମାନେ କହିଲାଗିଲେ, 'କେତେ ସୁଂଦର ଏ ଦୁଇ କଳିଂଗକନ୍ୟା। ଏ ସନ୍ୟାସିନୀ ରୂପରେ ଏତେ ସୁଂଦର ତ ରାଜକୀୟ ପରିଧାନରେ ଏମାନେ କେତେ ସୁଂଦର ଦେଖାଯାଉଥିବେ ? ବୟସ୍କାମାନେ ଆସି ଆମ ଚିବୁକକୁ ଉପରକୁ ଟେକି ଆମର ମୁଖ ଦର୍ଶନ କରି କହିଥିଲେ ଯେ ଏ ଚଂଦ୍ରମୁଖୀ ଗୋଟିଏ ଚାଉଳରେ ଗଢା। ଏହା କହି ଆମ ଗାଲକୁ ଅଂଗୁଳିରେ ଚିପିଦେଇ ଆମ ମସ୍ତକରେ ହାତ ରଖି ଆଶୀର୍ବାଦ ଦେଉଥିଲେ। ଆମେ ହାତଯୋଡି ସେମାନଙ୍କୁ ଆଭାର ପ୍ରକଟ କରୁଥିଲୁ।

ଏହିପରି ଚାଲିଲା କିଛି ସମୟ। ସାଧବାଣୀମାନେ ଓ ସହକର୍ମୀମାନଙ୍କ ପରିଜନମାନେ ଏ ସମୟରେ ବୋଇତ ଯାତ୍ରୀଙ୍କ ବଂଦାପନା ଆଦି ଶେଷ କଲେ। ତା' ମଧ୍ୟରେ ଅନ୍ୟ ବୋଇତର ଯାତ୍ରୀମାନଙ୍କ ବଂଦାଣପାଇଁ ଆସିଥିବା ନରନାରୀମାନେ ଯବ ରାଜକୁମାରୀଙ୍କୁ ଦେଖିବା ଅଭିପ୍ରାୟରେ ଆମ୍ଭ ପାଖରେ ଆସି ଠିଆ ହୋଇଥିଲେ। କେତେକ ନାରୀ ମଧ୍ୟ ଆମର ପ୍ରଶଂସା କରିବାକୁ ଆମ ପାଖକୁ ଆସିଗଲେ।

ଏହିପରି କିଛି ସମୟ ଚାଲିଲା ପରେ ଆର୍ଯ୍ୟ ପୁଣ୍ଡରିକ ଆସି କହିଲେ, "ଗୁରୁଦେବ, ବର୍ତ୍ତମାନ ସମୟ ହୋଇଗଲାଣି। ଆସ, ସମସ୍ତେ ମୋ ଗୃହକୁ ଯିବା। ଯାହା କହିଥିଲି, ସେଠାରେ ଏକ ସପ୍ତାହ ବିଶ୍ରାମ କରି ତୁମ୍ଭେମାନେ ପୁଷ୍ପଗିରି ଗମନ କରିବ। ରହଣି ସମୟରେ କଳିଂଗର ବିଭିନ୍ନ କଳା ସଂସ୍କୃତିର ପରିଚୟ ପାଇବ।" ଆଚାର୍ଯ୍ୟ ସମ୍ମତି ଜଣାଇଲେ ଓ ଆମ୍ଭେମାନେ ପୋତାଶ୍ରୟର ଅନତି ଦୂରରେ ଆମ୍ଭ ତତ୍ତ୍ୱାବଧାରକଙ୍କ ପ୍ରାସାଦକୁ ଗମନ କଲୁ। ମଂଜୁଳା ଆମର ମାର୍ଗଦର୍ଶିକା ହୋଇ ରହିବା ଆମପାଇଁ ଏକ ଆନଂଦକର ଉପଲବ୍ଧି ଥିଲା।

ଶ୍ରେଷ୍ଠୀ ଶ୍ରେଷ୍ଠଙ୍କ ପ୍ରାସାଦ ଏକ ଉଚ୍ଚକୋଟୀର ଅଟ୍ଟାଳିକା ଥିଲା। ଅତି ସୁସଜ୍ଜିତ ଓ ପ୍ରମୋଦଦାୟକ ଥିଲା। ସେଠାରେ ପହଞ୍ଚନ୍ତେ ଗ୍ରାମସାରା ଆମ ଆଗମନର ସଂବାଦ ପ୍ରସରିଗଲା। ପୁନଃ ବାଳ ବୃଦ୍ଧା-ଯୁବତୀଙ୍କ ଆଗମନ ଓ ସେହି ଚିରାଚରିତ ପରିବେଶ। ଶେଷରେ ସାଧବଙ୍କ ପତ୍ନୀ ଆସି ସେମାନଙ୍କୁ କହିଲେ, "ବିଦେଶିନୀ କନ୍ୟାଦ୍ୱୟ ବହୁଦୂରରୁ ଶ୍ରାନ୍ତ ହୋଇ ଆସିଛନ୍ତି। ତୁମ୍ଭେମାନେ ଆଜି ବିଶ୍ରାମ କରିବାକୁ ଦିଅ। ସେମାନେ ଏଠି ଏକ ସପ୍ତାହ ରହିବେ। ତେଣୁ ଆଜି ସେମାନଙ୍କୁ କଷ୍ଟ ଦିଅନାହିଁ।" ଶୁଣି ସମସ୍ତେ ଚାଲିଗଲେ ଓ ପରଦିନଠାରୁ ପ୍ରତ୍ୟହ ସେହିପରି ପରିସ୍ଥିତି ଲାଗି ରହିଲା।

ଆଚାର୍ଯ୍ୟ ଏକ କକ୍ଷରେ ଓ ସଖୀ ସହ ମୁଁ ଆଉ ଏକ କକ୍ଷରେ ଅବସ୍ଥାନ କଲୁ। ମଂଜୁଳା ଆମ୍ଭର ସମସ୍ତ ଦାୟିତ୍ୱ ନେଉଥିଲା। ଉଡ୍ର ଭାଷାରେ କିଛି କିଛି ଶିଖାଇଦେଲା ଯଦ୍ଦ୍ୱାରା ଆମ୍ଭେ ସଂସ୍କୃତ ଜାଣି ନ ଥିବା ବ୍ୟକ୍ତିଙ୍କ ସହ କିଛିଟା ଯୋଗାଯୋଗ କରିପାରିବୁ। ପୁଣି ଆମ୍ଭେ ଅନୁମାନ କଲୁ ଯେ ଉଡ୍ରଭାଷା ସଂସ୍କୃତର ଅତି ନିକଟ। ତେଣୁ ସଂସ୍କୃତରେ ଆମ୍ଭେ କହିଲେ ମଧ୍ୟ ସାଧାରଣ ଲୋକ ଆମ୍ଭ କଥା ଠଉରାଇ ବୁଝିନିଏ। ସେ ଯାହାହେଉ ଶ୍ରେଷ୍ଠୀଙ୍କ ଗୃହରେ ଉଡ୍ରଭାଷା ଶିଖିବାର ଅଦମ୍ୟ ଇଚ୍ଛା ଆମ୍ଭମନରେ ଜାଗ୍ରତ ହୋଇଥିଲା। ତେଣୁ ପରବର୍ତ୍ତୀ ସମୟରେ ଅତିଶୀଘ୍ର ଆମ୍ଭେ ଉଡ୍ରଭାଷାରେ ପାରଙ୍ଗମତା ଲାଭ କରିନେଲୁ। ଏପରି ଏକଦିନ ଅତୀତ ହୋଇଗଲା। ଦ୍ୱିତୀୟଦିନର ସଂଧାସମୟ ଠାରୁ ପ୍ରସ୍ଥାନ କରିବା ପର୍ଯ୍ୟନ୍ତ ଆମ୍ଭକୁ କଳିଂଗର ସଂସ୍କୃତି ଅବଲୋକନ କରିବାକୁ ସୁଯୋଗ ପ୍ରାପ୍ତ ହେଲା। (କ୍ରମଶଃ)

# ଦାଦନ

ଶୁଭଶ୍ରୀ ଦାସ
ଜଳେଶ୍ୱର
ମୋ-୮୧୧୭୯୮୦୪୭୩

ସମୟ ସହ ପ୍ରତିକୂଳ ପରିସ୍ଥିତିରେ ବଞ୍ଚିବାକୁ ହୁଏ।ଜୀବନରେ ସଂଘର୍ଷ ପରେ ସଂଘର୍ଷ ଆସେ। ଇଶ୍ୱରଙ୍କର ଉପସ୍ଥିତିକୁ ନେଇ ମନରେ ଅନେକ ପ୍ରଶ୍ନ ଆସେ। ଐଶ୍ୱରୀୟ ଆସ୍ଥା ଅବିଶ୍ୱାସରେ ରୂପାନ୍ତରିତ ହୁଏ। କର୍ମ କରିବାର ଇଚ୍ଛା ମଧ୍ୟ ସମୟ ସହ ବଦଳିଯାଏ। ପୁରୁଷ ମାନଙ୍କର ଜୀବନର ବାସ୍ତବିକ ସତ ହୁଏତ କମ୍ ଦେଖିବାକୁ ମିଳେ, ପରିବାରର ଖୁସି ପାଇଁ ସବୁ କରନ୍ତି, ଏମିତିକି ମୁହଁରୁ ହସର ଆସ୍ତରଣ ଓ ପୌରୁଷତ୍ୱର କଠୋରତାକୁ ଦର୍ଶେଇବାକୁ ଯାଇ ନିଜ ଭିତରେ ଅହରହ ଚାଲିଥିବା ସଂଘର୍ଷକୁ ଲୁଚାନ୍ତି। ସେଥିପାଇଁ ବୋଧେ କାମ ପାଇଁ ସ୍ଥାନାନ୍ତରିତ ହୁଅନ୍ତି। ସାଧାରଣ କର୍ମଚାରୀ ସାଜି ଜୀବନର ସଂଘର୍ଷ କରନ୍ତି। ସବୁକୁ ସାମ୍ନା କରନ୍ତି , କେବଳ ନିଜର ପରିବାରର ଖୁସି ପାଇଁ କେବେ ହାର୍ ମାନି ନ ଥାନ୍ତି। ସୁନ୍ଦର ଜୀବନଯାପନର ସ୍ୱପ୍ନ ନେଇ ଆଖିରେ ବହୁତ୍ ଦୂରକୁ ଯିବାକୁ ହୁଏ, ସଞ୍ଚୟ କରିବା, ଜୀବନକୁ ସୁନ୍ଦର କରି ବଞ୍ଚିବା, ନିଜର ପିଲାମାନଙ୍କୁ ଉତ୍ତମ ଭବିଷ୍ୟତ ଦେବାର ସ୍ୱପ୍ନ, କେବେ ବାପା ମା'ଙ୍କର ଔଷଧ ପାଇଁ ଅର୍ଥ, ତଥା ଅନ୍ୟାନ୍ୟ ପରିବାରର ଦାୟିତ୍ୱ ପାଇଁ ପୁଅଟିଏ ନିଜର ଖୁସିକୁ ଏଡେଇ ବର୍ତ୍ତମାନ ଦାଦନ ଖଟିବାକୁ ଯାଏ ଆରବ ଦେଶକୁ। କାହାଣୀର ଏମିତି କିଛି ଆରମ୍ଭ ହୁଏ, ଯେଉଁଠାରେ ଆଖିରେ ଅନେକ ସ୍ୱପ୍ନ ଥାଏ, ଯେଉଁ ଠାରେ ନିଜର ଦୈନ୍ୟନ୍ଦିନ ଆବଶ୍ୟକତାକୁ ପୂରଣ କରିବା ପାଇଁ ହାତ ନିଜର ଗର୍ଭବତୀ ସ୍ତ୍ରୀ ଓ ଛୋଟ ପିଲାମାନଙ୍କୁ ଛାଡି କାମ କରିବାକୁ ମନସ୍ଥ କରେ। ପ୍ରଥମେ ତ ବିଦେଶରେ କାମ କରିବାକୁ ଯିବ ବୋଲି ସେ ଖୁସି ଥାଏ ଏବଂ ପ୍ରଭୁଙ୍କ ଠାରେ ଆଭାରୀ ଥାଏ। ଏଠାରେ ଗୋଟିଏ ଉଦାହରଣ ନେବା ନା ଜୀବନର। ସେ ଘରୁ ଖୁସିରେ ବାହାରି ଆସେ। ଏୟାରପୋର୍ଟରେ ଦେଖେ ତା ଭଳି ଅନେକ ଜଣ ଦାଦନ ଖଟିବାକୁ ଆସିଥାନ୍ତି। ଆଉ ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ସେ ଜାଣିବାକୁ ପାଏ ଯେ, ଦାସତ୍ୱ ପ୍ରଥାର ସେ ଏକ ନାୟକ ସାଜିଛି। ତାର ସବୁ ସ୍ୱପ୍ନ ଯେମିତି ଭାଙ୍ଗି ଯାଇଥିଲା। ଯେତେବେଳେ ସେ ନିଜକୁ ଦେଖିଥିଲା ଏକ ଭିନ୍ନ ଦୁନିଆରେ... ମରୁଭୂମିର ବାଲିର ଆସ୍ତରଣ ତଳେ ସତେ ଯେମିତି ତାର ନିଜସ୍ୱ ସବୁକିଛି ପୋତି ହେଇଯାଉ ଥିଲା। ଏମିତିରେ ତାକୁ ଆଣି ଗୋଟିଏ ଛେଳିଫାର୍ମରେ ଛାଡି ଦିଆଗଲା। ଛେଳିଙ୍କର ଯତ୍ନ ନେବା, ତାଙ୍କୁ ଖାଇବା ଦେବା କାମ ପାଇଁ ତାଙ୍କୁ ରଖା ଯାଇଥିଲା। ମରୁଭୂମିରେ ପାଣି ଓ ଖାଦ୍ୟର ଅଭାବ ଥିଲା ଯେଉଁଥିପାଇଁ ତାକୁ ବହୁତ୍ କମ୍ ଖାଇବା ମିଳୁ ଥିଲା। କେବେକେବେ ମିଳୁ ନ ଥିଲା। ତାକୁ ଆରବର ଭାଷା ଜଣା ନ ଥିଲା, ତେଣୁ କାହାକୁ କିଛି କହି ପାରୁ ନ ଥିଲା । ଛେଳି ଠାରୁ କ୍ଷୀର ଦୁହିଁବା ତାକୁ ଜଣା ନ ଥିଲା । ନିଜର ସବୁ କଷ୍ଟକୁ ନିଜେ ସହି ଯାଉ ଥିଲା। ଆରବର ମରୁଭୂମି ଭିତରେ ସେ ଓଟ ଓ ଛେଳିମାନଙ୍କ ଭିତରେ ଘେରି ରହୁ ଥିଲା। ସମୟ ସହ ସବୁ କିଛି ନର୍କ ଭଳି ଲାଗୁଥିଲା। ସେଥିରୁ ସେ କେମିତି ବାହାରିବ ରାସ୍ତା ଖୋଜୁ ଥିଲା। ମାଲିକ ଏଠି ନାହିଁ, ନହେଲେ ହୁଏତ ସେ ବିଦ୍ରୋହ କରିବ ଏବଂ ଏଠାରୁ ପଳେଇବ ବୋଲି ନିଜକୁ କହୁଥିଲା। ନାଜିବ୍ ଏବେ ଖାଦ୍ୟ ଅଭାବରେ ୩-୪ଦିନ ରହିଲା ପରେ ଛେଳି ମାନଙ୍କର ଖାଇବା ଏବଂ ପାଣିକୁ ଖାଉଥିଲା। ସମ୍ପୂର୍ଣ୍ଣ ଭାବରେ ନିଜକୁ ନିଜର ନାଁ ଏବଂ ପରିଚୟ ସେ ଭୁଲି ସାରି ଥିଲା ନାଜିବ୍ ସତେ ଯେମିତି ପଶୁ ଭଳି ହେଇ ସାରି ଥିଲା। କାରଣ ସମାଜରୁ ଦୂରରେ ସେ ମରୁଭୂମିରେ ରହୁ ଥିଲା। ସେ ଫେରିବାକୁ ଚାହୁଁଥିଲା କିନ୍ତୁ ଏତେ ଦୂର ରାସ୍ତା ଚାଲିକି ଆସିବା ଅସମ୍ଭବ ଥିଲା। ସମୟ ସହ ନିଜକୁ ସେ ପରିବେଶ ସହିତ ବଞ୍ଚିବାର ଚେଷ୍ଟା କରୁଥିଲା ଏବେ ଶରୀରରେ ତାର ଦୁର୍ଗନ୍ଧ ଥିଲା , ନିଶ ଦାଢିରେ ସେ ଡେଭିଲ୍ ଭଳି ଲାଗୁ ଥିଲା। ନିଜର କର୍ମ କରିବାର ଇଚ୍ଛା ନ ଥିଲା, ସେ ନିଜକୁ ଏବଂ ନିଜ ପରିଚୟକୁ ଭୁଲି ସାରି ଥିଲା। ନାଜିବ୍ ଏବେ ବଦଳି ସାରି ଥିଲା। ସେ ଛେଳି ମାନଙ୍କର ନାଁ ରଖି ନାଁ ଦେଇ ଡାକୁ ଥିଲା, ଛେଳି ତାକୁ କାମୁଡୁ ଥିଲେ ସେ ମଧ୍ୟ କାମୁଡି ଦେଉଥିଲା। ସେ ଛେଳି ମାନଙ୍କ ସହ ଖେଳୁଥିଲା। ସେ ସମ୍ପୂର୍ଣ୍ଣ ଭାବରେ ଛେଳି ହେଇ ସାରିଥାଏ।ଏମିତି ଅବସ୍ଥାରେ ସେ ପହଞ୍ଚି ସାରିଥିଲା ଯେଉଁଠି ତାର ନିଜ ସ୍ତ୍ରୀ ପିଲାମାନଙ୍କ ପାଖକୁ ଯିବା କଥା ସେ ଭୁଲି ସାରି ଥିଲା। ସେ ଇଚ୍ଛା ଆଉ ନ ଥିଲା। ତାର ପରିବାର ପାଇଁ ସେ ଏକ ଭିନ୍ନ ଦୁନିଆରେ ବଞ୍ଚୁଥିଲା କିନ୍ତୁ ବାସ୍ତବିକତା ଭିନ୍ନ ଥିଲା। ଦୂରତା ଅନେକ ଥିଲା, ସେ ଯେଉଁଠାରେ ଯେମିତି ଆସି ଥିଲା ହୁଏତ ସେଠାରୁ ଫେରିବା ସମ୍ଭବ ନ ଥିଲା। କାରଣ ଦୂରତା ଅନେକ ଥିଲା। ଅନେକ ରାସ୍ତା ବି ଅଜଣା ଥିଲା। ଜୀବନ ସହ ସଂଘର୍ଷ କରୁକରୁ ନିଜକୁ ହଜେଇ ସାରି ଥିଲା। ଜୀବନର ସଂଘର୍ଷ ମଣିଷର ମାନସିକତାର ପରିବର୍ତ୍ତନ କରି ଥାଏ। ଯେତେବେଳେ ସମାଜରେ ମାନବିକତାକୁ ନେଇ ପ୍ରଶ୍ନ ଆସେ। ଇଶ୍ୱରଙ୍କୁ ନେଇ ସନ୍ଦେହ ବଦଳରେ ଯଦି ଆସ୍ଥା ଥାଏ, ସମସ୍ୟା ସ୍ୱତଃ ଦୂରେଇଯାଏ। ସେମିତି କିଛି ହେଇ ଥିଲା। ମରୁଭୂମି ରେ ହଠାତ୍ ବର୍ଷା ହେଲା ... ବର୍ଷାକୁ ଦେଖି ମାଲିକ ଭୟ କରି ତାକୁ ବର୍ଷାକୁ ଦେଖିବାକୁ ଦେଉ ନ ଥିଲେ, କାରଣ ବର୍ଷା ହେଲାପରେ ନାଜିମ୍ ଦେଖିଲା ମାଲିକ ପ୍ରାର୍ଥନା କରୁ ଥାନ୍ତି..., 'ଯଦି ନାଜିବ୍ ନ ଥାନ୍ତା ଏ ମରୁଭୂମି ରେ ସେ ବଞ୍ଚି ପାରି ନ ଥାନ୍ତେ କାରଣ ମରୁଭୂମି ରେ ଅଜଣା ଲୋକ ତିଷ୍ଠିବା ସମ୍ଭବ ନୁହେଁ।' ।ନାଜିବ୍ ଆଶ୍ଚର୍ଯ୍ୟ ହେଲେ ମାଲିକ ତା ନାଁ ଜାଣିଛନ୍ତି କିନ୍ତୁ କେବେ ତାକୁ ଆଗରୁ ସେ ନାଁ ରେ ଡାକୁ ନ ଥିଲେ। ଏବେ ନାଜିବ ର ସବୁ ମନେ ପଡିଛି ଏବଂ ସେ ଇଶ୍ୱରଙ୍କୁ ଧନ୍ୟବାଦ ଜଣେଇଛି ।ବର୍ତ୍ତମାନ ସେ ଫେରିବା ରାସ୍ତା ପାଇ ସାରିଥାଏ। ମାଲିକ କିନ୍ତୁ ଛାଡୁ ନ ଥାଏ। ତେଣୁ ସେ ମାଲିକର ବନ୍ଧୁକରେ ଗୁଳି କରି ହତ୍ୟା କରି ଦିଏ।

ଆଶାର ଭିନ୍ନ ଏକ କାହାଣୀ ସୁନ୍ଦର ଭାବରେ ଉପସ୍ଥାପନା ମାଲାୟଲମ୍ ଭାଷାରେ ରଚନା ରେ କରିଛନ୍ତି ଔପନ୍ୟାସିକ ବେଞ୍ଜାମିନ୍ ଉପନ୍ୟାସରେ। ଇଂରାଜୀରେ 'The Goat Days ' ନାମରେ ଅନୁବାଦ କରା ଯାଇଛି ।ଓଡିଆ ଭାଷାରେ ରେ ମଧ୍ଯ' ଛେଳି ଚରେଇବାର ଦିନ' ନାମରେ ସମ୍ମାନୀୟ ଗୌର ଚନ୍ଦ୍ର ଦାସ ଲେଖନୀରେ, ନାଜୀବ ଚରିତ୍ର ର ସଂଘର୍ଷ ର କାହାଣୀ ସେ ଦର୍ଶେଇବାକୁ ଯାଇ ବର୍ତ୍ତମାନ ସହ ଭବିଷ୍ଯତ ର କାହାଣୀ ଲମ୍ଭେଇ ଛନ୍ତି ।ବାସ୍ତବିକ କଥାର ସୁନ୍ଦର ଉପସ୍ଥାପନା କରିଛନ୍ତି । କାରଣ ସେ ମରୁଭୂମି ରୁ ଏବେ ଜେଲ୍ ରେ ଯାଇ ରହୁ ଥାଏ, ତାକୁ ସବୁ କିଛି ମିଳୁ ଥାଏ ଯାହା ତାକୁ ମରୁଭୂମି ରେ ମିଳୁ ନ ଥିଲା ।ସେ ଗାଧେଇବା ଭୁଲି ସାରିଥିଲା, ଖାଦ୍ୟ ଓ ପାନୀୟ ଜଳର ଅଭାବ ଥିଲା ।ତିନି ଚାରି ଦିନ ପାଣି ର ଅଭାବ ହେଲେ ସେ ପାଣି ଜିଭ ପାଇଁ ଏସିଡ୍ ପାଲଟି ଯାଏ ।ଯାହା ହଠାତ୍ ଟିକେ ପାଣି ଜିଭରେ ଲାଗିଲେ ଏସିଡ୍ ଭଳି ଲାଗୁ ଥିଲା ।କିନ୍ତୁ ଜେଲ୍ ରେ ତାକୁ ସବୁ କିଛି ମିଳୁ ଥିଲା ।ତା ସହ କଥା ହେବା ପାଇଁ ଲୋକ ମଧ୍ଯ ଥିଲେ ।
ତେଣୁ ସମୟ ସହ ନିଜ ଅଞ୍ଚଳ ରୁ ମରୁଭୂମି ଯାଏ ଯାତ୍ରା.... ପୁଣି ମରୂଭୁମିରୁ ଜେଲ୍ ତାପରେ ଜେଲ୍ ରୁ ପୁଣି ନିଜ ଅଞ୍ଚଳକୁ ଫେରିବା ର ଯାତ୍ରା ବାସ୍ତବରେ ଖୁବ୍ ମର୍ମସ୍ପର୍ଶୀ ତଥା ହୃଦୟବିଦାରକ।

ଜୀବନ ଯାତ୍ରା ରେ ପ୍ରତ୍ୟେକ ମଣିଷ ଇଶ୍ୱରଙ୍କ ଆସ୍ଥା କୁ ନେଇ ସନ୍ଦେହ କରେ,କାରଣ ସଂଘର୍ଷ ପରେ ଏମିତି ସଂଘର୍ଷ ଆସେ ଲାଗେ ସେ ଇଶ୍ୱର ନୁହେଁ ପଥରର ମୂର୍ତ୍ତି ଯିଏ ସବୁବେଳେ ଅନ୍ୟାୟ କରୁଛନ୍ତି ।ସମୟ ସହ ତାର ସବୁ ଆଶା ନିରାଶା ରେ ବଦଳି ଥିଲା ।ଇଶ୍ୱରଙ୍କ ଉପରେ ଥିବା ବିଶ୍ୱାସ କୁ ସେ ହରେଇ ଥିଲା ।ଐଶ୍ୱରୀୟ ସତ୍ତା କୁ ନେଇ ସନ୍ଦେହ ଆସି ଥିଲା । କିନ୍ତୁ ଯେତେବେଳେ ବିଶ୍ୱାସ କଲା ପୁଣି ବର୍ଷା ରୂପରେ ହୁଏତ ଇଶ୍ୱର ତାଙ୍କୁ ରାସ୍ତା ଦେଖେଇ ଥିଲେ ।ଏମିତି ସେ ରାଷ୍ଟ୍ରଦୂତଙ୍କ ସହାୟତାରେ ନିଜ ଅଞ୍ଚଳକୁ ଫେରି ଆସି ଥିଲେ। କ୍ରୀତଦାସ ପ୍ରଥା ହୁଏତ ଏବେ ନାହିଁ କିନ୍ତୁ ବର୍ତ୍ତମାନ ଏମିତି ଭାବରେ ଅନେକ ଯୁବକ ବାହାର ରାଜ୍ୟ ତଥା ଦେଶକୁ ଦାଦନ ଖଟିବାକୁ ଯାଇ ନାନା ସମସ୍ୟାରେ ପଡୁଛନ୍ତି । ବେଳେ ବେଳେ ପରିବାରକୁ ମଲାପରେ ମଧ୍ୟ ଡେଡ୍ ବଡି ମିଳି ନ ଥାଏ। ଏ ସମସ୍ୟାର କୌଣସି ସମାଧାନ ଆଜିଯାଏ ସମ୍ଭବ ହେଇନି। କାରଣ ଆମ ରାଜ୍ୟରେ ଯଦି କର୍ମ ନିଯୁକ୍ତିର ସୁବିଧା ସରକାର କରନ୍ତେ ତ ହୁଏତ ଏ ସମସ୍ୟା ପାଇଁ ଶହ ଶହ ପରିବାର କଷ୍ଟ ସହୁ ନ ଥାନ୍ତେ। ଦାନର ଏ କାହାଣୀ ହୁଏତ ଅନ୍ୟ ଏକ ଅଞ୍ଚଳର କିନ୍ତୁ ଆମ ରାଜ୍ୟରେ ମଧ୍ୟ ଏମିତି ଘଟଣା ଘଟି ଆସୁଛି। ଚିନ୍ତାର ବିଷୟ ସରକାରଙ୍କର କ୍ଷମତାର ଚାପ ତଳେ ହୁଏତ ତାହା ଲୁଚି ଯାଉଛି। ଏ ଦିଗରେ ସରକାର ଚିନ୍ତା ନ କରି ପ୍ରଲୋଭନ ଦେଇ ଭୋଟ୍ କିଣିବାରେ ବ୍ୟସ୍ତ। ନାଗରିକ ଜନମତ ବିକିବାରେ ବ୍ୟସ୍ତ। ସମାଜର ବିଡମ୍ବନା ନାଁ କ୍ଷମତାଶାଳୀ ଲୋକଙ୍କର ସେବା ବଦଳରେ କାମଚଳା ନୀତି ଏ ପ୍ରଥାକୁ ବଢେଇ ଚାଲିଛି। କଣ୍ଢେଇ ସଜେଇ ସରକାର ନଚେଇ ଚାଲିଛନ୍ତି। ଏବଂ ଶିକ୍ଷିତ ସଭ୍ୟ ସମାଜ ନିରବ ଦ୍ରଷ୍ଟା ସାଜିଛନ୍ତି। ଦେଖା ଯାଉ ଭବିଷ୍ୟତ କଣ? ଆମ ସରକାରଙ୍କର ସାମାଜିକ ଉନ୍ନତିକରଣ ଦାଦନର କରୁଣ କାହାଣୀ ଲେଖେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ସ୍ୱାର୍ଥ ହସିଥାଏ...

*ମନୋଜ କୁମାର ବେହେରା*

ସ୍ୱାର୍ଥ ଯେତେବେଳେ ହସିଥାଏ
ଭାବିଥାଏ ସନ୍ଧ୍ୟାବେଳେ,
ଆଜି ଦିନସାରା
କେତେ ଲୋକଙ୍କୁ ପାଗଳ ବନେଇଛି ।
ମନ କହିଥାଏ କି
ସ୍ୱାର୍ଥ ତୁମର ଯାତ୍ରା,
ଆମେ ବୁଝି ଯାଇଛୁ ସେଥିପାଇଁ
ତୁମକୁ କିଛି କହୁନାହୁଁ ।
ଲାଗୁଛି କି ତୁମେ
ଆଉ ଟିକିଏ ସ୍ୱାର୍ଥୀ ହେଇଯାଅ,
ସ୍ୱାର୍ଥୀ ଦିନସାରା କେତେ
ଲୋକଙ୍କୁ ହଇରାଣ କରେଇବ
ସେମାନଙ୍କର ପରିଶ୍ରମ,
ସେମାନଙ୍କର ଉର୍ଜା
ଏସବୁ କାମରେ ତ ଲାଗିଥାଏ ।
ଆଉ ଶେଷରେ ତା' ପାଇଁ
ଆଉ କ'ଣ ବଞ୍ଚିଥାଏ,
ବେଳେବେଳେ ଭାବିଥାଏ କି
ଏଇ ମାନେ ସବୁ ଶେଷରେ ଉପରକୁ
ଯାଇକରି କ'ଣ ଉତ୍ତର ଦେବେ ।
ସ୍ୱାର୍ଥ ଏହା କହିଥାଏ
କି ଉପରେ ମଧ୍ୟ
ଏଲୋକ ଉପାୟ କରିବେ..
ଯେହେତୁ ସ୍ୱାର୍ଥୀ ମନ,
ଜଣା ନାହିଁ
କିଛି ବି କରିପାରିବେ ।

*ପ୍ଲଟ୍ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*
*ଫୋନ୍-୭୯୭୮୮୩୦୬୧୧*



## ବାୟାଣୀ ବୋଉ ମୋର

*କବିତା ମହାନ୍ତି*



ରାତି ନପାହୁଣୁ
ଝମ ଝମ ଶୁଭେ ବୋଉ ହାତର ଚୁଡ଼ି
କାଉ ବୋବେଇବା ଆଗରୁ
ଝାଡୁ ପହଁରାର ଖଡ ଖଡ ଶବ୍ଦ
ବୋଉ କଣ କେବେ ଡେରି ଯାଏ ଶୁଏନି !!

କେତେ ଝଡ ତୋଫାନ ବାତ୍ୟା ମହାବାତ୍ୟା
କେତେ ନଈ ବଢ଼ି ବହି ଯାଏ ତା ମୁଣ୍ଡ ଉପରେ
ବ୍ୟସ୍ତତା କେବେ ନାହିଁ ବୋଉର
ସତେ ଯେମିତି ଅଣ୍ଟା ଭିଡ଼ି ଥାଏ
ସବୁ ଝଡ ଖଞ୍ଜାକୁ ସାମ୍ନା କରିବାକୁ
ଏଇ ତ ଗୋଟିଏ ସ୍ୱପ୍ନ ତାର
ପିଲାଙ୍କୁ ମଣିଷ କରି ଠିଆ କରାଇବ ।।

ବାୟାଣୀ ବୋଉଟା ମୋର
ଜୀବନ ସାରା
କେବେ ଭାବିନି କିଛି ନିଜ ପାଇଁ
ଅନ୍ୟର ଖୁସିରେ, ତାର ଖୁସି
ନା କେବେ କିଛି ମନ ଭରି ପିନ୍ଧିଲା, ନା ଖାଇଲା
ଏତେ ନିଃସ୍ୱାର୍ଥପର କିଏ କଣ କେବେ ହୋଇପାରେ !!

କ୍ଳାନ୍ତ ଶ୍ରାନ୍ତ ଦିନ ପରେ
ପଖାଳ କଂସାଟା ସାଙ୍ଗେ
ବକଟେ ବଡ଼ିଚୁରା ଆଳୁ ଚକଟା
ଧରି ଖରା ମୁହଁରେ ଯେବେ ବସୁଥିଲା
ତା ରକ୍ତ ମାଂସରୁ ଗଢିଥିବା ନଅଟା ପିଲା
ଶାଗୁଣା ପଲ ଭଳି
ପଇଁତରା ମାରୁଥିଲେ ତା ଚାରି ପାଖେ ।।

ସମସ୍ତଙ୍କ ପାଟିରେ
ଗୁଣ୍ଡାଏ ଲେଖାଏଁ ଦେଉ ଦେଉ
ତା କଂସା ଖାଲି ହେଉଥିଲା
ନା କେହି ଜାଣିଲେ
ନା ସେ କିଛି କାହାକୁ କହିଲା !!
ଭୋକିଲା ପେଟରେ ତୋରାଣି ପିଇ
ଭୋକ ମାରୁଥିଲା ବୋଉ
କେଡେ ବାୟାଣୀ ଟା ସିଏ ବା
ସେକାଳେ, ତାର କଣ
ଆଜି ଭଳି 'ମି ଟାଇମ୍' ନିଜର ସମୟ
ବୋଲି କିଛିନଥିଲା !!

## ଘରଟିଏ ଲୋଡ଼ା !

*ଚନ୍ଦନ କୁମାର ଦାସ*



ଆକାଶକୁ ଆଁ କରି ଛିଡ଼ା ହୋଇଛି
ବାକି କିଛି କାକୁସ୍ଥ କାନ୍ଥର କୋହ ସବୁ
ହଁ, ମୁଁ ଇ ତ ଭାଙ୍ଗି ଚାଲିଛି
ମୋ ଭିତରର ଏ ନିରନ୍ତର
ଗଢ଼ି ଉଠୁଥିବା ଘର
ଉଜାଡ଼ି ଚାଲିଛି ପଥଠୁ ପ୍ରାନ୍ତର
ଜାଳି ଚାଲିଛି ଧାଡ଼ି ଧାଡ଼ି ସବୁଜିମା
ବିଲ, ବଣ, ପାହାଡ଼, ନଦୀଠୁ ଝରଣା
ଇଚ୍ଛାବତୀର ଇନ୍ଦ୍ରଭୂବନକୁ ଭୋଗିବାର ପ୍ରତ୍ୟାଶାରେ
ପ୍ରତିଥର ବନ୍ଦୀ ହୁଏ ମୁଁ
ଗୋଟାଏ ଛଳନାର ବନ୍ଦୀଶାଳାରେ
ତଥାପି ଭାଙ୍ଗିବାର ମୋହରୁ ମୁକୁଳି ପାରେନା
କି ଗଢିବାର ପ୍ରତ୍ୟାଖ୍ୟାନକୁ ଆବୋରି ପାରେନା

ସତରେ ଘରଟିଏ କଣ ଗଢ଼ା ହୁଏ
ନା, ଗଢ଼ା ହେବାର ଶୂନ୍ୟସ୍ଥାନ କେବେ ପୂରଣ ହୁଏ
ଘରଟିଏ ଯଦି କେବେ ଗଢ଼ା ହୋଇ ପାରନ୍ତା
ତେବେ ଠିକଣାର କେବେ ଶେଷ ନ ଥାଆନ୍ତା



ଘର ତ ଏକ ସ୍ୱର୍ଗୀୟ ସଂରଚନା
ନିର୍ବିବାଦ ପୃଥିବୀ, ଅନିନ୍ଦ୍ୟ ଋତୁରି
ଝଡ଼ହୀନ ଧରିତ୍ରୀ, ସବୁଜ ସଂଭାବନା
ଯେଉଁଠୁ ଚିରନ୍ତନ ବହୁଥାଏ
ପ୍ରେମର ପୁଣ୍ୟତୋୟା
ସେଥିପାଇଁ ବୋଧେ ମୋ ଭାବନାର
ଭଙ୍ଗା ସ୍ତୁପ ତଳୁ ଖୋଜୁଛି ମୁଁ ଆଜି
ମାଟିଏ ମମତ୍ୱ-ଗୋଟିଏ ଘର ।

*ଭୋଗରାଇ, ବାଲେଶ୍ୱର*
*ମୋ-୮୧୧୪୩୪୫୯୮୮*

## ସ୍ମୃତି

*ପ୍ରଶାନ୍ତ ବ୍ରହ୍ମା*

ସମୟର ତାଳେ ବୟସ ସରୁଛି
ସରୁନି ମନ ଭାବନା
ଅନେକ ଭାବୁଛି ଆଗ ଭବିଷ୍ୟତ
କେତେଯେ କରି କଳ୍ପନା

ମନରେ ଭାବୁଛି ଯାଆନ୍ତି ଆଗକୁ
ବୟସ ହେଉନି ସାଥୀ
ଆଗକୁ ଚାହିଁଲେ ବାଟ ଦିଶେ ନାହିଁ
ଦିଶେ ଅନ୍ଧାରିଆ ରାତି

ଆଖି ବୁଜି ଖୋଲି ଦିନ ରାତି ସରେ
ପଡେ ନାହିଁ କେବେ ଜଣା
କିଶୋରୀ ବୟସ ଗଲାଣି ତ ସରି
ଏବେ ହୁଏ ବାଟ ବଣା

ଛାଡି ଯିବ ନାହିଁ କେବେ ଏ ସମୟ
ଥିବ ତାର ଏହି ମତି
ଛାଡି ଚାଲିଯିବ ସିନା ଏ ବୟସ
ରଖିବ ପୁରୁଣା ସ୍ମୃତି

କିଶୋରୀରୁ ଯୁବା, ଯୁବାରୁ ଜରାଯେ
ଏଇମିତି ଲାଗିଥିବ
ବୟସ ସରିବ ଜୀବନର ସ୍ମୃତି
ଯୁଗ ଯୁଗ ରହିଥିବ ।

*ପଳାଶପୁର, ଖୋର୍ଦ୍ଧା*



## ଉଜୁଡ଼ା ଋତୁର ଗୀତ

*ଡ. ଦୀପକ କୁମାର ମିଶ୍ର*

ମୁଁ ଦେଖି ପାରୁଚି
ଏଇନା ଝଡ଼ି ପଡ଼ିଥିବା ପତ୍ରଟି ଭିତରେ
ଶୁଖିଯାଇଥିବା ଗୋଟେ ସମ୍ପୂର୍ଣ୍ଣ ନଈର
ଅଙ୍କାବଙ୍କା ଚିତ୍ର
ଶୁଣିପାରୁଚି ମଧ୍ୟ କ୍ରନ୍ଦନରତ
ପତ୍ରଝଡ଼ା ଋତୁଟିର କରୁଣ ମର୍ମର

ଝଡ଼ର ପବନରେ
ବହିଆସିଥିବା ଅଶାନ୍ତ ସମୁଦ୍ରଟି
ମହଜୁଦ ଅଛି ହୃଦୟରେ
ସେହି ଅଭୁଲା ଘଡ଼ିସନ୍ଧି ମୁହୂର୍ତ୍ତରୁ,
ଆଖି ଯଦି ଜାଗା ଦେବ କେବେ
ରୀତିମତ ଝରିଯିବ ଲବଣାକ୍ତ ଲୁହ
କହିବାକୁ ଉଜୁଡ଼ା ଘରର ଆତ୍ମକାହାଣୀ

ଜୀବନର କିଛି ବିଶେଷ ମୁହୂର୍ତ୍ତମାନେ
ବେଳେବେଳେ ପଳାତକ ସାଜିବାକୁ
ବାଧ୍ୟ ହୁଅନ୍ତି
କାରଣ ସେମାନଙ୍କୁ ରଖି ହୁଏନି



ଜୀବନ ବା ଜେଲର
ଚାରିକାନ୍ଥ ଭିତରେ ଆବଦ୍ଧ କରି
ଯଦିଓ ସେମାନେ କେଉଁ ଅପରାଧର ଅପରାଧି
ଆଜି ବି ଅଜଣା

ବର୍ଷାରେ ଭିଜିବା ପରେ ବି
ବିଚରା ସାରୁପତ୍ର
କାହିଁକି ଅଭିଜା ଦିଶେ କେଜାଣି
ଅବାଂଛିତ ସ୍ପର୍ଶକୁ ଆଡ଼େଇଯିବାର ପ୍ରଚେଷ୍ଟାରେ
ଦେହରୁ ବର୍ଷା ଝାଡ଼ିବାର କଳା
ତାକୁ ବୋଧେ ଭଲ ଭାବେ ଜଣା

ପ୍ରେମ, ବିରହ, ବୈରାଗ୍ୟ
ଜୀବନରେ ଗୋଟେ ଗୋଟେ ଋତୁ ପରି
ଭେଦି ଭେଦାଇ ଯଥାସମ୍ଭବ ଜିଇଗଲା ପରେ
ଯାହା ବଳିଲା
ତାକୁ ଯଥାର୍ଥ ଜୀବନଟେ ବୋଲି
ଭାବିନେବା କଥା ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*

## ହେମନ୍ତ ଆସିଛି ମରତେ ଧାଇଁ

*ରାମଚନ୍ଦ୍ର ବେହେରା*

ହେମନ୍ତ ଆସିଛି ମରତେ ଧାଇଁ
କି ସୁନ୍ଦର ଲାଗେ ସବୁଜ ମହୀ
ସଫା ଦିଶେ ପରିବେଶ
ନୀଳ ସବୁଜିମା ନାହିଁ ତା ଉପମା
ହସୁଛି ନୀଳ ଆକାଶ
ସକାଳର ଖରା ଲାଗେ ମନଲୋଭା
ମନ କିଣିନିଏ ଗୋଧୂଳିର ଆଭା
ଶିଶିର ଆସଇ ହସି
ଘାସ ପତରରେ ଝଲମଲ ଦିଶେ
ମନେ ଭରିଦିଏ ଖୁସି
ଦିନର ଅବଧି ଗଲାଣି ନଇଁ
ହେମାଳ ବାଆରେ ହସୁଛି ମହୀ
ଲାଗୁଛି ଅଳପ ଶୀତ
ସଂଜ ଓ ସକାଳେ ଘନ କୁହୁଡିରେ
ଦିଶୁ ନାହିଁ ବାଟ ଘାଟ
ଧାନ ହସିଲାଣି ଦୂର ଗହୀରରେ
ସୁନା ପରି ଦିଶେ କଅଁଳ ଖରାରେ
ନୂଆ ଆଶା ମନେ ଜାଗେ
ପୂଣ୍ୟ ମଗୁଶିରେ ପଦ୍ମଜା ଆସନ୍ତି
ଶଂଖ ହୁଳହୁଳି ଶୁଭେ
ହେମନ୍ତ ପରଶେ ବଢଇ ରାତି
ପ୍ରାତଃ ଭ୍ରମଣରେ ସର୍ବେ ଯାଆନ୍ତି
ଗାଆଁ ନଈପଠା ଧାରେ
ସୋରିଷ ଫୁଲର କମନୀୟ କାନ୍ତି
ପରାଣୁ ବିଷାଦ ହରେ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



## ପ୍ରେମିକା ବନାମ କବିତା

*ସିଦ୍ଧେଶ୍ୱର ତ୍ରିପାଠୀ*



ପ୍ରେମିକା ଆଉ କବିତା
ଦୁହେଁ ମୋ ଦୁର୍ବଳତାର
ବଡ଼ କାରଣ
ଏମାନେ ମୋ ଛାତିର ସ୍ପନ୍ଦନ
ମୋ ସୁନେଲି ସପନ
ଟିକିଏ ଦହନ ଆଉ ଟିକିଏ ଚନ୍ଦନ

ଏଦୁହେଁ ଏହାର
ସୁଯୋଗ ନିଅନ୍ତି
ମୋତେ ବହୁତ ହସାନ୍ତି
ଆଉ ଅଦିନରେ ହାତଛାଡି
ଲୁହରେ ଭିଜାନ୍ତି

ମୁଁ କିନ୍ତୁ ଘଡିଏବି ରହିପାରେନି
କାହାରିଠୁ ଦୂରେ
ଏ ଦୁହେଁତ ସୁନେଲି ସ୍ୱାକ୍ଷର
ଏଇ ମନ କାଗଜ ଉପରେ
ଏଇ ମନ କାଗଜ ଉପରେ ।

*ଖୋର୍ଦ୍ଧା*

## ସ୍ୱାଭିମାନ



ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର



ବାମ ହାତରେ କପାଳରୁ ରୁମାଲ୍‌ରେ ଝାଳ ପୋଛି ପୋଛି, ଡାହାଣ ହାତରେ ପରିବା ବ୍ୟାଗ୍‌ଟା ଧରି ଘର ଭିତରକୁ ପଶି ଯାଉ ଯାଉ ମନୋରଞ୍ଜନ ବାବୁ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ମାନସୀ.... ଆଜି ବି ସଚ୍ଚୋଟତା ଆଉ ସ୍ୱାଭିମାନ କୋଉଠି ନା କୋଉଠି ବଞ୍ଚିଛି । ଆଜି ହାଟରେ ଗୋଟିଏ ବିଚିତ୍ର କଥା ଦେଖିଲି ।

ଆଚ୍ଛା..... କଣ ବିଚିତ୍ର ମୁଁ ଟିକେ ଶୁଣେ .... ସ୍ୱାମୀଙ୍କ ଆଡକୁ ଚାହିଁ ହସି ହସି କହିଲେ ପତ୍ନୀ ମାନସୀ ।

ଆରେ ତୁମେ କହିଥିଲ ନାଲି କୋଶଳା ଶାଗ ଆଣିବାକୁ । ମୁଁ ଗୋଟେ ବୁଢ଼ୀ ବେପାରୀ ଠାରୁ ଶାଗ କିଣିବାକୁ ଗଲି । ସେ କହିଲା ବିଡ଼ା ଦଶ ଟଙ୍କା । ମୁଁ କହିଲି କୋଡିଏ ଟଙ୍କାରେ ତିନି ବିଡ଼ା ଦେ । କିନ୍ତୁ ସେ ମନା କଲା । ଅନ୍ୟ କେତେଜଣ ବି ଠିକ୍ ସେଇ କଥା କହି ତା ସହ ମୁଲ ଚାଲ କରୁଥିଲେ । ଇତି ମଧ୍ୟରେ ବିନା ବାକ୍ୟ ବ୍ୟୟରେ, ମୁଁ ତା ବସ୍ତାରୁ ତିନି ବିଡ଼ା ଶାଗ ବାଛି ତା କଥା ଅନୁସାରେ ତାକୁ ତିରିଶ ଟଙ୍କା ଧରେଇ ଦେଇ ଚାଲି ଆସିଲି । ହେଲେ କିଛି ସମୟ ପରେ ମୁଁ ପାଖ ଦୋକାନରୁ ଆଉ କିଛି କିଣିବା ବେଳେ, ସେ ମୋତେ ପଛରୁ ଡାକି ପୁଣି ମୋତେ ଦଶ ଟଙ୍କା ଫେରେଇ ଦେଲା ।

ମାନସୀ ପଚାରିଲେ, ଆରେ ତୁମେ ଭୁଲ୍‌ରେ ଚାଳିଶ ଟଙ୍କା ଦେଇ ଦେଇଥିବ ବୋଧେ ।

ଠୋ ଠୋ ହସି ମନୋରଞ୍ଜନ ବାବୁ କହିଲେ, ଆଦୌ ନୁହେଁ । ମୋର କଣ ଟଙ୍କା ଗୁଡା ମାହାଳିଆରେ ଆସୁଛି କି..... ମାସ ଯାକ ସବୁ କାମ ପଛରେ ପକାଇ ଯଥା ସମୟରେ କର୍ମ କ୍ଷେତ୍ରରେ ପହଁଚୁଛି ବୋଲି ସିନା ଦୁଇ ପଇସା ମିଳୁଛି ।

ତାଙ୍କ ଓଠରୁ କଥା ଛଡେଇ ମାନସୀ ଉତ୍ସୁକତାରେ ପଚାରିଲେ, ତେବେ... ଆଉ କଣ ହେଲା !

ପାନ ଖାଉ ଖାଉ ଛେପ ଟିକେ ବେସିନ୍‌ରେ ପକେଇ ଟ୍ୟାପ୍ ଖୋଲି ଦେଇ କହିଲେ ମନୋରଞ୍ଜନ ବାବୁ, ସେ ବୁଢ଼ୀ ମୋତେ ଦଶ ଟଙ୍କା ଫେରେଇ ଦେଇ ଅନ୍ୟ ଗ୍ରାହକ ଆଡକୁ ଆଖି ଇସାରା ଦେଇକରି କହିଲା, ତାଙ୍କୁ ସମସ୍ତଙ୍କୁ ପରା ତିନି ବିଡ଼ା କୋଡିଏ ଟଙ୍କାରେ ଦେଲି, ଆଉ ତୁମ ଠାରୁ ତିରିଶ ଟଙ୍କା ରଖିଲେ ଅନ୍ୟାୟ ହେବନି ।

ଗରିବ ହେଲେ କଣ ହେଲା ମାନସୀ, କିଛି ଲୋକଙ୍କ ପାଖରେ ମାନବିକତା, ମଣିଷ ପଣିଆ ଏବେବି ବଂଚିଛି । ସତରେ, ବୁଢ଼ୀ ଭାରି ସ୍ୱାଭିମାନୀ ମଣିଷଟିଏ ।

କାନ୍ଥ ଘଣ୍ଟାକୁ ଚାହିଁ କହିଲେ, ଆରେ ଆଠଟା ବାଜି ଗଲାଣି ଯେ... ତୁମ ବ୍ରେକ୍‌ଫାଷ୍ଟ ଖାଇବା ସମୟ ହୋଇ ଗଲାଣି ପରା କହି କହି ରୋଷେଇ ଘରକୁ ପଶି ଗଲେ ମନୋରଞ୍ଜନ ବାବୁ । ପତ୍ନୀଙ୍କ ପାଇଁ ସାଗୁ କ୍ଷୀରି ଟିକେ ରାନ୍ଧିବାକୁ ।

ପତ୍ନୀ ମାନସୀ ଶଯ୍ୟାଶାୟୀ । ସ୍ନାୟୁବିକ ଦୁର୍ବଳତା ଯୋଗୁଁ ସେ କିଛି ଦିନ ହେବ ବେଡ଼ରେ ପଡି ରହିଛନ୍ତି । କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟର କଥା ସେ ଭାରି ପଜିଟିଭ୍ । ସବୁବେଳେ ହସ ହସ ମୁହଁ । ଯେଉଁଠି ଖାଲି ସକାରାତ୍ମକ ଭାବ ଭରି ରହିଛି । କୌଣସି ଶାରୀରିକ ବା ମାନସିକ କଷ୍ଟ ତାଙ୍କୁ ବ୍ୟଥିତ କରିପାରେନାହିଁ । ଡାକ୍ତରଙ୍କ କଥାନୁସାରେ ଶାରୀରିକ ପୀଡା ତାଙ୍କର ସବୁ ଗହଣା ନେଇଯାଇଛି ସତ କିନ୍ତୁ ତାଙ୍କ ଓଠରେ ଥିବା ହସର ଗହଣା ସବୁବେଳେ ଚକ୍‌ଚକ୍ କରୁଛ ଆଉ ତାଙ୍କର ସେଇ ସକାରାତ୍ମକ ଭାବନା ହିଁ ସ୍ୱାମୀ ମନୋରଞ୍ଜନଙ୍କର ବଡ ସମ୍ବଳ ।

ମାନସୀ ମାନସୀ.... କହି କହି ଘର ଭିତରକୁ ପଶିଗଲେ ମନୋରଞ୍ଜନ ବାବୁ । ସ୍ତ୍ରୀ ମାନସୀଙ୍କ ପାଖରେ ସାଗୁ କ୍ଷୀରି ଥାଳିଆଟା ଥୋଇ ଦେଉ ଦେଉ, ମାନସୀ କହିଲେ, କେତେ ଆଉ ମୋ କଥା ବୁଝିବ । ଯେତେବେଳେ ସ୍ତ୍ରୀ ହୋଇ ମୁଁ ତୁମ ସେବା କରିବା କଥା ତୁମେ ମୋ ସେବା କରୁଛ । ବେଳେ ବେଳେ ବହୁତ ଦୁଃଖ ଲାଗୁଛି ତୁମ ପାଇଁ ।

ମାନସୀଙ୍କୁ ଶେଜରୁ ଉଠାଇ ପିଠିରେ ତକିଆ ରଖି କାନ୍ଥକୁ ଆଉଜେଇ ବସେଇ ଦେଉ ଦେଉ ମନୋରଞ୍ଜନ ବାବୁ କହିଲେ, କେତେ ଆଉ କରିଥାନ୍ତ ମାନସୀ । ବିବାହ ପରଠାରୁ ଯାହା ବି କରିଛ ସବୁ ତ ମୋ ପାଇଁ । ଶଙ୍ଖା ସିନ୍ଦୁର ପିନ୍ଧିଲ ତୁମେ... ମଙ୍ଗଳ ମନାସିଲ ମୋ ପାଇଁ । ନଅ ମାସ ଗର୍ଭ ଯନ୍ତ୍ରଣା ସହିଲ ତୁମେ କିନ୍ତୁ ଜନ୍ମ ଦେଲ ମୋ ବଂଶର ଉତ୍ତରାଧିକାରୀ । ନିଜେ ରାତି ରାତି ଉଜାଗର ରହି ପିଲାର ଯତ୍ନ ନେଲ, ଅଳି ଅଝଟ ସହି ବଡ଼ କଲ, କିନ୍ତୁ ସମସ୍ତେ କହିଲେ ମନୋରଞ୍ଜନର ପୁଅ । ବାର ମାସରେ ତେର ପର୍ବ ନାଁରେ ନିଜେ ଉପବାସରେ ରହି ମୋ ପାଇଁ ନାନା ସୁସ୍ୱାଦୁ ବ୍ୟଞ୍ଜନ କରି ମୋତେ ଖାଇବାକୁ ଦେଲ । କିନ୍ତୁ ନିଜେ ଉପାସ ରହି ମନ୍ଦିରରେ ମୋ ମଙ୍ଗଳ ହିଁ ମନାସି ଥିଲ ତୁମେ । ଆଉ ଆଜି ତୁମ ଅସୁସ୍ଥତାରେ ତୁମକୁ ସାଗୁ କ୍ଷୀରି ଟିକେ କରି ଦେବାର ସୌଜନ୍ୟତା କଣ ନାହିଁ ମୋ ପାଖରେ ।

ଟିକେ ମୁରୁକି ହସି କହିଲେ ମାନସୀ, ଓହୋ ସେସବୁ ପ୍ରତ୍ୟେକ ହିନ୍ଦୁ ସ୍ତ୍ରୀ ତା ଇହ ଓ ପର କାଳର ଦେବତା, ତା ସ୍ୱାମୀ ପାଇଁ କରନ୍ତି । ସବୁ ସ୍ତ୍ରୀ କରନ୍ତି.... ମୁଁ କଲି... ଏଥିରେ ବଡ଼ କଥା କଣ ।

ସ୍ତ୍ରୀଙ୍କ ଆଲୁରା କେଶକୁ କପାଳ ଉପରୁ ହଟେଇ ଦେଇ ମନୋରଞ୍ଜନ ବାବୁ କହିଲେ, ଆଚ୍ଛା.... ସବୁ ଖାଲି ସ୍ତ୍ରୀର କର୍ତ୍ତବ୍ୟ । ଆଉ ସ୍ୱାମୀର କିଛି କର୍ତ୍ତବ୍ୟ ନାହିଁ । ବୁଝିଲ ମାନସୀ, ବିବାହ ଏକ ଶାଶ୍ୱତ ବନ୍ଧନ । ସେଠି ଉଭୟ ସ୍ତ୍ରୀ ଓ ସ୍ୱାମୀ ପ୍ରତ୍ୟେକ ଦୁଃଖ ସୁଖରେ ସହଭାଗୀ ହେବାର ଶପଥ ନେଇଥାନ୍ତି । ସ୍ତ୍ରୀର ରକ୍ଷା କର୍ତ୍ତା ସାଜି ତା ହାତକୁ ଦୃଢ଼ ଭାବରେ ଧରି, ତା ଭୁଲ୍‌କୁ ଭୁଲି ଆଗକୁ ଆଗକୁ ଚାଲିବାର ନାଁ ତ ବୈବାହିକ ଜୀବନ । ଏଥିରେ ନୂଆ କଥା କଣ ? ହଉ ଛାଡ଼ ସେସବୁ କଥା । ନିଅ ମେଡ଼ିସିନ୍ ଖାଇ ଟିକେ ବିଶ୍ରାମ ନିଅ ।

ମାନସୀଙ୍କୁ ମେଡ଼ିସିନ୍ ଖୁଏଇ ସାରି, ନିଜ ପାଇଁ ଚା କପ୍‌ଟେ କରି ବାଲ୍‌କୋନୀରେ ବସି ପଡିଲେ ମନୋରଞ୍ଜନ ବାବୁ । ଦୂର ଦିଗ୍‌ବଳୟକୁ ଚାହିଁ ଅତୀତର ପୃଷ୍ଠା ଅବଲୋକନ କରୁ କରୁ ଅନେକ ଝାପ୍‌ସା ଝାପ୍‌ସା ମୁହଁ ମନର ଆଇନାରେ ଉଙ୍କି ମାରୁଥିଲେ । କେତେ ଘାତ ପ୍ରତିଘାତ ଦେଇ ଗତି କରି କରି ଆଜି ସେ ଜୀବନର ଅପରାହ୍ନରେ ପହଞ୍ଚିଛନ୍ତି ।

ଫୋନ୍‌ରେ ମେସେଜ୍ ଆସିବାର ଶବ୍ଦ ଶୁଣି ଫୋନ୍‌କୁ ଚାହିଁଲେ । ମନୋରଞ୍ଜନ ବାବୁ ଜନ୍ମ ଦିନର ଅନେକ ଶୁଭ କାମନା ଆସିଛି । ଜନ୍ମ ଦିନ ଆସିଲେ ଖୁବ୍ ମନେ ପଡନ୍ତି ସାଙ୍ଗମାନେ । ପିଲା ଦିନେ କେତେ ଜନ୍ମ ଦିନ ସେ ସାଙ୍ଗମାନଙ୍କ ସହ ପାଳିଛନ୍ତି । ସୋସିଆଲ୍ ମିଡ଼ିଆରେ ଶହ ଶହ ସଦିଚ୍ଛା ପଡିଛନ୍ତି ସେ । ସେତେବେଳେ ଯେଉଁ ସାଙ୍ଗମାନଙ୍କ ଶୁଭ କାମନାକୁ ସେ ଅଣଦେଖା କରି ନିଜ ସ୍ୱାଭିମାନର ସୁରକ୍ଷା କରିବାକୁ ଯାଇ ସେ ଧନ୍ୟବାଦଟିଏ ଲେଖିବାକୁ କୁଣ୍ଠାବୋଧ କରିଥିଲେ ଆଜି ଫେସ୍‌ବୁକ୍ ପେଜ୍‌କୁ ଯାଇ ସେସବୁକୁ ବାରମ୍ବାର ପଢିବାକୁ ଇଚ୍ଛା ହେଲା ତାଙ୍କର । ସବୁ ସାଙ୍ଗ ମାନଙ୍କ ଭିତରେ ସବୁଠୁ ଭଲ ସାଙ୍ଗ ଥିଲା ଅଭୟ। ପ୍ରତି ସୁଖ ଦୁଃଖରେ ଯିଏ ସବୁବେଳେ ପାଖରେ ଠିଆ ହଉଥିଲା ସେ ଥିଲା ଅଭୟ । ଏଇ ଭିତରେ ପ୍ରାୟ ଦୁଇ ତିନି ମାସ ହେଲା ତାଙ୍କର ଅଭୟ ସହ ଦେଖା ହୋଇନି..... । ଅଫିସ ଚାପରେ ହ୍ୱାଟ୍‌ସଆପ୍‌ରେ ବି ଟିକେ ଶୁଭ କାମନା ଜଣେଇବାକୁ ସମୟ ପାଇନାହାନ୍ତି ।

ମାନସୀ ବାଲ୍‌କୋନୀ ଆଡକୁ ଚାହିଁ, ସ୍ୱାମୀଙ୍କୁ ଅନ୍ୟ ମନସ୍କ ହେବାର ଦେଖି ପ୍ରଶ୍ନ କଲେ- କଣ ଭାବୁଛ ଏତେ ?

ହଁ ମାନସୀ... ଆଜି ଅଭୟ କଥା ବହୁତ ମନେ ପଡୁଛି ।

ମାନସୀ କହିଲେ, ଇଣ୍ଟରନେଟ୍ ଯୁଗରେ ଏଇଟା ଗୋଟେ କଥା ! ଫୋନ୍ କରି କଥା ହୋଇଯାଉନ ।

ନା.... ମୁଣ୍ଡ ହଲେଇ କହିଲେ ମନୋରଞ୍ଜନ ବାବୁ ।

ମାନସୀ ପୁଣି ପଚାରିଲେ, କିନ୍ତୁ କାହିଁକି ?.....

ଗମ୍ଭୀର ସ୍ୱରରେ କହିଲେ ମନୋରଞ୍ଜନ ବାବୁ, ମୋର କଣ ସ୍ୱାଭିମାନ ନାହିଁ । ସେ କାହିଁକି ଫୋନ୍ କରୁନି ମୋତେ ! ମୁଁ କାହିଁକି ସବୁବେଳେ ଆଗ ଫୋନ୍ କରିବି !

ଅନ୍ତରଙ୍ଗ ସାଙ୍ଗ ଆଗରେ କି ସ୍ୱାଭିମାନ ! ଚଟ୍ କରି କହି ପକେଇଲେ ମାନସୀ ।

ଖରାପ ଲାଗିଲେ ବି ନିରାଟ ସତ କଥା ତ ? ମନେ ମନେ ଭାବୁଥିଲେ ମନୋରଞ୍ଜନ ବାବୁ ।

ଅଭୟ ତୁମର ଗୋଟେ ଭଲ ସାଙ୍ଗ ଯିଏ ସବୁବେଳେ ତୁମକୁ ଭଲପାଏ, ଯତ୍ନ ନିଏ ଆଉ ଦୁଃଖ ସୁଖ ଶେୟାର କରେ । ତା ଆଗରେ ସ୍ୱାଭିମାନ କଣ ? ଅଢେଇ ଦିନର ପାଣିଫୋଟକା ସମ ଏ ଜୀବନରେ ଜଣେ ଭଲ ସାଙ୍ଗ ଠାରୁ ବଳି ବଡ ସମ୍ପତ୍ତି କଣ ବା ହୋଇପାରେ । ସ୍ୱାମୀଙ୍କ ମନସ୍ତତ୍ତ୍ୱକୁ ଅଧ୍ୟୟନ କରି ବୁଝେଇବା ସ୍ୱରରେ କହିଲେ ମାନସୀ ହଠାତ୍ କଲିଂ ବେଲ୍ ଶୁଣି କବାଟ ଖୋଲୁ ଖୋଲୁ ଅଭୟକୁ ଦେଖି ଆଚମ୍ବିତ ହୋଇଗଲେ ମନୋରଞ୍ଜନ ବାବୁ । ଟେଲିପାଥି ବୋଲି କହି, ପ୍ରାରମ୍ଭିକ ଔପଚାରିକତା ପରେ ହଠାତ୍ ଅଭୟକୁ ଭିଡି ଖୁବ୍ ଜୋର୍‌ରେ କାନ୍ଦିଲେ ସେ ।

ମାନସୀ ବଡ଼ ବଡ଼ ଆଖି କରି କିଂକର୍ତ୍ତବ୍ୟମୂଢ଼ ଅବସ୍ଥାରେ ନିଃସହାୟ ଦୃଷ୍ଟିରେ ଚାହିଁ ରହିଥାନ୍ତି ଉଭୟଙ୍କୁ । ବୋଧ ହୁଏ ତାଙ୍କର ଏ ଅଚଳବସ୍ଥା ପାଇଁ ସ୍ୱାମୀ ଭାଙ୍ଗି ପଡିଛନ୍ତି ଭାବି ଦୋଷୀ ଲାଗୁଥିଲା ତାଙ୍କୁ ।

ଟାୱେଲରେ ପ୍ରିୟ ବନ୍ଧୁଙ୍କ ମୁହଁ ପୋଛି ଦେଇ ପାଣି ଗ୍ଲାସେ ପିଆଇ ସୋଫାରେ ବସେଇ ଅଭୟ ଚାହିଁଲା ତାଙ୍କ ବିଷାଦ ଭରା ଆଖି ଦୁଇଟିକୁ । ବର୍ଷା ପରର ପୃଥିବୀ ପରି କିଛି ସମୟ ପୁରା ଚୁପ୍ ଚାପ୍ ବସି ରହିଲେ ଦୁଇବନ୍ଧୁ ।

ଆଜି ଜନ୍ମ ଦିନରେ ଏତେ କାନ୍ଦିଲୁ ଯେ... କଣ ହୋଇଛି ।

ଅଭିମାନ ଓ ଅଧିକାରର ଫେଣ୍ଟାଫେଣ୍ଟି ସ୍ୱରରେ ମନୋରଞ୍ଜନ ବାବୁ କହିଲେ, କି ଜନ୍ମ ଦିନ ମ.... ତୋର କଣ ମନେ ଅଛି ମୋ କଥା ! କାହିଁକି କେଜାଣି ପିଲାଦିନର ପ୍ରିୟ ସାଙ୍ଗକୁ ପାଇ ଭାବପ୍ରବଣ ହୋଇ ପଡୁଥିଲେ ମନୋରଞ୍ଜନ ବାବୁ ।

ମାନସୀଙ୍କ ଆଡକୁ ଇସାରା କରି କହିଲେ ଅଭୟ, ଦେଖିଲ ଭାଉଜ ଏଇ ବୟସରେ ବି ପିଲାଙ୍କ ଭଳି ଅଭିମାନ କରିଛି ମୋତେ ! ମୁଁ ପୁଣି ତା ଜନ୍ମ ଦିନ ଭୁଲିଯିବି । ପିଲାଦିନେ ମୋଟା ପୁର ଦିଆ ବିରି ପିଠାକୁ କାଟି କାଟି କେତେ ଜନ୍ମ ଦିନ ପାଳନ ହୋଇଛି । ଆଉ ମାଉସୀଙ୍କ ହାତ ରନ୍ଧା କ୍ଷୀରି.... ଓଃ..... କି ସୁଆଦିଆ ! ମୁଁ ବହୁତ ଦିନ ହେଲା ତୋ ପାଖକୁ ଆସିପାରି ନ ଥିବାରୁ ଦୁଃଖିତ । ମୁଁ ଗୋଟିଏ ଲିଟିଗେଶନରେ ଏମିତି ଫସି ଯାଇଥିଲି ଯେ.... କଣ ଆଉ କହିବି...... ? କିନ୍ତୁ ତୋର କଣ ହୋଇଛି ସାଙ୍ଗ ? ମୋତେ ଖୋଲିକି କହ... ହାଲୁକା ଲାଗିବ । ଆଜି ଭଳି ଶୁଭ ଦିନରେ କିଏ କାନ୍ଦେ !

ଅଭୟର ଉପସ୍ଥିତି ଅଭୟ ଆଣିଦେଲା ମନୋରଞ୍ଜନଙ୍କ ହୃଦୟରେ । ଏଇ ଅଭୟ ତାଙ୍କ ପାଇଁ କେବଳ ପ୍ରିୟ ସାଙ୍ଗ ଅଭୟ ହିଁ ଆଣିପାରିବ । କୋହ ଭରା ସ୍ୱରରେ ସେ କହିଲେ, ଏଇ ଜନ୍ମ ଦିନ ମୋ ଚାକିରୀ ଜୀବନର ଶେଷ ଜନ୍ମଦିନରେ ଅଭୟ । ମୋତେ ଆଜି ଷାଠିଏ ପୁରିଲା । ଏଇ ମାସ ଶେଷରେ ମୁଁ ଅବସର ନେବି । ଆଉ ସେଥିପାଇଁ ତୋତେ ଦେଖି ମନଟା ଟିକେ ଭାବ ପ୍ରବଣ ହୋଇଗଲା ।

କଥାକୁ ଟିକେ ହାଲୁକା କରିବାକୁ ଯାଇ ଅଭୟ କହିଲା, ଓହୋ ବାବୁଙ୍କ ଚିନ୍ତା ଦରମା ପାଇଁ !

ପ୍ରତ୍ୟୁତ୍ତରରେ କହିଲେ ମନୋରଞ୍ଜନ ବାବୁ, ତୁ ଜାଣିଛୁ ଅର୍ଥର ଲୋଭ ମୋର କେବେ ନଥିଲା କି ଆଜି ବି ନାହିଁ । ଭଗବାନଙ୍କ ଦୟାରୁ ଦୁଇ ଓଳି ଦୁଇମୁଠା ଦାନା ନିଶ୍ଚୟ ମିଳିଯିବ... କିନ୍ତୁ...

ତାଙ୍କ ପାଟିରୁ କଥା ଛଡେଇ ନେଇ କହିଲା ଅଭୟ... କ'ଣ କିନ୍ତୁ ! ଆରେ ଆରମ୍ଭ ଅଛି ମାନେ ଶେଷ ବି ଅଛି । ସନ୍ଧ୍ୟା ଅଛି ମାନେ ସକାଳ ବି ଅଛି । ଏଇ କଥାକୁ ନେଇ ଏତେ ବ୍ୟସ୍ତ କାହିଁକି ? ସବୁ ଭଗବାନଙ୍କ ନିର୍ଦ୍ଦେଶ । ସେ ଯାହା ବି କରନ୍ତି ସେଥିରେ କିଛି ମହତ ଉଦ୍ଦେଶ୍ୟ ନିଶ୍ଚିତ ଥାଏ ।

ମନୋରଞ୍ଜନ ବାବୁ ପ୍ରଶ୍ନଭରା ଆଖିରେ ଚାହିଁ କହିଲେ, ଚାକିରୀ ସରିଗଲା ପରେ କରିବି କଣ ? କେମିତି କଟିବ ମୋ ସମୟ । ମୋତେ ନିଜକୁ ନିଜ ଉପରେ ବୋଝ ଭଳି ପ୍ରତୀୟମାନ ହେଉଛି ।

ତୁ କଣ ଜାଣିନୁ, ଚାକିରୀ ଏକ ପ୍ରକାର ସେବା । ଜୀବନର ମୁଖ୍ୟ ଅଂଶ ତୁ ସେବାରେ କାଟି ଦେଇଛୁ । ଏବେ ନିଜ ପାଇଁ କିଛି କରିବାର ସମୟ ଆସିଛି । କିଛି ଶାରୀରିକ ବ୍ୟାୟାମ, କିଛି ପଢା ପଢି ଆଉ ଆଧ୍ୟାତ୍ମିକ ଚର୍ଚ୍ଚା ପାଇଁ ସମୟ ମିଳିଗଲା ବୋଲି ଭାବିନେ । ଆହୁରି ଭଲ ହେବ ଯଦି କିଛି ବଗିଚା କାମ ଆରମ୍ଭ କରିବୁ । ଫୁଲ ହେଉ କି ପରିବା.... ଦୁଇ ଚାରୋଟି ଗଛ ଲଗେଇ ତାର ଯତ୍ନ ନେଲେ ଡବଲ୍ ଫାଇଦା ଏକରେ ଶରୀର ଫୁର୍ତ୍ତି ଲାଗିବ ଆଉ ଦୁଇରେ କିଛି ସତେଜ ବିନା ସାର ଦିଆ ପରିବା ଖାଇବାକୁ ବି ମିଳିବ ।

ମାନସୀ ଚଟ୍ କରି କହି ପକେଇଲେ, ମୋତେ ବି କିଛି ସମୟ ଦେବା କଥା କି ନାହିଁ !

ତାଙ୍କ ପାଟିରୁ କଥା ଛଡେଇ ନେଇ ଅଭୟ କହିଲା, ହଁ ଭାଉଜଙ୍କୁ ନେଇ କେବେ କେବେ ଟିକେ ସିନେମା ଦେଖି ଯା ଆଉ କେତେବେଳେ ଟିକେ ପାର୍କରେ ବସ । ରସିକିଆ ସ୍ୱରରେ ଅଭୟ ପୁଣି କହିଲେ, ଚାଲ ଫେରିଯିବା ସେଇ କଲେଜ ଜୀବନକୁ.... ହାତରେ ହାତ ରଖି ରୋମନ୍ଥନ କରିବା ପ୍ରତିଟି ସ୍ମୃତିକୁ....

ସ୍ମୃତି ଏକ ରୁପା ଜହ୍ନ....
ଘର ତା'ର ନୁହେଁ ସୁନୀଳ ଆକାଶ,
ଘର ତା'ର ଏଇ ଆମ ମନ...
ସ୍ମୃତି ଏକ ରୁପା ଜହ୍ନ.....
ଦୁଇ ସାଙ୍ଗ ହସୁଥିଲେ ହସରେ ହସ ମିଶେଇ....

ମନୋରଞ୍ଜନ ବାବୁ ଭାବୁଥିଲେ ଅଳିକ ଏଇ ସଂସାରରେ ଜଣେ ଭଲ ସାଙ୍ଗ ଠାରୁ ବଳି ବଡ଼ ସମ୍ପତ୍ତି ଆଉ କଣ ହୋଇପାରେ । ସାଙ୍ଗ ପାଖରେ କି ସ୍ୱାଭିମାନ !

*ମୋ-୯୮୬୧୧୯୨୪୪୫*

# ଆରସିବି-କେକେଆର ଅଧିନାୟକ ହେବେ ଭେଙ୍କଟେଶ ଆୟର !



**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ ଅର୍ଥାତ୍ ଆଇପିଏଲ ୨୦୨୫ର ୧୮ତମ ସିଜନ୍ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି । ତଥାପି ଏପରି ଅନେକ ଦଳ ଅଛନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ସେମାନଙ୍କର ଅଧିନାୟକ ଘୋଷଣା କରିନାହାନ୍ତି । ଏହି ତାଲିକାରେ କୋଲକାତା ନାଇଟ ରାଇଡର୍ସ (କେକେଆର) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଧ୍ୟ ଅନ୍ତର୍ଭୁକ୍ତ । ଏହି ଦୁଇ ଦଳର ଅଧିନାୟକଙ୍କ ବିଷୟରେ ଏକ ବଡ଼ ଅପଡେ଼ଟ୍ ଆସିଛି ।

କିଛି ଦିନ ପୂର୍ବରୁ ଖବର ଆସିଥିଲା ଯେ କୋଲକାତା ନାଇଟ ରାଇଡର୍ସ ଆସନ୍ତା ସିଜନରେ ରିଙ୍କୁ ସିଂଙ୍କୁ ଅଧିନାୟକ କରିପାରେ । ଏହି ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ତେବେ ପରେ କେକେଆର ଅଧିନାୟକଙ୍କ ବିଷୟରେ କାହାଣୀ ବଦଳିଗଲା । ତା'ପରେ ଆଉ ଏକ ନୂଆ ଖବର ଆସିଲା କି ଏଥର ଅଜିଙ୍କ୍ୟ ରାହାଣେଙ୍କୁ ଅଧିନାୟକ କରାଯିବ । ବର୍ତ୍ତମାନ ଏକ ନୂତନ ରିପୋର୍ଟରେ ଏକ ନୂତନ ଦାବି କରାଯାଇଛି । ରିପୋର୍ଟ ଅନୁଯାୟୀ, ଭେଙ୍କଟେଶ ଆୟର ଆଇପିଏଲ ୨୦୨୫ରେ କୋଲକାତା ନାଇଟ ରାଇଡର୍ସର ଅଧିନାୟକ ହୋଇପାରନ୍ତି । ଏହି ଅଲରାଉଣ୍ଡରଙ୍କୁ କିଣିବା ପାଇଁ କେକେଆର ନିଲାମରେ ବିପୁଳ ପରିମାଣର ଖର୍ଚ୍ଚ କରିଥିଲା । କେକେଆର ଭେଙ୍କଟେଶ ଆୟରଙ୍କୁ ୨୩.୭୫ କୋଟିରେ କିଣିଛି ।

ଆରସିବି ନିଲାମ ପୂର୍ବରୁ ଫାଫ ଡୁ ପ୍ଲେସିସ ରିଲିଜ୍ କରିଥିଲା, ସେତେବେଳେ ଏହା ସ୍ପଷ୍ଟ ହୋଇଗଲା ଯେ ବର୍ତ୍ତମାନ ଦଳ ଜଣେ ନୂଆ ଅଧିନାୟକଙ୍କ ସହ ଫିଲ୍ଡିଂ କରିବ । ତା'ପରେ କିଛି ଦିନ ପରେ ଖବର ଆସିଲା ଯେ ପୁଣି ଥରେ ବିରାଟ କୋହଲି ଆରସିବିର ଦାୟିତ୍ୱ ଗ୍ରହଣ କରିବେ । ତେବେ ବିରାଟ କିମ୍ବା ଫ୍ରାଞ୍ଚାଇଜ ଏ ବିଷୟରେ କିଛି କହି ନାହାନ୍ତି । ଏହି ସମୟରେ, ଅନ୍ୟ ଏକ ଖବର ଆସିଲା ଯେ ଏଥର ଆରସିବି ନିଲାମରେ କେ.ଏଲ ରାହୁଲଙ୍କୁ କିଣିବ ଏବଂ ତାଙ୍କୁ ଏହାର ଅଧିନାୟକ କରିବ । ଏହି ଦାବି ମଧ୍ୟ ସମ୍ପୂର୍ଣ୍ଣ ଭୁଲ ବୋଲି ପ୍ରମାଣିତ ହୋଇଛି । ବର୍ତ୍ତମାନ ଏକ ନୂତନ ଅପଡେଟ୍ ଆସିଛି । ରିପୋର୍ଟରେ କୁହାଯାଇଛି ଯେ, ଆରସିବି ଯୁବ ଖେଳାଳି ରଜତ ପାଟିଦାରଙ୍କୁ ଅଧିନାୟକ ଭାବେ ନିଯୁକ୍ତ କରିବ । ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ମଧ୍ୟପ୍ରଦେଶର ଅଧିନାୟକ ଅଛନ୍ତି ରଜତ ପାଟିଦାର ।

# ଚେସ୍ ଚାମ୍ପିଅନ ଗୁକେଶଙ୍କୁ ୫ କୋଟିର ପୁରସ୍କାର ଘୋଷଣା



**ନୂଆଦିଲ୍ଲୀ**

ବିଶ୍ୱର ସର୍ବକନିଷ୍ଠ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ଦୋମାରାଜୁ ଗୁକେଶଙ୍କ ପାଇଁ ୫ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି ତାମିଲନାଡୁ ସରକାର । ଗୁରୁବାର ଖେଳାଯାଇଥିବା ବିଶ୍ୱ ଚେସ ଚାମ୍ପିଅନସିପର ୧୪ଶ ବା ଅନ୍ତିମ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର ଗୁକେଶ ଗତବର୍ଷର ଚାମ୍ପିଅନ ଚୀନ୍‌ର ଡିଙ୍ଗ ଲିରେନଙ୍କୁ ପରାସ୍ତ କରିଥିଲେ । ଏହି ୧୪ ରାଉଣ୍ଡର ମୁକାବିଲାକୁ ଗୁକେଶ ୭.୫-୬.୫ ପଏଣ୍ଟ ବ୍ୟବଧାନରେ ଜିତି ନେଇଥିଲେ । ଗୁକେଶଙ୍କ ଐତିହାସିକ ବିଜୟ ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ ତାଙ୍କୁ ବହୁ ପ୍ରଶଂସା କରିଥିଲେ । ତାଙ୍କର ବିଜୟ ଦେଶ ପାଇଁ ଗର୍ବର ବିଷୟ ବୋଲି ଷ୍ଟାଲିନ କହିଥିଲେ ।

## ଗୁକେଶଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିଅନ୍ ହୋଇଥିବା ଡି. ଗୁକେଶଙ୍କ ପାଇଁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି । ଦେଶକୁ ଗର୍ବିତ କରିଥିବା ଗୁକେଶଙ୍କୁ ଏକ୍ସ ଜରିଆରେ ଦେଶର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅଭିନନ୍ଦନ ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟ୍ୱିଟରରେ ଲେଖିଛନ୍ତି, ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିଅନ୍ ହୋଇଥିବା ଡି. ଗୁକେଶଙ୍କୁ ହୃଦୟରୁ ଅଭିନନ୍ଦନ । ସେ ଭାରତକୁ ବହୁତ ଗର୍ବିତ କରିଛନ୍ତି । ତାଙ୍କ ବିଜୟ ଯୋଗୁଁ ଏକ ଚେସ୍ ଶକ୍ତି ଭାବେ ଭାରତର କର୍ତ୍ତୃତ୍ୱ ଆହୁରି ଋଦ୍ଧିମନ୍ତ ହୋଇଛି । ସମସ୍ତ ଭାରତୀୟଙ୍କ ପକ୍ଷରୁ ତୁମର ଉଜ୍ଜ୍ୱଳ ଭବିଷ୍ୟତର କାମନା କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲେଖିଛନ୍ତି- ଐତିହାସିକ ଓ ଅନୁକରଣୀୟ ! ତାଙ୍କର ଚମତ୍କାର କୃତିତ୍ୱ ପାଇଁ ଗୁକେଶଙ୍କୁ ବହୁତ ଅଭିନନ୍ଦନ । ଏହା ଅଦ୍ୱିତୀୟ ପ୍ରତିଭା, କଠିନ ପରିଶ୍ରମ ଓ ଅଟଳ ନିଷ୍ଠାର ସୁଫଳ । ତାଙ୍କ ବିଜୟ କେବଳ ଇତିହାସ ରଚିନାହିଁ; କୋଟିକୋଟି ଭାରତୀୟଙ୍କୁ ପ୍ରେରଣା ଯୋଗାଇବ । ଭବିଷ୍ୟତ ପାଇଁ ବହୁତ ଶୁଭେଚ୍ଛା । କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଡ. ମନସୁଖ ମାଣ୍ଡଭ୍ୟ ଏକ୍ସରେ ଲେଖିଛନ୍ତି, ସମ୍ମାନଜନକ ବିଶ୍ୱ ଚେସ୍ ଚାମ୍ପିଆନ୍‌ସିପ୍ ଟାଇଟଲ ଜିତିଥିବାରୁ ଡି. ଗୁକେଶଙ୍କୁ ବହୁତ ଅଭିନନ୍ଦନ ଜଣାଉଛି । ତୁମେ ସର୍ବକନିଷ୍ଠ ବିଶ୍ୱ ଚାମ୍ପିଅନ୍ ହୋଇପାରିଛ । ତୁମ କଠିନ ପରିଶ୍ରମ ସାରାଦେଶକୁ ଗର୍ବିତ କରିଛି । ଭାରତର ପ୍ରଥମ ବିଶ୍ୱ ଚେସ୍ ଚମ୍ପିଆନ୍ ବିଶ୍ୱନାଥନ୍ ଆନନ୍ଦ କହିଛନ୍ତି, ଅଭିନନ୍ଦନ ! ଚେସ୍ ଓ ଭାରତ ପାଇଁ ଏହା ଗର୍ବର ମୁହୂର୍ତ୍ତ । ବ୍ୟକ୍ତିଗତ ଭାବେ ମୋ ପାଇଁ ଏହା ଗର୍ବର ବିଷୟ ।

# ପାକିସ୍ତାନ ଜିତିବ ୨୦୨୫ ଚାମ୍ପିଅନ୍ସ ଟ୍ରଫି : ସୋଏବ



**ଇସଲାମାବାଦ**

ବିଶ୍ୱର ଦ୍ରୁତତମ ବୋଲର ଭାବରେ ଖ୍ୟାତି ଅର୍ଜନ କରିଥିବା ଶୋଏବ ଅଖତର ଚାମ୍ପିଅନ୍ସ ଟ୍ରଫି-୨୦୨୫ରେ କେଉଁ ଦଳ ବିଜୟୀ ହେବ ସେ ନେଇ ଭବିଷ୍ୟବାଣୀ କରିଛନ୍ତି । ଅଖତର ଏଥର କାହାକୁ ଚାମ୍ପିଅନ୍ସ ଟ୍ରଫିର ବିଜେତା ଭାବରେ ଦେଖିବାକୁ ଚାହୁଁଛନ୍ତି, ତାହା ଜଣାଇଛନ୍ତି । ୨୦୧୭ପରେ ପ୍ରଥମ ଥର ପାଇଁ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହେଉଛି । ୨୦୧୭ରେ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ପାକିସ୍ତାନ ଭାରତକୁ ପରାସ୍ତ କରି ଟାଇଟଲ ଜିତିଥିଲା । ବର୍ତ୍ତମାନ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହେବାକୁ ଯାଉଛି । ଏହାକୁ ନଜରରେ ରଖି ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତର ଭବିଷ୍ୟବାଣୀ କରିଛନ୍ତି ଯେ, ୨୦୨୫ରେ ବି ପାକିସ୍ତାନ ଜିତିବ ।

ପାକିସ୍ତାନୀ ୟୁଟ୍ୟୁବର୍ ନିକସ ଖାନଙ୍କ ପୋଡ୍‌କାଷ୍ଟକୁ ଯାଇ ଅଖତର କହିଛନ୍ତି, 'ମୁଁ ପାକିସ୍ତାନକୁ ବିଜେତା ବୋଲି ଭାବି ନେଇଛି ଏବଂ ଦଳ ବର୍ତ୍ତମାନ ଯେମିତି ହେଲେ ବି ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିବା ଉଚିତ । ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଆୟୋଜନ ହେବା ବିଷୟ ଉପରେ ଅନେକ ବିବାଦ ହୋଇସାରିଛି । ଭାରତ ଆମ ଦେଶକୁ ଆସିବାକୁ ରାଜି ନହେବାରୁ ଶେଷରେ ହାଇବ୍ରିଡ୍ ମଡେଲରେ ମ୍ୟାଚ୍ ହେବାକୁ ଯାଉଛି । ଏଭଳି ପରିସ୍ଥିତିରେ ପାକିସ୍ତାନକୁ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତି ଦେଖାଇ ଦେବାକୁ ହେବ ଯେ, ପାକିସ୍ତାନ ବିଶ୍ୱ କ୍ରିକେଟରେ କେଉଁ ଠାରେ ରହିଛି । ମୁଁ ଭବିଷ୍ୟ ବାଣୀ କରୁଛି ଯେ, ପାକିସ୍ତାନ ଜିତିବ ।'

# ବିପିଏଲ-୧ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ କଲେଜ ପଡ଼ିଆ ଠାରେ ଅନୁଷ୍ଠିତ ବିପିଏଲ-୧ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଶେଷରେ କମାଣ୍ଡ-୧୧ ଓ ଏମାରଜିଙ୍ଗ ଟାଇଟନ୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବ୍ୟାଟିଂ କରି ଏମାରଜିଙ୍ଗ ଟାଇଟନ୍ସ ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ କରିଥିବା ବେଳେ କମାଣ୍ଡ ଦଳ ୧୪. ୪ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । କମାଣ୍ଡ ଦଳର ପରମେଶ୍ୱର ବେହେରା ୫୪ ରନ, ସୌରଭ ସାହୁ ୪୬ ରନ, ରଣଜିତ ପଣ୍ଡା ୪ରନ କରିଥିବା ବେଳେ ଲୋକନାଥ ପୃଷ୍ଟି ୩ଟି ଉଇକେଟ ଅକ୍ତିଆର କରଥିଲେ । ବିପକ୍ଷ ଦଳର ମାରି ଲୋକନାଥ ୫୩ ଓ ଦେବବ୍ରତ ବେହେରା ୩୮ ରନ ଏବଂ ଆଲୋକ ଦାସ ୩ଟି ଉଇକେଟ ଅକ୍ତିଆର କରିଥିଲେ । ମନମୋହନ ମୁର୍ମୁ ଓ ଚନ୍ଦନ ବିନ୍ଧାଣି ଖେଳ ପରିଚାଳନା କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଭାବେ ପରମେଶ୍ୱର ବେହେରା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ ଦି ସିରିଜ୍ ଭାବେ ମାରି ଲୋକନାଥ, ଶ୍ରେଷ୍ଠ ବୋଲର ଭାବେ ସଂଜୀବ ମହାପାତ୍ର ପୁରସ୍କୃତ ହୋଇଥିଲେ । ଓ ଚାମ୍ପିଅନ ଦଳକୁ ୫ ହଜାର ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୩ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ କେଶରୀ ଜେନା, ରିଷିରାଜ ପଟ୍ଟନାୟକ, ସାମନ୍ତ ଶେଖର ପାଲ ଓ ସୌମ୍ୟ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ ।

# ଏମ୍‌କେସି ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆନ୍ତଃକ୍ଲାସ୍ ଫୁଟବଲ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ ସମାରୋହ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବହୁ ବର୍ଷର ଅନ୍ତ ପରେ ଫୁଟବଲର ଗୌରବମୟ ଐତିହ୍ୟକୁ ଫେରାଇ ଆଣିବା ପାଇଁ ଏମ୍‌କେସି ହାଇସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଡିସେମ୍ବର ୧୭ ଓ ୧୮ ତାରିଖ ଦିନ ବାରିପଦା ଷ୍ଟାଡିୟମରେ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିଭା ସମ୍ପନ୍ନ ଛାତ୍ରଙ୍କୁ ନେଇ ଆନ୍ତଃ କ୍ଲାସ୍ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କ ପୌରୋହିତ୍ୟରେ ଓ ପୁରାତନ ଫୁଟବଲ ଖେଳାଳି ପ୍ରଦୀପ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଫୁଟବଲ ଖେଳାଳି ଛାତ୍ରମାନଙ୍କ ଦ୍ୱାରା ପ୍ରବଳ ଆନନ୍ଦ ଉଲ୍ଲାସ ମଧ୍ୟରେ ରଙ୍ଗ ବେରଙ୍ଗି ଜର୍ସିର ଉନ୍ମୋଚନ ସମାରୋହ ସ୍କୁଲ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ, ଉପସଭାପତି ଡ. ଅକ୍ଷୟ ଅଗ୍ରୱାଲ, ଉପଦେଷ୍ଟା ମାନସ ଷଡ଼ଙ୍ଗୀ, ସହ ସମ୍ପାଦକ ରବୀନ୍ଦ୍ର ସାହୁ, ବରିଷ୍ଠ ପୁରାତନ ଛାତ୍ର ଅମୂଲ୍ୟ ମିଶ୍ର, ହରିଶ ଷଡ଼ଙ୍ଗୀ, ଅନନ୍ତ ଦାଶ, ଅନ୍ତର୍ଯ୍ୟାମୀ ସାହୁ, ଅଶ୍ୱିନୀ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ । ଯୁବ ଶିକ୍ଷକ ଶାନ୍ତନୁ ଦାସ ସଂଯୋଜନା କରିଥିଲେ । ପ୍ରଥମ ଥର ପାଇଁ ଆରମ୍ଭ ହେବାକୁ ଥିବା ଆନ୍ତଃ କ୍ଲାସ ଅମଳେନ୍ଦୁ ଦାସ ଓ ବିନୟ ବାନାର୍ଜୀ ମେମୋରିଆଲ ଶିଲ୍ଡ ଫୁଟବଲ ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ବାରିପଦାର ଖେଳ ପ୍ରେମୀମାନଙ୍କ ସହଯୋଗ କାମନା କରା ଯାଉଛି ।

# ଇଷ୍ଟବେଙ୍ଗଲ୍ ଏଫ୍‌ସିକୁ ୨-୧ ଗୋଲ୍‌ରେ ହରାଇଲା ଓଡ଼ିଶା ଏଫ୍‌ସି



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସି ଚମତ୍କାର ଭାବେ ଇଷ୍ଟବେଙ୍ଗଲ୍ ଏଫ୍‌ସିକୁ ତା' ନିଜ ପଡ଼ିଆରେ ହରାଇଛି । କୋଲ୍‌କାତାର ସଲ୍ଟ ଲେକ୍‌ସ୍ଥିତ ବିବେକାନନ୍ଦ କ୍ରୀଡ଼ା ଭାରତୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୨-୧ ଗୋଲ୍‌ରେ ବିଜୟୀ ହୋଇ ପଏଣ୍ଟ ଟେବୁଲ୍‌ର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ବିଗତ ୫ ମ୍ୟାଚ୍‌ରେ ଅପରାଜିତ ରହିଥିବା ଏହି ଭୁବନେଶ୍ୱର ଦଳ ତୃତୀୟ ବିଜୟ ପାଇଛି । ପ୍ରଥମାର୍ଦ୍ଧରେ ଜ୍ୟାକସନ୍ ସିଂହ ଲାଲକାର୍ଡ (୪୩ ମିନିଟ) ପାଇବାରୁ ଇଷ୍ଟ ବେଙ୍ଗଲ୍ ୧୦ ଜଣରେ ଖେଳିଥିଲା । ଏହା ସତ୍ତ୍ୱେ ଦ୍ୱିତୀୟାର୍ଦ୍ଧର ୫୩ତମ ମିନିଟରେ ଲାଲଚୁଙ୍ଗୁଙ୍ଗାଙ୍କ ଗୋଲ୍ ବଳରେ ଘରୋଇ ଦଳ ଅଗ୍ରଣୀ ନେଇଯାଇ ଥିଲା । ଏହି ଅଗ୍ରଣୀ ଅଧିକ ସମୟ ରହି ନଥିଲା । ୫୫ତମ ମିନିଟରେ ଜେରି ମାହିଓ୍ୱଙ୍ଗଥାଙ୍ଗା ଗୋଲ୍ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇଥିଲା । ୮୧ତମ ମିନିଟ୍‌ରେ ହୁଗୋ ବେମସ୍‌ଙ୍କ ଗୋଲ୍ ନିର୍ଣ୍ଣାୟକ ହୋଇଥିଲା । ଓଡ଼ିଶା ୧୨ ମ୍ୟାଚ୍‌ରୁ ୧୯ ପଏଣ୍ଟ ପାଇଥିବା ବେଳେ ମୋହନ ବାଗାନ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ଯଥାକ୍ରମେ ସମାନ ୨୩ ପଏଣ୍ଟ ପାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

# ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ନନ୍ଦପୁର ବ୍ଲକ ଗଣିନାୟକପୁଟ ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବର ଶୁଭାରମ୍ଭ ହୋଇଯାଇଛି । ନନ୍ଦପୁର ବ୍ଲକ ମହକୁମା ନିକଟ ବାଲିପଦା ପଡ଼ିଆରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ସମ୍ମାନିତ ଅତିଥି ଭାବେ ଏସଡିପିଓ ସମ୍ବିତ କୁମାର ମାଝି ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରିନ୍ସିପାଲ ନନ୍ଦ ଖରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କବାଡ଼ି, ଦୌଡ଼, ଜାବଲିନ, ପୁଟିଂ ଦି ସୋଟ, ସ୍କିପିଂ ଏବଂ ଉଚ୍ଚ ଡିଆଁ ଓ ଲମ୍ବ ଡିଆଁ ପ୍ରତିଯୋଗିତା ଭାଗ ନେଇଥିଲେ । ଦ୍ୱିତୀୟ ଦିବସ ଅନ୍ୟାନ୍ୟ ଖେଳ ପ୍ରତିଯୋଗିତା ହେବ । ଏହି ଦୁଇ ଦିବସର ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନ ପତ୍ର ପ୍ରଦାନ କରାଯିବ । ଏହି କ୍ରୀଡ଼ା ଉତ୍ସବକୁ କ୍ରୀଡ଼ା ଶିକ୍ଷକ ସୁଧାକର ବେହେରା ପରିଚାଳନା କରିଥିବା ବେଳେ ଶିକ୍ଷକ, ସତ୍ୟବ୍ରତ ଆଚାର୍ଯ୍ୟ, ଗିରିଜା ଶଙ୍କର ହୋତା, ସୁଦୀପ୍ତ କନ୍ଦର୍, ସରୋଜ କାନ୍ତ ସାହୁ, ରଞ୍ଜିତ ତିର୍କୀ, ବିଭୁ ଚନ୍ଦନ ପଟ୍ଟନାୟକ, ଅଜିତ କୁମାର ମଲ, ଶିକ୍ଷୟିତ୍ରୀ ସୂର୍ଯ୍ୟସ୍ମିତା ସୁପ୍ରିୟା ତୁରୁକ, ଦିବ୍ୟଶ୍ରୀ ମହାରଣା, ଲକ୍ଷ୍ମୀ ପଟେଲ, ଭାଗ୍ୟଶ୍ରୀ ପ୍ରଧାନ, ଇମାନିତା ପୂର୍ତ୍ତି, ପ୍ରିୟଙ୍କା ଦଳନାୟକ, ଓ ଜଳନ୍ଧର ମାଳି ସହଯୋଗ କରିଥିଲେ ।

# ଦୂତି ଚାନ୍ଦଙ୍କ କାର୍‌କୁ ଧକ୍କା ଦେଲା ଟ୍ରକ୍




**କଟକ, ନ୍ୟୁଜ୍‌ବ୍ୟୁରୋ**

ଅଲିମ୍ପିଆନ ଦୂତି ଚାନ୍ଦଙ୍କ କାର୍ ୧୬ ନମ୍ବର ଜାତୀୟ ରାଜପଥର କଟକ ମଧୁପାଟଣା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ତେବେ ଦୂତି ସୁରକ୍ଷିତ ଥିବାବେଳେ ତାଙ୍କ କାର୍ କ୍ଷତିଗ୍ରସ୍ତ ହୋଇଛି ।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଦୂତି କୌଣସି କାର୍ଯ୍ୟକ୍ରମରେ ଯୋଗଦେଇ ଯାଜପୁରରୁ ଭୁବନେଶ୍ୱର ଅଭିମୁଖେ କାର୍‌ରେ ଆସୁଥିଲେ । ମଧୁପାଟଣା ନିକଟରେ ତାଙ୍କ କାର୍‌କୁ ଏକ ଟ୍ରକ୍ ଧକ୍କା ଦେଇଥିଲା । ପରେ ଟ୍ରକ୍ ଚାଳକ ତାଙ୍କୁ ଦୁର୍ବ୍ୟବହାର କରି ପଳାଇ ଯାଉଥିଲା । ହେଲେ ଦୂତି ଗୋଡ଼ାଇ ଗୋଡ଼ାଇ ଉକ୍ତ ଟ୍ରକ୍‌କୁ କାବୁ କରିଥିଲେ ।

ଖବରପାଇ ମଧୁପାଟଣା ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଏନେଇ ଦୂତି ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(ନଂ.୩୩୧/୨୪) ରୁଜୁ କରିଥିବା ଆଇଆଇସି ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

# ବାଇକ୍ ଚାଳନାରେ ମନିଷ ରାଠୀଙ୍କ 'ଗିନିଜ୍ ୱାର୍ଲଡ ରେକର୍ଡ'

## ହ୍ୟାଣ୍ଡଲ ନଧରି ଗୋଟିଏ ଟାୟାରରେ ଚଳାଇଲେ ୨,୩୪୯ ମିଟର




**ବେଙ୍ଗାଲୁରୁ**

ଭାରତୀୟ ସେନାରେ ହାବିଲଦାର ମନିଷ ରାଠୀ ୧୧ ଡିସେମ୍ବର ବାଇକ୍ ଚାଳନାରେ ଗିନିଜ ୱାର୍ଲଡ ରେକର୍ଡ କରିଛନ୍ତି । ସେ ବେଙ୍ଗାଲୁରରେ ହ୍ୟାଣ୍ଡେଲ ନ ଧରି ୨,୩୪୯ମିଟର ପର୍ଯ୍ୟନ୍ତ ବାଇକ୍‌କୁ ଗୋଟିଏ ଟାୟାରରେ ବାଇକ୍ ଚଳାଇ ନୂଆ ବିଶ୍ୱ ରେକର୍ଡ କରିଛନ୍ତି । ସେ ଏହି ଉଲ୍ଲେଖନୀୟ ଉପଲବ୍ଧି ବେଙ୍ଗାଲୁରୁ-ଚେନ୍ନାଇ ଏକ୍ସପ୍ରେସ୍ ୱେରେ ୩ମିନିଟ୍ ୫୪ ସେକେଣ୍ଡରେ ଘଣ୍ଟାପ୍ରତି ୪୦ କିଲୋମିଟର ବେଗରେ ବାହନ ଚାଳାଇ ହାସଲ କରିଛନ୍ତି । ଏବେ ଭାରତୀୟ ସୈନିକ ମନିଷ ରାଠୀଙ୍କ ନାମ ଗିନିଜ୍ ବୁକ୍ ଅଫ ୱାର୍ଲଡ ରେକର୍ଡରେ ସ୍ଥାନିତ ହୋଇଯାଇଛି । ମନିଷ ରାଠୀ ହରିୟାଣା ରୋହତକର ଜିନ୍ଦ୍ରାନ ଗ୍ରାମର ବାସିନ୍ଦା ଓ ସେ ୧୩ ବର୍ଷ ପୂର୍ବେ ଭାରତୀୟ ସେନାରେ ଯୋଗ ଦେଇଥିଲେ । ବର୍ତ୍ତମାନ ସେ କର୍ଣ୍ଣାଟକର ବେଙ୍ଗାଲୁରୁରେ ହାବିଲଦାର ପଦବୀରେ ଅବସ୍ଥାପିତ ଅଛନ୍ତି । ମନିଷ ରାଠୀ ଭାରତୀୟ ସେନାର ଟିମ୍ ସହିତ ଅନେକ ବାଇକ୍ ଷ୍ଟଣ୍ଟରେ ଭାଗ ନେଇଛନ୍ତି । ସେ ବିଭିନ୍ନ ସ୍ଥାନରେ ୧୦୦ରୁ ୧୫୦ଟି ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି । ବିଶ୍ୱ ରେକର୍ଡ ହାସଲ କରିବା ପାଇଁ ସେ ୬ ମାସ ଧରି କଠିନ ପରିଶ୍ରମ କରିଛନ୍ତି । କଠୋର ଅଭ୍ୟାସ କାଳରେ ସେ ଅନେକ ଥର ପଡ଼ିଛନ୍ତି ହେଲେ ହାର ମାନି ନାହାନ୍ତି । ପିଲାଦିନୁ ବାଇକ୍ ଚଳାଇବା ମନିଷଙ୍କ ସଉକ ଥିଲା । ୨୦୧୧ରେ ସେନାରେ ଯୋଗଦେବା ପରେ ସେ ସେନାର ବାଇକ ଷ୍ଟଣ୍ଟ ଟିମ୍ ଦ୍ୱାରା ପ୍ରେରିତ ହୋଇଥିଲେ ଓ ଏହାର ଅଂଶବିଶେଷ ହୋଇଯାଇଥିଲେ । ୨୦୧୪ରେ ସେ ଅଧିକାରୀକ ଭାବେ ବାଇକ୍ ଷ୍ଟଣ୍ଟ ଟିମ୍‌ରେ ସାମିଲ ହୋଇଥିଲେ ଓ ଅଭ୍ୟାସ କରିବା ଆରମ୍ଭ କରିଥିଲେ । ପ୍ରଥମେ ପ୍ରଥମେ ସେ ବହୁତ ଡରୁଥିଲେ ଓ ବାଇକ୍‌ର ହ୍ୟାଣ୍ଡେଲ ଛାଡୁନଥିଲେ । ହେଲେ ଦୃଢତା ଯୋଗୁ ସେ ଧୀରେ ଧୀରେ ତାଙ୍କ କୌଶଳରେ ସୁଧାର କରିଥିଲେ । ମନିଷ ତାଙ୍କ ପରିବାରର ଏକମାତ୍ର ସଦସ୍ୟ ଯିଏ ସେନାରେ ଯୋଗ ଦେଇଛନ୍ତି । ସେ ପିଲାଦିନରୁ ସେନାରେ ଯୋଗ ଦେବାକୁ ସ୍ୱପ୍ନ ଦେଖୁଥିଲେ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସେ ଅକ୍ଳାନ୍ତ ପରିଶ୍ରମ ମଧ୍ୟ କରିଥିଲେ । ତାଙ୍କର ଦୃଢ ସଂକଳ୍ପ ଓ କଠିନ ପରିଶ୍ରମ ଏବେ ତାଙ୍କୁ କିଛି ଅସାଧାରଣ କରି ଦେଖାଇବାରେ ସହାୟତା କରିଛି ।

# ହାଇବ୍ରିଡ୍ ମଡେଲ ଉପରେ ମୋହର ମାରିଲା ଆଇସିସି





**ନୂଆଦିଲ୍ଲୀ**

୨୦୨୫ ଚାମ୍ପିଅନ ଟ୍ରଫି ପାଇଁ ହାଇବ୍ରିଡ୍ ମେଡଲକୁ ଅନ୍ତରାଷ୍ଟ୍ରୀୟ କ୍ରିକେଟ ପରିଷଦ ମଞ୍ଜୁରୀ ଦେଇଛି । ପାକିସ୍ତାନ କ୍ରିକେଟ ବୋର୍ଡ ଏବଂ ବିସିସିଆଇ ମଧ୍ୟରେ ଚାମ୍ପିଅନ୍‌ସ ଟ୍ରଫି ମ୍ୟାଚ୍‌କୁ ନେଇ ସହମତି ହୋଇଛି । ଭାରତୀୟ ଟିମ୍ ଦୁବାଇରେ ନିଜର ସମସ୍ତ ମ୍ୟାଚ୍ ଖେଳିବ । ଅନ୍ୟସବୁ ମ୍ୟାଚ୍ ପାକିସ୍ତାନରେ ଖେଳାଯିବ । ଏହା ବ୍ୟତୀତ ୨୦୨୬ ଟି-୨୦ ବିଶ୍ୱକପ ଯାଏ ପାକିସ୍ତାନ, ଭାରତ ବିପକ୍ଷରରେ ଲିଗ୍ ପର୍ଯ୍ୟାୟ ମୁକାବିଲା ପାଇଁ ଭାରତ ଗସ୍ତ କରିବ ନାହିଁ । ଏହି ମୁକାବିଲା କୋଲମ୍ବୋରେ ଖେଳାଯିବ ।

# ଯଶସ୍ୱୀଙ୍କୁ ହୋଟେଲରେ ଛାଡ଼ି ପଳାଇଲା ବସ୍, ରାଗିଗଲେ ରୋହିତ




**ଆଡ଼ିଲେଡ୍**

ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ୧୪ ତାରିଖ (ଶନିବାର)ଠାରୁ ଆରମ୍ଭ ହେବ । ଏହି ମ୍ୟାଚ୍ ବ୍ରିସବେନ୍ କ୍ରିକେଟ ଗ୍ରାଉଣ୍ଡ (ଗାବା ନାଁରେ ଜଣାଶୁଣା)ରେ ଖେଳାଯିବ । ସେଥିପାଇଁ ଭାରତୀୟ କ୍ରିକେଟ୍ ଦଳ ବ୍ରିସବେନରେ ପହଞ୍ଚିସାରିଛି । ତେବେ ବ୍ରିସ୍‌ବେନ ଆସିବା ପୂର୍ବରୁ ଆଡିଲେଡ୍‌ରେ ଯୁବ କ୍ରିକେଟ ଯଶସ୍ୱୀ ଜୈସ୍ୱାଲଙ୍କ ଉପରେ ରାଗି ଯାଇଥିଲେ ଅଧିନାୟକ ରୋହିତ ଶର୍ମା । ଏମିତିକି ତାଙ୍କୁ ହୋଟେଲରେ ଛାଡ଼ି ପୂରା ଟିମ୍ ବ୍ରିସ୍‌ବେନ ଅଭିମୁଖେ ଯାତ୍ରା କରିବା ପାଇଁ ଆଡିଲେଡ୍ ବିମାନ ବନ୍ଦରକୁ ଚାଲି ଯାଇଥିଲା ।

ଆଡିଲେଡ୍‌ରୁ ବ୍ରିସବେନ ଯିବା ପାଇଁ ଟିମ୍ ଇଣ୍ଡିଆର ଖେଳାଳି, କୋଚ୍ ଓ ଅନ୍ୟ ସମସ୍ତ ସଦସ୍ୟମାନେ ହୋଟେଲ୍ ଲବିରେ ଆସି ଏକାଠି ହୋଇଥିଲେ । ଆଡିଲେଡ୍ ବିମାନ ବନ୍ଦର ପର୍ଯ୍ୟନ୍ତ ଯିବା ନିମନ୍ତେ ସେମାନଙ୍କ ପାଇଁ ଦୁଇଟି ବସ୍‌ର ବ୍ୟବସ୍ଥା ହୋଇଥିଲା । ଧାର୍ଯ୍ୟ ସମୟରେ ସମସ୍ତେ ଲବିରେ ପହଞ୍ଚି ଯାଇଥିଲେ ହେଁ ଯଶସ୍ୱୀ ଜୈସ୍ୱାଲଙ୍କ ଦେଖା ମିଳି ନଥିଲା । ଅଳ୍ପ ସମୟ ମଧ୍ୟରେ ସେ ଆସିଯିବେ ଭାବି ସମସ୍ତ ଖେଳାଳି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବସ୍‌ରେ ଯାଇ ବସିଥିଲେ । ସେମାନେ ସେଠାରେ ଯଶସ୍ୱୀଙ୍କୁ ଅପେକ୍ଷା କଲେ । କିନ୍ତୁ କିଛି ସମୟ ଅପେକ୍ଷା କରିବା ସତ୍ତ୍ୱେ ଆସି ନଥିଲେ ଯଶସ୍ୱୀ । ତେଣୁ ଅଧିନାୟକ ରୋହିତ ଶର୍ମା ରାଗି ଯାଇଥିଲେ ଓ ସେମାନେ ବିମାନ ବନ୍ଦର ଅଭିମୁଖେ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ । ଦୁଇଟି ଯାକ ବସ୍ ଯଶସ୍ୱୀଙ୍କୁ ଛାଡ଼ି ବିମାନ ବନ୍ଦର ଅଭିମୁଖେ ଯାତ୍ରା କରିଥିଲା । ଅବଶ୍ୟ ଟିମ୍ ମ୍ୟାନେଜମେଣ୍ଟ ଯଶସ୍ୱୀଙ୍କ ପାଇଁ ଏକ କାର୍ ବୁକ୍ କରି ଦେଇଥିଲେ ।

ଦୁଇଟି ଯାକ ବସ୍ ହୋଟେଲ ଛାଡ଼ିବାର ପ୍ରାୟ ୨୦ ମିନିଟ୍ ପରେ ଲବିରେ ଆସି ପହଞ୍ଚିଥିଲେ ଯଶସ୍ୱୀ ଜୈସ୍ୱାଲ । ସେ ବୁକ୍ ହୋଇଥିବା କାରରେ ବିମାନ ବନ୍ଦରକୁ ଯାଇଥିଲେ । ଜଣେ ସୁରକ୍ଷାକର୍ମୀ ତାଙ୍କ ସହିତ ବିମାନ ବନ୍ଦର ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ଟିମ୍ ସହିତ ସାମିଲ ହୋଇ ବିମାନ ଯୋଗେ ବ୍ରିସବେନ ଯାଇଥିଲେ ଯଶସ୍ୱୀ ।

ପର୍ଥରେ ବୃହତ୍ତ ବିଜୟ ପରେ ଆଡିଲେଡ୍‌ରେ ପିଙ୍କ୍ ଟେଷ୍ଟରେ ଲଜ୍ଜାଜନକ ପ୍ରଦର୍ଶନ କରିଥିଲା ଟିମ୍ ଇଣ୍ଡିଆ । ଏବେ ଏହି ସିରିଜ୍‌ରେ ଉଭୟ ଦଳ ୧-୧ ସ୍ଥିତିରେ ଥିବା ବେଳେ ଶନିବାରଠାରୁ ଆରମ୍ଭ ହେବ ତୃତୀୟ ଟେଷ୍ଟ । ଏହି ମ୍ୟାଚ୍‌ରେ ଦଳକୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ । କାରଣ ଏଥିରେ ପରାସ୍ତ ହେଲେ ଚାପ ଆହୁରି ବଢ଼ିଯିବ ଓ ପରବର୍ତ୍ତୀ ଦୁଇଟି ଟେଷ୍ଟ ସେମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଯିବ ।

**GOVERNMENT OF ODISHA**
E-Procurement Notice, Superintending Engineer, M.I. Division, Angul
A-709
**Bid Identification No.-14 OF 2024-25**
E-mail ID- ccmidivision_angul@yahoo.com
Letter No. 3438 /Date:-09.12.2024

| | | | |
|---|---|---|---|
| 1 | Number of Works | : | 19 (Ninteen) number of Civil work |
| 2 | Approximate estimated cost | : | From 3.73 Lakh to 10.17 lakh |
| 3 | Cost of Tender Paper | : | Rs.2000/- ,4000/-,6000/-(Non-Refundable) |
| 4 | Period of completion | : | 02 (Two) Months |
| 5 | Date & Time of availability of bid document In the portal | : | Dt. 16.12.2024 at 10.00 A.M. to Dt. 20.12.2024 up to 5.00 P.M |
| 6 | Last date / Time for receipt of bid in the portal | : | Dt. 20.12.2024up to 5.00 P.M. |
| 7 | Date of opening of bid documents | : | Dt. 21.12.2024at 11.00 A.M. |
| 8 | Date of lottery if required | : | Dt. 26.12.2024 At11.00 A.M. |
| 9 | Name and address of the Office Inviting Bid | : | Superintending Engineer, Minor Irrigation Division, Angul. At / P.O.: Hakimpada, College Square, District: Angul, PIN-759143 Ph. No .: 06764-236522 Email ID: eemidivision_angul@yahoo.com |
| 10 | The bidders have to participate in **ONLINE** bidding only. Further details can be seen from the e-procurement portal | : | http://tendersorissa.gov.in |

Sd/- Superintending Engineer
M.I. Division, Angul
OIPR-32284/11/0015/2425





# ବସୁନ୍ଧରା ଜମି ବିକ୍ରି ହୋଇ ପାରିବନି : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି ଲ୍ୟାଣ୍ଡ ସେଟଲମେଣ୍ଟ ୧୯୬୨ ଅନୁଯାୟୀ ୪ ଡେସିମିଲ ଜମି ଦିଆଯିବାର ବ୍ୟବସ୍ଥା ଅଛି। ସେ ଜମି ୧୦ ବର୍ଷ ପରେ ବିକ୍ରି କରିବାର ନିୟମ ଥିଲା। କିନ୍ତୁ ଏହାକୁ ଏଣିକି ବିକ୍ରି କରାଯାଇ ପାରିବ ନାହିଁ ବୋଲି ସରକାରୀସ୍ତରରେ ସଂଶୋଧନ କରାଯାଇଛି। ସେହିପରି କିଛି ଗରିବ ଶ୍ରେଣୀ ଲୋକଙ୍କୁ ୪ ଡେସିମିଲରୁ କମ୍ ଉତ୍ତରାଧିକାରୀ ସୂତ୍ରରେ ମିଳିଛି। ସେମାନଙ୍କୁ ସମାନ ପରିମାଣର ଜମି ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏଥିପାଇଁ ସେମାନେ ନିଜ ଜମିକୁ ସରକାରଙ୍କୁ ଫେରାଇବେ। ତା'ପରେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଜମି ସରକାର ଯୋଗାଇ ଦେବେ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି। ବିଡିଏଠାରୁ ଅନୁମତି ନେଇ ଜଣେ ଜମିର କିଛି ଅଂଶ ବିକ୍ରି କରିପାରିବେ। କିନ୍ତୁ କେତେଟା ବିକ୍ରି ହୋଇଛି ତା'ର ଆମେ ରିପୋର୍ଟ ମାଗିଛୁ। ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଖଣ୍ଡଗିରି ସବ୍ ରେଜିଷ୍ଟ୍ରୀ ଅଫିସର ମହିଳା କିରାଣି ଲାଞ୍ଚନେବା ଘଟଣାରେ ତଦନ୍ତ ଚାଲିଛି। ଯେଉଁମାନେ ମନ୍ଦ ଉଦ୍ଦେଶ୍ୟରେ ପାର୍ଟ ପ୍ଲଟ ପଞ୍ଜିକରଣ କରିଥିବେ ସେମାନେ ଆଶା ଠାରୁ ବି ଅଧିକ ଦଣ୍ଡ ପାଇବେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

# ଯାତ୍ରୀମାନଙ୍କ ସୁବିଧା ପାଇଁ କୁମ୍ଭ ମେଳା ଆଡ଼କୁ ବିଶ୍ୱାସର ଟ୍ରେନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କୁମ୍ଭ ମେଳା ଆଡ଼କୁ ଆସ୍ଥାର ଟ୍ରେନ୍ : ମହାକୁମ୍ଭ - ମାନେ ପୃଥିବୀରେ ଆସ୍ଥାର ସବୁଠୁ ବଡ଼ ସଙ୍ଗମକୁ ସଫଳ ରୂପାନ୍ତର କରିବା ଏବଂ ତୀର୍ଥଯାତ୍ରୀ ମାନଙ୍କୁ ସେବା ପ୍ରଦାନ କରିବା ଭାରତୀୟ ରେଳର ପୁରୁଣା ପରମ୍ପରା ଅଟେ। ଏହି ପରମ୍ପରାକୁ ପୁଣି ଥରେ ଚରିତାର୍ଥ କରିବାକୁ ନିଜର ହଜାର ହଜାର କର୍ମଚାରୀମାନଙ୍କ ସହ ଭାରତୀୟ ରେଳ ଜଡିତ ଅଛି। ଭାରତୀୟ ରେଳ ୨ ବର୍ଷରେ ୫୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି କୁମ୍ଭ ପାଇଁ ପ୍ରସ୍ତୁତିକୁ ମଜବୁତ କରିବାକୁ ଚେଷ୍ଟା କରିଛି।

**ପ୍ଲାଟଫର୍ମ ଏବଂ ଅନେକ ନୂତନ ନିର୍ମାଣ :** ମହାକୁମ୍ଭ ସମୟରେ ଜିଲ୍ଲାର ସମସ୍ତ ଷ୍ଟେସନରେ (ପ୍ରୟାଗରାଜ ଜଙ୍କସନ, ସୁବେଦଓରଗଞ୍ଜ, ନୈନି, ପ୍ରୟାଗରାଜ ଚିଭ୍କି, ପ୍ରୟାଗ ଜଙ୍କସନ, ଫାଫାମାଉ, ପ୍ରୟାଗରାଜ ରାମବାଗ, ପ୍ରୟାଗରାଜ ସଙ୍ଗମ ଏବଂ ଜୁସି) ବହୁ ସଂଖ୍ୟାରେ ଯାତ୍ରୀ ରହିବେ । ଏହାକୁ ପରିଚାଳନା କରିବା ପାଇଁ ଷ୍ଟେସନରେ ନୂତନ ପ୍ଲାଟଫର୍ମ ସ୍ଥାପନ କରାଯାଉଛି ଏବଂ ପ୍ରୟାଗ ମାର୍ଗରେ ନୂତନ ରେଳ ଲାଇନ ମଧ୍ୟ ରଖାଯାଉଛି । ଯାତ୍ରୀ ଆଶ୍ରୟସ୍ଥଳୀ ଏବଂ ଅପେକ୍ଷା କକ୍ଷ ନିର୍ମାଣ କରାଯାଇଛି ଯାହା ଦ୍ୱାରା ଯାତ୍ରୀମାନେ ଉନ୍ନତ ସୁବିଧା ପାଇପାରିବେ । ସମସ୍ତ ଆଶ୍ରୟସ୍ଥଳୀଗୁଡିକ ଶୌଚାଳୟ, କ୍ୟାଟରିଂ ଷ୍ଟଲ୍, ସର୍ବସାଧାରଣ ଘୋଷଣା ଏବଂ ସୂଚନା ଓ ଅନୁସନ୍ଧାନ ପ୍ରଦର୍ଶନ ଇତ୍ୟାଦି ମୌଳିକ ସୁବିଧା ସହିତ ସଜ୍ଜିତ । ଏହା ସହିତ ଷ୍ଟେସନରେ ଯାତ୍ରୀମାନଙ୍କୁ ସେମାନଙ୍କର ଆବଶ୍ୟକତାରେ ଲଗେଜ୍ ଟ୍ରଲି ବୁକିଂ, ହ୍ୱିଲ ଚେୟାର ସେବା, ଟ୍ୟାକ୍ସି ଏବଂ ହୋଟେଲ ବୁକିଂ ଇତ୍ୟାଦିରେ ସାହାଯ୍ୟ କରିବା ପାଇଁ ଷ୍ଟେସନରେ 'ମେ ଆଇ ହେଲପ୍ ୟୁ' ବୁଥ୍ ମଧ୍ୟ ଖୋଲାଯାଉଛି।

**ସମଗ୍ର ପ୍ରକଳ୍ପ ଉପରେ ନଜର ରଖାଯାଉଛି :** କୁମ୍ଭ ପାଇଁ ଏକ ବିସ୍ତୃତ ବ୍ଲୁ ପ୍ରିଣ୍ଟ ସୃଷ୍ଟି କରି ଭାରତୀୟ ରେଳ ୯୩୩.୬୨ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମିକୁ ମଜବୁତ କରିଥିଲା। ଏହା ସହିତ ୪୯୪.୯୦ କୋଟି ଟଙ୍କା ବ୍ୟୟରେ ଯାତ୍ରୀ ସୁବିଧା ବୃଦ୍ଧି କରାଯାଇଥିଲା ଏବଂ ୪୩୮.୭୨ କୋଟି ଟଙ୍କା ବ୍ୟୟରେ ପରିବହନକୁ ସହଜ କରିବା ପାଇଁ ବ୍ରିଜ ଓ ବ୍ରିଜ ଉପରେ ରାସ୍ତା ନିର୍ମାଣ କରାଯାଇଥିଲା। ଏହା ବ୍ୟତୀତ ଗଙ୍ଗା ଉପରେ ଏକ ନୂତନ ସେତୁ ମଧ୍ୟ ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବ୍ୟକ୍ତିଗତ ଭାବେ ଏହି ପ୍ରକଳ୍ପର ତଦାରଖ କରିଥିଲେ ଏବଂ ସମୟ ସମୟରେ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।



**ଯାତ୍ରୀ ସେବାରେ ୧୩ ହଜାର ଟ୍ରେନ୍ :** ଭାରତୀୟ ରେଳବାଇ ମହାକୁମ୍ଭ ସମୟରେ କୋଟି କୋଟି ଯାତ୍ରୀ ପରିବହନ ପାଇଁ ୩,୧୩୪ଟି ସ୍ୱତନ୍ତ୍ର ଟ୍ରେନ୍ ସମେତ ୧୩,୦୦୦ରୁ ଅଧିକ ଟ୍ରେନ୍ ଚଳାଚଳ କରିବ। ଯାତ୍ରୀମାନଙ୍କ ଦ୍ରୁତ ଗତିରେ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କର ଯାତ୍ରାକୁ ସହଜ କରିବାରେ ଏହି ଟ୍ରେନଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ବ୍ୟତୀତ ସ୍ୱଳ୍ପ ଏବଂ ଦୀର୍ଘ ଦୂରତା ମେଳା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ, ଯାହାଦ୍ୱାରା ଭକ୍ତଙ୍କ ଯାତ୍ରା ସୁଗମ ଏବଂ ନିରାପଦ ହୋଇପାରିବ। ଏହା ବ୍ୟତୀତ ଯାତ୍ରୀମାନଙ୍କ ସୁବିଧା ପାଇଁ ଟିକେଟ୍ କାଉଣ୍ଟର, ଅନୁସନ୍ଧାନ ବୁଥ୍ ଏବଂ ଡିଜିଟାଲ୍ ସୂଚନା ବ୍ୟବସ୍ଥା ମଧ୍ୟ ହାଇ-ଟେକ୍ କରାଯାଇଛି।

**ପ୍ରତିଦିନ ଲକ୍ଷ ଲକ୍ଷ ଟିକେଟ୍ ଉପଲବ୍ଧ ହେବ :** ସମସ୍ତ ଷ୍ଟେସନରେ ତଥା ମେଳା ଅଞ୍ଚଳରେ ସଂରକ୍ଷିତ ଟିକେଟ୍ ସିଷ୍ଟମ୍, ଅଟୋମେଟିକ୍ ଟିକେଟ୍ ଭେଣ୍ଡିଙ୍ଗ ମେସିନ୍ (ଏଟିଭିଏମ୍) ସହିତ ମୋଟ ୫୪୨ ଟିକେଟ୍ ପଏଣ୍ଟ ଯୋଗାଇ ଦିଆଯାଉଛି। ସେଥିମଧ୍ୟରୁ କେବଳ ପ୍ରୟାଗରାଜ ଜଙ୍କସନରେ ୧୩୨ କାଉଣ୍ଟର କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ସମସ୍ତ କାଉଣ୍ଟର ପ୍ରତିଦିନ ପ୍ରାୟ ୯,୭୬,୦୦୦ ଟିକେଟ୍ ପ୍ରଦାନ କରିପାରିବ। ଏହିପରି, ପ୍ରତିଦିନ ପ୍ରାୟ ୧୯,୫୨,୦୦୦ ଯାତ୍ରୀଙ୍କୁ ଟିକେଟ୍ ପ୍ରତି ଦୁଇ ଜଣ ଯାତ୍ରୀ ହାରରେ ଟ୍ରାଭେଲ ଟିକେଟ୍ ଉପଲବ୍ଧ କରାଯାଇପାରିବ।

**୨୧ ନୂତନ ଆରଓବି, ଆରୟୁବି ସୃଷ୍ଟି :** କୁମ୍ଭ ସମୟରେ ଜିଲାରେ କୋଟି କୋଟି ଭକ୍ତ ରହିବେ। ଏହି ଅବଧି ମଧ୍ୟରେ କୌଣସି ଅଘଟଣକୁ ଏଡାଇବା ପାଇଁ ବ୍ରିଜ୍ ଉପରେ ୨୧ଟି ନୂତନ ରାସ୍ତା ଏବଂ ବ୍ରିଜ୍ ତଳେ ରାସ୍ତା ନିର୍ମାଣ କରାଯାଇଛି। ଏହା କେବଳ ବହୁ ସ୍ତରୀୟ କ୍ରସିଂକୁ ଦୂର କରିବ ନାହିଁ ବରଂ ଉଭୟ ସଡକ ଏବଂ ରେଳ ଯାତ୍ରାକୁ ଅଧିକ ସୁରକ୍ଷିତ କରିବ।

**ବହୁଭାଷୀ ସୂଚନା ବିସ୍ତାର :** ମହାକୁମ୍ଭ ସମୟରେ କେବଳ ଦେଶ, ରାଜ୍ୟ ନୁହେଁ ବରଂ ବିଶ୍ୱର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ଭିଡ଼ ଷ୍ଟେସନ ଏବଂ ମେଳା ଅଞ୍ଚଳରେ ପହଞ୍ଚିଥାଏ। ଯେଉଁଠାରେ ସେମାନଙ୍କ ସୁବିଧା ପାଇଁ ଏକ ବହୁଭାଷୀ ଘୋଷଣା ବ୍ୟବସ୍ଥା ମଧ୍ୟ ବ୍ୟବସ୍ଥା କରାଯାଇଛି। ଏଠାରେ ଯାତ୍ରା ସମ୍ବନ୍ଧୀୟ ସୂଚନା ହିନ୍ଦୀ, ଇଂରାଜୀ, ଗୁଜରାଟୀ, ମରାଠୀ, ତାମିଲ, କନ୍ନଡ, ତେଲୁଗୁ, ମାଲାୟାଲମ୍, ବଙ୍ଗାଳୀ ଏବଂ ଓଡ଼ିଆ ଇତ୍ୟାଦି ଭାଷାରେ ଘୋଷଣା କରାଯିବ।

**ରେଳ ହେଲ୍ପଲାଇନ ନମ୍ବର ଏବଂ ଆପ୍ :** ତୀର୍ଥଯାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ କଲ ସେଣ୍ଟର ମଧ୍ୟ ସ୍ଥାପନ କରାଯାଇଛି। ମହାକୁମ୍ଭ ରେଳବାଇ ହେଲ୍ପଲାଇନ ଟୋଲ ଫ୍ରି ନମ୍ବର - ୧୮୦୦-୪୧୯୯-୧୩୯ରେ ରେଳ ସହ ଜଡିତ ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରାଯିବ। ଯେଉଁଠାରେ ଅପରେଟରମାନେ ୨୪x୭ ଅର୍ଥାତ୍ ପ୍ରତିଦିନ ୨୪ ଘଣ୍ଟା ଉପସ୍ଥିତ ରହିବେ। ଅନ-ଲାଇନରେ ସାହାଯ୍ୟ କରିବା ପାଇଁ କୁମ୍ଭ -୨୦୨୫ ମୋବାଇଲ୍ ଆପ୍ ମଧ୍ୟ ବିକଶିତ ହେଉଛି।

**ପ୍ରତ୍ୟେକ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି :** କୁମ୍ଭ ମେଳାର ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାଗରାଜରେ ବହୁ ସଂଖ୍ୟକ ଆରପିଏଫ ଏବଂ ଆରପିଏସଏଫ ନିୟୋଜିତ କରାଯାଉଛି। ଷ୍ଟେସନଗୁଡିକରେ ଏହା ନିଶ୍ଚିତ କରାଯାଇଛି ଯେ କୌଣସି ପରିସ୍ଥିତିରେ କ୍ରସ୍ ଗତି କରିବାର ସମ୍ଭାବନା ନାହିଁ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଷ୍ଟେସନରେ ପ୍ରାଥମିକ ସହାୟତା ବୁଥ୍ ଏବଂ ରପିଡ଼ ଆକ୍ସନ ଫୋର୍ସ ମଧ୍ୟ ଗଠନ କରାଯାଉଛି। ସମସ୍ତ ୯ ଫାୟାର ଷ୍ଟେସନର ଅଡିଟ୍ କରାଯାଇଛି। ଯେଉଁଠାରେ ଅଗ୍ନି ନିର୍ବାପକ ଯନ୍ତ୍ର, ଅଗ୍ନି ବଲ, ୱାଟର ହାଇଡ୍ରେଟ୍, ବାଲ୍ଟିରେ ପାଣି / ବାଲି ଏବଂ ଅଗ୍ନି ନିର୍ବାପକ ସାମଗ୍ରୀ ପ୍ରସ୍ତୁତ ରଖାଯାଏ। ତଦାରଖ ପାଇଁ ୬୫୧ ଅତିରିକ୍ତ ସିସିଟିଭି କ୍ୟାମେରା ଲଗାଯାଉଛି। ଏହି କ୍ୟାମେରାର ପ୍ରାୟ ୧୦୦ ଟିରେ ଇଓ ଆଧାରିତ ଚେହେରା ଚିହ୍ନିବା ବ୍ୟବସ୍ଥା ଅଛି ଯାହା ଦୁର୍ଭାଗ୍ୟଜନକ ଉପାଦାନ ଏବଂ ସାମାଜିକ ବିରୋଧୀ ଉପାଦାନଗୁଡ଼ିକୁ ଚିହ୍ନଟ କରେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରକାରୀ ଚାକିରିକୁ ...

ରାଜ୍ୟର ସମସ୍ତ ଜିଲ୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ। ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂଆ ସରକାର ରାଜ୍ୟର ସରକାରୀ କ୍ଷେତ୍ରରେ ଖାଲି ପଦବୀ ପୂରଣ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଗତ ଛଅ ମାସ ମଧ୍ୟରେ ଛଅ ଥର ନିଯୁକ୍ତି ମେଳା ହୋଇ ୨୦ ହଜାରରୁ ଅଧିକ ଶିକ୍ଷିତ ଯୁବକ ଯୁବତୀଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଆଗେଇ ନିଆଯାଉଛି ବୋଲି ସେ କହିଥିଲେ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥି ଚିକିତ୍ସକ ଓ ରେଡିଓଗ୍ରାଫର ନିଯୁକ୍ତି ସହିତ ଖୁବଶୀଘ୍ର ସରକାରୀ ଡାକ୍ତରଖାନା ମାନଙ୍କରେ ଫାର୍ମାସୀ ଅଫିସର ନିଯୁକ୍ତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ଆୟୁଷ ମିଶନରେ ଓଡିଶାରେ ୪୨୨ଟି ହୋମିଓପାଥି ଓ ଆୟୁର୍ବେଦିକ୍ ଡାକ୍ତରଖାନାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବରେ ଉନ୍ନତି କରଣ କରାଯାଇଛି । ସେ କହିଥିଲେ ଯେ, ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ଆଉ ତିନୋଟି ୫୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଉଛି ।

ଅଧ୍ୟାପକ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣ ମାନେ ନିଜେ ଯୁବ ବର୍ଗରୁ ଆସିଛନ୍ତି। ତେଣୁ ପିଲାମାନଙ୍କୁ ଦାୟିତ୍ୱବାନ୍ ହେବା ପାଇଁ ମାର୍ଗଦର୍ଶନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡିଶା ପାଇଁ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରୁଛନ୍ତି। ତେଣୁ ସେମାନେ ଯେପରି ଦକ୍ଷ ଓ ଦାୟିତ୍ୱବାନ ହେବେ ତାହା ସୁନିଶ୍ଚିତ କରିବା ଆପଣ ମାନଙ୍କ ଦାୟିତ୍ୱ । ଆପଣମାନେ ଯୁବ ସମାଜର ଉଚିତ୍ ପଥ ପ୍ରଦର୍ଶନ କରିପାରିଲେ ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଏବେ ପ୍ରାୟ ପ୍ରତ୍ୟେକ ମାସରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯୁବ ବର୍ଗଙ୍କୁ ସରକାରୀ ନିଯୁକ୍ତି ଦିଆଯାଉଛି । ତେଣୁ ୨୦୩୬ ଓ ୨୦୪୭ ର ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତେ ସେବା ଓ ସମର୍ପଣ ମନୋଭାବ ନେଇ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ ।

ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ ଯେ, ମହିଳା କର୍ମଚାରୀ ମାନେ ନିଜର କମ୍‌ଫର୍ଟ ଜୋନ୍‌ରୁ ବାହାରି ନିଜର ଦକ୍ଷତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି । ସେମାନେ କୌଣସି ପରିସ୍ଥିତିରେ ପୁରୁଷମାନଙ୍କ ଠାରୁ କମ ବୋଲି ମନେ କରିବା ଉଚିତ୍ ନୁହେଁ । କାମ ସହିତ ବ୍ୟକ୍ତିଗତ ଭାବେ ନିଜର ଜ୍ଞାନ ଓ ଦକ୍ଷତାକୁ ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଅଧ୍ୟାପିକା ଶୁଭଲକ୍ଷ୍ମୀ ସ୍ୱାଇଁ, ଡାକ୍ତର କଲ୍ୟାଣୀ ମଞ୍ଜରୀ ନାୟକ ଓ ରେଡିଓଗ୍ରାଫର ସ୍ୱତନ୍ତ୍ର ପଟ୍ଟନାୟକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନାକରି କହିଲେ ଯେ, ମୁଖ୍ୟମନ୍ତ୍ରୀ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଏଥିରେ ସ୍ୱଚ୍ଛତା ମଧ୍ୟ ଆସିଛି । ସମସ୍ତେ ନିଷ୍ଠା ଓ ସେବା ମନୋବୃତ୍ତି ନେଇ କାମ କରିବେ ବୋଲି କହିଥିଲେ।

## ପ୍ରୟାଗରାଜରେ...

କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅକ୍ଷୟ ବଟ କରିଡର, ହନୁମାନ ମନ୍ଦିର କରିଡର, ସରସ୍ୱତୀ କୂପ କରିଡର, ଭରଦ୍ୱାଜ ଆଶ୍ରମ କରିଡର, ଶୃଙ୍ଗଭେରପୁର କରିଡର ସହିତ କୁମ୍ଭମେଳା ପାଇଁ 'କୁମ୍ଭ ସହାୟକ' ଚାଟବଟ ଲଞ୍ଚ କରିଛନ୍ତି ପ୍ରଧାନମନ୍ତ୍ରୀ। ଗଙ୍ଗା ପୂଜା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ଷୟ ବଟ ଓ ବଡ଼ ହନୁମାନ ମନ୍ଦିରରେ ପହଞ୍ଚି ଦର୍ଶନ ଓ ଆଳତୀ କରିଥିଲେ। ଏହାପରେ ହନୁମାନ ମନ୍ଦିରର ପ୍ରସ୍ତାବିତ ପରିକ୍ରମା ପ୍ରକଳ୍ପ ମଡେଲକୁ ଦେଖିଥିଲେ ମୋଦି। ଏହି ସମୟରେ ପ୍ରୟାଗରାଜ ବିକାଶ ପ୍ରାଧିକରଣର ଭିସି ଏହି ପ୍ରକଳ୍ପ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ।

ଏହାପରେ ସଙ୍ଗମ କୂଳରେ ଆୟୋଜିତ ହେବାକୁ ଥିବା କୁମ୍ଭମେଳା ସ୍ଥଳୀରେ ପହଞ୍ଚି ଭକ୍ତଙ୍କ ପାଇଁ ସୁବିଧା ତଥା ଭିଡ଼ ପରିଚାଳନା ଇତ୍ୟାଦି ବିଷୟରେ ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ରହିଥିଲେ।

ଏହିସବୁ ପ୍ରକଳ୍ପର ଉଦଘାଟନ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ମହାକୁମ୍ଭକୁ ସଫଳ କରିବା ପାଇଁ ଦିନରାତି କାର୍ଯ୍ୟ କରୁଥିବା କର୍ମଚାରୀ, ଶ୍ରମିକ ଏବଂ ପରିମଳ କର୍ମଚାରୀମାନଙ୍କୁ ମୁଁ ବିଶେଷ ଭାବେ ଅଭିନନ୍ଦନ ଜଣାଉଛି। ଆସନ୍ତା ବର୍ଷ ମହାକୁମ୍ଭ ଆୟୋଜନ ଦେଶର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିଚୟକୁ ଏକ ନୂତନ ଶିଖରରେ ପହଞ୍ଚାଇବ । ଯଦି ମୋତେ ଏହି ମହାକୁମ୍ଭର ବର୍ଣ୍ଣନା କରିବାକୁ ପଡେ, ତେବେ ମୁଁ କହିବି ଯେ ଏହା ଏକତାର ଏମିତି ଏକ ମହାଯଜ୍ଞ ହେବ, ଯାହାର ଚର୍ଚ୍ଚା ସାରା ବିଶ୍ୱରେ ହେବ। ଏହି ଦିବ୍ୟ ଆୟୋଜନର ଭବ୍ୟ ସଫଳତା ପାଇଁ ଆପଣ ସମସ୍ତଙ୍କୁ ଶୁଭକାମନା ଜଣାଉଛି ବୋଲି ଜନସଭାକୁ କହିଥିଲେ ପ୍ରଧାନମନ୍ତ୍ରୀ।

## ଅପରାହ୍ନରୁ ଆରମ୍ଭ...

ରାସାୟନିକ ସାମଗ୍ରୀ ବ୍ୟବହାର କରି ମରାମତି କରାଯିବ। ଏହି ମରାମତି ସମୟରେ ଏସ୍‌ଓପିକୁ କଡାକଡି ଭାବେ ପାଳନ କରାଯିବ ବୋଲି ଏଏସ୍‌ଆଇ ଡେପୁଟି ସୁପରିଟେଣ୍ଡେଣ୍ଟ ଆରକ୍ୟୁଲୋଜିଷ୍ଟ ଚିତ୍ତରଞ୍ଜନ ଦାସ କହିଛନ୍ତି।

ସେପଟେ ମରାମତି ସମୟରେ ଡାକ୍ତରୀ ଟିମ୍, ଅଗ୍ନିଶମ କର୍ମଚାରୀ ଓ ଏଏସ୍‌ଆଇର ସ୍ୱତନ୍ତ୍ର ଟିମ୍ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିବେ। ରତ୍ନଭଣ୍ଡାର ମରାମତି ସମୟରେ ଏଏସ୍‌ଆଇର କାମ କରୁଥିବା ଶ୍ରମିକ ଓ ଅଧିକାରୀଙ୍କୁ ଆଇ କାର୍ଡ ଦିଆଯିବ। ସେମାନେ ଆଇ କାର୍ଡ ଦେଖାଇ ଭିତରକୁ ପ୍ରବେଶ କରି କାମ କରିବେ। ରତ୍ନଭଣ୍ଡାର ମରାମତି ସମୟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବାହାର କାଠ ନିକଟରୁ କରାଯିବ। ଦ୍ୱାର ଫିଟା ଓ ପରବର୍ତ୍ତୀ ନୀତିକାନ୍ତିକୁ ସଠିକ ସମୟରେ ସାରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି।

ସେହିପରି ରତ୍ନଭଣ୍ଡାର ମରାମତି ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ଆଦିକୁ ନେଇ ପୁରୀ ଏସ୍‌ପି କହିଛନ୍ତି, ଶ୍ରୀମନ୍ଦିର ଘରି ଦ୍ୱାର ଓ ରତ୍ନଭଣ୍ଡାର ବାହାରେ ପୁଲିସ ଅଧିକାରୀ ରହିବେ। ଭକ୍ତଙ୍କ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି କହିଛନ୍ତି।

## ଦୋଷ ଲଦାଲଦିରେ...

ମିଳିତ ଭାବେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ଆରମ୍ଭ କରିଥିଲେ। ପ୍ରଥମତଃ କନ୍ଧମାଳ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ମଣ୍ଡିପଙ୍କା ଗାଁରେ ଆମ୍ବ ଟାକୁଆ ଜାଉ ଖାଇ ତିନିଜଣ ଆଦିବାସୀଙ୍କ ମୃତ୍ୟୁ ଘଟଣାକୁ ନେଇ ବିରୋଧୀ ଦଳ ଉଦ୍‌ବେଗ ପ୍ରକାଶ କରିବା ସହ ଏଥିପାଇଁ ସରକାରଙ୍କୁ ଦାୟୀ କରି ସମାଲୋଚନା କରିଥିଲେ। ଅନୁରୂପ ଭାବେ ନିତ୍ୟ ବ୍ୟବହାର୍ଯ୍ୟ ଦରଦାମ ବୃଦ୍ଧି ବିଶେଷକରି ଆଳୁ ଦର ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରିଥିଲେ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ମହିଳା ସଶକ୍ତିକରଣ ପାଇଁ କାମ କରୁଥିବା ମହିଳାମାନଙ୍କୁ ଅବହେଳା ଓ ସେମାନଙ୍କ ପ୍ରତି ସମ୍ବେଦନହୀନତା ପ୍ରସଙ୍ଗରେ ମଧ୍ୟ ବିରୋଧୀ ଦଳ ସରକାରଙ୍କ ବିରୁଦ୍ଧରେ ଗୃହରେ ଗୁରୁତର ଅଭିଯୋଗମାନ ଉଠାଇଥିଲେ। ଅନ୍ୟ ପକ୍ଷରେ ବିରୋଧୀ ଦଳକୁ କଡ଼ା ଜବାବ ଦେବା ପାଇଁ ଶାସକ ଦଳ ପୂର୍ବ ପ୍ରସ୍ତୁତ ରଣନୀତି ଅନୁସାରେ ଗୃହ ମଧ୍ୟରେ ରାଜ୍ୟରେ ସୃଷ୍ଟି ହୋଇଥିବା ଅବସ୍ଥା ପାଇଁ ପୂର୍ବ ସରକାରଙ୍କୁ ଦାୟୀ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ପ୍ରତି ମଧ୍ୟ ଆକ୍ଷେପମୂଳକ ଟିପ୍ପଣୀ ଦେବାକୁ ପଛାଇ ନଥିଲେ। ସେହିପରି ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ବର୍ତ୍ତମାନର ସରକାରଙ୍କ ସମୟରେ ରାଜ୍ୟରେ ନାନା ପ୍ରକାର ବିଶୃଙ୍ଖଳା, ଅବ୍ୟବସ୍ଥା ବୃଦ୍ଧି ପାଉଥିବା ଏବଂ ଅପରାଧିମାନଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ପ୍ରସଙ୍ଗ ଉଠାଇଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୂର୍ବ ସରକାରଙ୍କ ବିରୋଧରେ ଯେତେସବୁ ଦୁର୍ନୀତି ଅଭିଯୋଗ ସରକାର ଆଣିଥିଲେ ଏବଂ ସରକାରୀ ଦଳର ବିଧାୟକମାନେ ଅଭିଯୋଗ ଦର୍ଶାଇଥିଲେ ତାହା ଉପରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇ ନାହିଁ ବୋଲି ବିଜେଡ଼ିର ଅନେକ ବିଧାୟକ ଗୃହରେ କହିଲା ବେଳେ ଉଲ୍ଲେଖ କରିଥିଲେ। ତେବେ ସରକାରଙ୍କ ପକ୍ଷରୁ ଏହା ଉପରେ କୌଣସି ଜବାବ ଦିଆଯାଇ ନଥିଲା। ଏପରିକି ବିଜେଡ଼ିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ କେଶରୀ ଦେବ, ଡ. ଅରୁଣ ସାହୁ ଏବଂ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ପ୍ରସଙ୍ଗରେ ବର୍ତ୍ତମାନର ସରକାରଙ୍କୁ ଆହ୍ୱାନ ମଧ୍ୟ ଜଣାଇଥିଲେ। ଯଦି ପୂର୍ବ ସରକାର ସମୟରେ କୌଣସି ପ୍ରକାର ଦୁର୍ନୀତି କରାଯାଇଛି, ତେବେ ତାହାର ତଦନ୍ତ କରି ଯେଉଁମାନେ ସେଥିରେ ସମ୍ପୃକ୍ତ, ସେମାନଙ୍କୁ ବର୍ତ୍ତମାନର ସରକାର କାହିଁକି ଏଯାଏ ବାନ୍ଧିପାରି ନାହାଁନ୍ତି ବୋଲି ମଧ୍ୟ ପ୍ରଶ୍ନ ଉଠାଇଥିଲେ।

ବିଧାନସଭାର ଶୂନ୍ୟ କାଳରେ ପ୍ରତିଦିନ ଉଭୟ ଦଳର ବିଧାୟକମାନେ ରାଜ୍ୟ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବା ବେଳେ ମଧ୍ୟ ପରସ୍ପର ବିରୋଧରେ ଦୋଷାରୋପ ଓ ଆକ୍ଷେପ, ପ୍ରତି ଆକ୍ଷେପ କରିଥିବାର ଦେଖା ଯାଇଥିଲା। ମିଶନ ଶକ୍ତି ସପୋର୍ଟ ଷ୍ଟାଫ ମହିଳାମାନଙ୍କ ଆନ୍ଦୋଳନକୁ ନେଇ ଗୃହରେ ତିନିଦିନ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଉଭୟ ବିଜେଡ଼ି ଏବଂ କଂଗ୍ରେସ ବିଧାୟକମାନେ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଥିବା ବେଳେ ସରକାର ମଧ୍ୟ ଏହାର ପାଲଟା ଜବାବ ଦେବାକୁ ପଛାଇ ନଥିଲେ। ଗୃହରେ ବିରୋଧୀ ଦଳର ହଟ୍ଟଗୋଳ ଜନିତ ଅଚଳାବସ୍ଥା ଏଡ଼ାଇବା ପାଇଁ ବାଚସ୍ପତି ଅନେକବାର ବିଧାୟକମାନଙ୍କୁ ଶୃଙ୍ଖଳାର ସହ ଗୃହ ପରିଚାଳନାରେ ସହଯୋଗ କରିବାକୁ ନିବେଦନ କରିଥିଲେ ମଧ୍ୟ ସେଥିପ୍ରତି ସେମାନେ ଦୃଷ୍ଟି ଦେଇନଥିଲେ। ଯାହା ଫଳରେ ଗୃହକୁ ବାଚସ୍ପତି ବାରମ୍ବାର ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ।

ପୂର୍ବତନ ବିଧାୟକମାନଙ୍କ ପେନସନ ଓ ବର୍ତ୍ତମାନ ବିଧାୟକମାନଙ୍କ ଦରମା ବୃଦ୍ଧିର ନିହାତି ଆବଶ୍ୟକତା ରହିଥିବା ଦର୍ଶାଇ ଗୃହରେ ଦଳମତ ନିର୍ବିଶେଷରେ ବିଧାୟକମାନେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ସରକାରଙ୍କୁ ନିବେଦନ କରିଥିଲେ ଏବଂ ଏହା ଉପରେ ତୁରନ୍ତ ନିଷ୍ପତ୍ତି କାର୍ଯ୍ୟକାରୀ ହେଉ ବୋଲି ଦାବି ମଧ୍ୟ ଜଣାଇଥିଲେ। ଏହି ପ୍ରସଙ୍ଗରେ ପୂର୍ବରୁ ରହିଥିବା ଗୃହ କମିଟିର ସୁପାରିଶ ଅନୁସାରେ ପୂର୍ବତନ ବିଧାୟକମାନଙ୍କ ପେନସନ ଓ ବର୍ତ୍ତମାନ ବିଧାୟକମାନଙ୍କ ଦରମା ବୃଦ୍ଧି କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ। ଯଦି ଆବଶ୍ୟକ ପଡ଼େ ନୂଆ କମିଟି ଗଢିବାକୁ ମଧ୍ୟ ବିଧାୟକମାନେ ପ୍ରସ୍ତାବ ଦେଇଥିଲେ। ତଦନୁସାରେ ବାଚସ୍ପତି ପରବର୍ତ୍ତୀ ସମୟରେ ଏହା ଉପରେ ବିଚାର କରି ରିପୋର୍ଟ ଦେବାକୁ ଆଉ ଏକ କମିଟି ଗଠନ ବିଷୟ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ମୋହନ ଚରଣ ମାଝୀ ପ୍ରଥମଥର ପାଇଁ ଗତ ଜୁଲାଇ ୨୨ ତାରିଖରେ ସପ୍ତଦଶ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନକୁ ସାମ୍ନା କରିଥିବା ବେଳେ ଏଥର ନଭେମ୍ବର ୨୬ରୁ ଦ୍ୱିତୀୟ ଥର ପାଇଁ ଦ୍ୱିତୀୟ ଅଧିବେଶନକୁ ସମ୍ମୁଖୀନ ହେଲେ। ତେବେ ପ୍ରଥମ ଅଧିବେଶନ ତୁଳନାରେ ଏଥର ଅଧିବେଶନ କାଳରେ ମୋହନ ମାଝୀଙ୍କ ସରକାର ଅତି ପ୍ରଭାବୀ ଢଙ୍ଗରେ ବିଧାନସଭା ଗୃହ ପରିଚାଳନା କରିବାରେ ସକ୍ଷମ ହେଲେ ଏବଂ ବିରୋଧୀଙ୍କୁ ଆଉ ଅଧିକ ବାଟ ଆଗେଇବାକୁ ସୁଯୋଗ ଦେଇନଥିଲେ। ତେବେ ସେ ଯାହା ହେଉ ୧୨ଦିନ ପାଇଁ ଚାଲିଥିବା ଏହି ସଂକ୍ଷିପ୍ତ ଶୀତ ଅଧିବେଶନରେ ଉଭୟ ପକ୍ଷ ନିଜ ନିଜର ବଳ କଷାକଷିରେ ଅଧିକ ସମୟ ଦେଇଥିବା ଜଣାପଡ଼ିଥିଲା।

# କିଟ୍‌ରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବିଶ୍ୱବିଦ୍ୟାଳୟରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ ଏହି ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଓଡ଼ିଶାର ସିନେ ଜଗତ ଓ କଳାକାର ଜଗତକୁ ପ୍ରେରଣା ଯୋଗାଇବ । ଆମ ସମାଜ ଉପରେ ସିନେମାର ବିଶେଷ ପ୍ରଭାବ ରହିଛି। ଏହି ମହୋତ୍ସବ ଓଡ଼ିଶା ସିନେ ଜଗତକୁ ଏକ ସମ୍ଭାବନା ଆଣି ଦେବାର ଆଶା ଓ ବିଶ୍ୱାସ ଅଛି ବୋଲି ମନ୍ତ୍ରୀ ସୂରଜ କହିଥିଲେ। ବିଶିଷ୍ଟ ପ୍ରଯୋଜକ ବିପୁଲ ଅମୃତଲାଲ୍ ଶାହ ଅତିଥି ଭାବେ ଯୋଗଦେଇ କହିଲେ, ଆମ ଦେଶରେ ବହୁ ପ୍ରତିଭା ଲୁକ୍କାୟିତ ହୋଇ ରହିଛନ୍ତି। ବିଶେଷ କରି ଓଡ଼ିଶାରେ ବହୁ ପ୍ରତିଭା ରହିଥିବା ମୁଁ ଏଠାରେ ଦେଖିବାକୁ ପାଇଲି । ସେମାନେ ମୁଖ୍ୟସ୍ରୋତକୁ ଆସି ପାରିନାହାନ୍ତି। ଏହି ଲୁକ୍କାୟିତ କଳାକାରମାନଙ୍କୁ ସିନେ ଜଗତର ମୁଖ୍ୟସ୍ରୋତକୁ ଆଣିବା ପାଇଁ ପ୍ରୟାସ କରିବେ ବୋଲି ସେ କହିଥିଲେ। ବିଶିଷ୍ଟ ନିର୍ଦ୍ଦେଶକ ଯଦୁମଣି ଦତ୍ତା କହିଲେ, ଭଲ ଚଳଚ୍ଚିତ୍ର ଭଲ ଭାବନା ତିଆରି କରିଥାଏ। ଭଲ ସିନେମା ତିଆରି କରିବା ଏବଂ ଏ ସମ୍ପର୍କିତ ଜ୍ଞାନ ଆହରଣ କ୍ଷେତ୍ରରେ ଏଭଳି ଚଳଚ୍ଚିତ୍ର ମହୋତ୍ସବ ଏକ ଉତ୍ତମ ମଞ୍ଚ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ଦୀର୍ଘ ୫ ବର୍ଷ ଧରି କିଟ୍ ପକ୍ଷରୁ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ଚଳଚ୍ଚିତ୍ର ମହୋତ୍ସବରେ ବିଭିନ୍ନ ଭାଷାଭାଷୀ ଚଳଚ୍ଚିତ୍ର ସମ୍ପର୍କରେ ସମସ୍ତେ ଜାଣିବାର ସୁଯୋଗ ମିଳିଥାଏ। ଆସନ୍ତା ବର୍ଷ ଏହି ଚଳଚ୍ଚିତ୍ର ମହୋତ୍ସବକୁ ଆହୁରି ବଡ଼ ଧରଣର କରାଯିବ ବୋଲି ସେ ଘୋଷଣା କରିଥିଲେ।

ଏହି ମହୋତ୍ସବରେ ମୋଟ ୪୫ଟି ଅତି ଉତ୍ତମ ମାନର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ସେଥିମଧ୍ୟରେ ରହିଛି ୧୨ଟି ଫିଚର ଫିଲ୍ମ, ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର, ୫ଟି ପ୍ରାମାଣିକ ଚଳଚ୍ଚିତ୍ର ଓ ୧୦ଟି ଷ୍ଟୁଡେଣ୍ଟ ଫିଲ୍ମ। ଶୁକ୍ରବାର ପ୍ରଥମ ଦିନରେ ଗୁଗୁଲ୍ ମାଟ୍ରିମନି, ମୋ ବୋଉ ମୋ ଗାଁ, ବାହି ଟ୍ରେସିଂ ମାଇଁ ଆନସେଷ୍ଟରସ, ଅଣ୍ଡର ଦି ବେଡ୍, ରଚାମ୍ପା, ଶ୍ରୀକାନ୍ତ, ବାଲାଡ୍ ଅଫ୍ ଦି ମାଉଣ୍ଟେନ୍, ମଇଁ ନିଦ, ରୋଟି କୁଁ ବନାସୀ, ଅମର ଆଜ ମରେଗା, ଅସ୍ତୋରାଗ, ମୋନିହାରା, ଆତାତୁର, କାଇଟ୍ ଆଣ୍ଡ ଆଇ ଏବଂ ସାମ ବାହାଦୂର ଆଦି ୧୭ଟି ବିଭିନ୍ନ ଭାଷା ଓ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

୩ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ବିଶିଷ୍ଟ ପ୍ରଯୋଜକ ଅଭିଷେକ ଅଗ୍ରୱାଲ, ମାୟଙ୍କ ସିଙ୍ଘାଣିଆ, ଅଭିଷେକ ତାରାଚାନ୍ଦ ଜୈନ, ନବଜ୍ୟୋତି ବାନ୍ଦିୱାଦେକର, ଚଳଚ୍ଚିତ୍ର ନିର୍ଦ୍ଦେଶକ ତୁଷାର ହୀରାନନ୍ଦିନୀ ଓ ସାଗର ସୁନୀଲ ପୁରଣିକ, ଅଭିନେତ୍ରୀ ରୁପାଲି ସୁଦ୍, ବନ୍ୟପ୍ରାଣୀ ଚଳଚ୍ଚିତ୍ର ନିର୍ମାତା ସୁବିହା ନାଲାମୁଥୁ ଓ ଲେଖକ ରାଜ ସାଣ୍ଡିଲ୍ୟଙ୍କ ଭଳି ବହୁ ନାମୀଦାମୀ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଯୋଗ ଦେଇଛନ୍ତି। ୧୪ ଓ ୧୫ ତାରିଖରେ କିଟ୍ କ୍ୟାମ୍ପସ-୬ ଓ ୧୭ ପ୍ରେକ୍ଷାଳୟ, ତଥା ସେମିନାର ହଲ୍‌ରେ ଚଳଚ୍ଚିତ୍ର ସବୁ ପ୍ରଦର୍ଶନ ହେବ।

କିଟ୍ ଫିଲ୍ମ, ଫେସନ ଓ ମିଡ଼ିଆ ଷ୍ଟଡିଜ୍ ସ୍କୁଲର ମହାନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆଙ୍କ ତତ୍ତ୍ୱାବଧାନରେ ଏହି ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ଓଡ଼ିଶା ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ।

# ହାଇକୋର୍ଟ ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ

**ନୂଆଦିଲ୍ଲୀ**

ସଂଖ୍ୟାଗରିଷ୍ଠଙ୍କ ଇଚ୍ଛାରେ ଦେଶ ଚାଲିବା ଉଚିତ ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିବା ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବଙ୍କୁ ବହିଷ୍କାର କରିବା ପାଇଁ ଶୁକ୍ରବାର ରାଜ୍ୟସଭାରେ ବିରୋଧୀ ଦଳ ସାଂସଦମାନେ ମହାଭିଯୋଗ ପ୍ରସ୍ତାବ ଆଣିଛନ୍ତି।

ସମାଜବାଦୀ ପାର୍ଟି ସାଂସଦ କପିଲ ସିବଲଙ୍କ ନେତୃତ୍ୱରେ ଏହି ମହାଭିଯୋଗ ପ୍ରସ୍ତାବକୁ ରାଜ୍ୟସଭାର ସେକ୍ରେଟେରୀ ଜେନେରାଲଙ୍କ ନିକଟରେ ଦାଖଲ କରାଯାଇଛି। ଏହି ପ୍ରସ୍ତାବରେ ପ୍ରାୟ ୫୫ ଜଣ ରାଜ୍ୟସଭା ସାଂସଦଙ୍କ ଦସ୍ତଖତ ରହିଛି। ସଂସଦ ଶୀତ ଅଧିବେଶନ ଶେଷ ହେବା ପୂର୍ବରୁ ଏହି ମହାଭିଯୋଗ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହେବ ବୋଲି ଆଶା କରାଯାଉଛି।

ଗତ ରବିବାର ବିଶ୍ୱ ହିନ୍ଦୁ ପରିଷଦର ଲିଗାଲ ସେଲ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜଷ୍ଟିସ ଯାଦବ ଯୋଗ ଦେଇଥିଲେ। ସେଠାରେ ସେ କହିଥିଲେ ମୁଁ ଏହା କହିବାରେ ଆଦୌ ଦ୍ୱିଧା କରିବି ନାହିଁ ଯେ ଏଇଟା ହେଉଛି ହିନ୍ଦୁସ୍ତାନ। ଏହି ଦେଶ ହିନ୍ଦୁସ୍ତାନରେ ରହୁଥିବା ସଂଖ୍ୟାଗରିଷ୍ଠଙ୍କ ଇଚ୍ଛାରେ କାର୍ଯ୍ୟ କରିବ। ଏହା ଆଇନ ଜଣେ ହାଇକୋର୍ଟ ବିଚାରପତି ଭାବେ ଏପରି କେମିତି କହୁଛି ବୋଲି ଆପଣ କହିପାରିବେ ନାହିଁ। ଆଇନ ସଂଖ୍ୟା ଗରିଷ୍ଠତାଙ୍କ ହିସାବରେ ଚାଲେ। ଏହାକୁ ପରିବାର କିମ୍ବା ସମାଜ ହିସାବରେ ଦେଖନ୍ତୁ । ଏକକ ନାଗରିକ ସଂହିତା ଖୁବ୍‌ଶୀଘ୍ର ବାସ୍ତବ ରୂପ ନେବ। ହିନ୍ଦୁତ୍ୱରୁ ସତୀ ଦାହ ଭଳି ପ୍ରଥାକୁ ଉଚ୍ଛେଦ କରାଯାଇ ସାରିଛି। କିନ୍ତୁ ମୁସଲିମ ସଂପ୍ରଦାୟରେ ଏବେ ବହୁ ପତ୍ନୀ ପ୍ରଥା ଜାରି ରହିଛି। ଆପଣ କେବେ ହେଲେ ୪ ପତ୍ନୀର ଅଧିକାର ସପକ୍ଷରେ ଦାବି କରିବେ ନାହିଁ। ହଲାଲା କିମ୍ବା ଟ୍ରିପଲ ତଲାକକୁ ଯଥାର୍ଥ ବୋଲି କହିପାରିବେ ନାହିଁ।



ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବଙ୍କ ବିରୋଧରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ମଧ୍ୟ ଗୋଟିଏ ଅଭିଯୋଗ ପାଇଛନ୍ତି। ଏଥିରେ ଜଷ୍ଟିସ ଯାଦବଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଅଭିଯୋଗ ପାଇବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା ଆହ୍ଲାବାଦ ହାଇକୋର୍ଟଙ୍କୁ ଜବାବ ମାଗିଛନ୍ତି।

# ରେକର୍ଡ କଲା ଭାରତ : ୧୦୦୦ ଆରବ ଡଲାର ପାର କଲା ପ୍ରତ୍ୟକ୍ଷ ବିଦେଶ ନିବେଶ

**ନୂଆଦିଲ୍ଲୀ**

ଭାରତରେ ପ୍ରତ୍ୟକ୍ଷ ବିଦେଶ ନିବେଶ (ଏଫଡିଆଇ) ୨୦୦୦ ରୁ ୨୦୨୪ ମଧ୍ୟରେ ୧୦୦୦ ଆରବ ଡଲାର ପାର କରିଛି। ଏହା ବିଶ୍ୱସ୍ତରରେ ଏକ ନିରାପଦ ଏବଂ ପ୍ରାଥମିକ ପୁଞ୍ଜି ବିନିଯୋଗ ଲକ୍ଷ୍ୟ ଭାବରେ ଦେଶର ସୁନାମକୁ ସ୍ୱୀକୃତି ପ୍ରଦାନ କରୁଛି। ଏହି ନିବେଶ ଗୁଡିକ ମଧ୍ୟରୁ ଅଧିକାଂଶ ସେବା କ୍ଷେତ୍ର, କମ୍ପ୍ୟୁଟର ସଫ୍ଟୱେର ଏବଂ ହାର୍ଡୱେର୍, ଟେଲିକମ୍, ବାଣିଜ୍ୟ, ଭିତ୍ତିଭୂମି, ଅଟୋମୋବାଇଲ୍, ରାସାୟନିକ ପଦାର୍ଥ ଏବଂ ଫାର୍ମାସ୍ୟୁଟିକାଲ କ୍ଷେତ୍ରରେ ଆସିଛି। ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟର ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ର ତଥ୍ୟ ଅନୁଯାୟୀ, ଇକ୍ୱିଟି, ପୁନର୍ନିବେଶିତ ଆୟ ଏବଂ ଅନ୍ୟାନ୍ୟ ପୁଞ୍ଜି ସହିତ ମୋଟ ଏଫଡିଆଇ ପରିମାଣ ଏହି ସମୟ ମଧ୍ୟରେ ୧,୦୩୩.୪୦ ବିଲିୟନ ଡ଼ଲାରରେ ପହଞ୍ଚିଛି। ପରିସଂଖ୍ୟାନ ଅନୁଯାୟୀ, ପ୍ରାୟ ୨୫ ପ୍ରତିଶତ ଏଫଡିଆଇ ମରିସସ ମାର୍ଗ ଦେଇ ଆସିଛି। ଏହା ପରେ ସିଙ୍ଗାପୁର (୨୪%), ଆମେରିକା (୧୦%), ନେଦରଲ୍ୟାଣ୍ଡ (୭%), ଜାପାନ (୬%), ବ୍ରିଟେନ (୫%), ୟୁଏଇ (୩%) ଏବଂ କେମାନ ଦ୍ୱୀପପୁଞ୍ଜ, ଜର୍ମାନୀ ଏବଂ ସାଇପ୍ରସ ରହିଛନ୍ତି। ତଥ୍ୟ ଅନୁଯାୟୀ, ଏହି ଅବଧି ମଧ୍ୟରେ ମରିସସରୁ ୧୭୭.୧୮ ବିଲିୟନ ଡଲାର, ସିଙ୍ଗାପୁରରୁ ୧୬୭.୪୭ ବିଲିୟନ ଡଲାର ଏବଂ ଆମେରିକାର ୬୭.୮ ବିଲିୟନ ଡ଼ଲାର ନିବେଶ ଆସିଛି।

GOVERNMENT OF ODISHA
OFFICE OF THE DIVISIONAL FOREST OFFICER,
BAMRA WILDLIFE DIVISION, BAMRA, SAMBALPUR
At/PO- Bamra, Dist- Sambalpur E-mail – dfobmbwl004@gmail.com
BID IDENTIFICATION No. 1F-BMB /02 / Dt.12.12.2024 (online)/2024-25
E-procurement notice
No. 276 Dated. 12/12/2024

MM-

The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate bids in single cover System in ONLINE Mode.

| | | | |
|---|---|---|---|
| 1. | No. of work | :- | 3 (Three) Nos.Building work(composite) |
| 2. | Estimated cost | :- | Rs.12,74,076/- to Rs.12,74,103/- (Excluding 18% GST) |
| 3. | Tender Cost | :- | Rs.6,000/- for each project. |
| 4. | Class of Contractor | :- | "C" & "D" Class Contractors. |
| 5. | Period of completion | :- | 03 (Three) Calendar Months (90 days) |
| 6. | Availability of bid document in the website. | :- | 18:00 Hours of 13.12.2024 to 17:00 Hours of 20.12.2024. |
| 7. | Date of Opening of Tenders | :- | 18 Hours on dt. 20.12.2024. |
| 8. | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. | | |

Sd/- Divisional Forest Officer,
Bamra Wildlife Division.

OIPR-08144/11/0002/2425

ଭୁବନେଶ୍ୱର
୧୪ ଡିସେମ୍ବର
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

## ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୫ର ପ୍ରସ୍ତୁତି ପର୍ବ

# ମହଜୁଦ ଅଛି ୫୧, ଆସିବ ୮୧୪ ଖଣ୍ଡ କାଠ

**ପୁରୀ,୧୩/୧୨ନ୍ୟୁଜ ବ୍ୟୁରୋ**



ଆରମ୍ଭ ହୋଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୫ର ପ୍ରସ୍ତୁତି ପର୍ବ। ପ୍ରଥମେ ଦାରୁବ୍ରହ୍ମଙ୍କ ରଥତ୍ରୟ ନିର୍ମାଣ ପାଇଁ କାଠ ଯୋଗାଡ଼ ହେବ। ପରମ୍ପରା ଅନୁସାରେ କାଠ ଛେଦନ ପୂର୍ବରୁ ନୟାଗଡ଼ ବଡ଼ମୂଳସ୍ଥିତ ମା'ବଡ଼ରାଉଳ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯିବ। ଏଥିପାଇଁ ଆସନ୍ତା ୧୬ ତାରିଖ ସୋମବାର ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ପ୍ରତିନିଧି ଦଳ ନୟାଗଡ଼ ଯାତ୍ରା କରିବେ। ୫ଜଣିଆ ଏହି ପ୍ରତିନିଧି ଦଳଙ୍କ ନେତୃତ୍ୱ ନେବେ ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ। ସାଥିରେ ନେବେ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ପତନି, ମାଳ, ମାହାର୍ଦ୍ଦ, ଶ୍ରୀଫଳ, ଧୂପ ଦୀପ ଓ ଫଳମୂଳ ଆଦି ପୂଜା ସାମଗ୍ରୀ। ୧୭ ତାରିଖ ମଙ୍ଗଳବାର ପୂର୍ବାହ୍ନରେ ଠାକୁରାଣୀଙ୍କ ପୂଜାର୍ଚ୍ଚନା ପରେ ରଥ କାଠ ଛେଦନ ଅନୁକୂଳ ହେବ। ରଥ ନିର୍ମାଣର ପ୍ରାରମ୍ଭିକ ପ୍ରକ୍ରିୟା କ୍ରମେ ଶ୍ରୀମନ୍ଦିର ପ୍ରଶାସନ ରଥ କାଠ ଯୋଗାଇବାକୁ ଜଙ୍ଗଲ ବିଭାଗକୁ ବରାଦ କରିଛି। ରଥ ସଂହିତା ଅନୁସାରେ ନୟାଗଡ଼ ଡିଭିଜନ୍ ଶୁଖିଲା କାଠ ଓ ଖୋର୍ଦ୍ଧା ଡିଭିଜନ କଞ୍ଚା କାଠ ଯୋଗାଇବାର ପରମ୍ପରା ରହିଛି। ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ଶ୍ରୀ ମେକାପ କୁହନ୍ତି ପ୍ରତିବର୍ଷ ମହାପ୍ରଭୁଙ୍କ ତିନି ରଥ ନିର୍ମାଣ ପାଇଁ ୮୬୫ ଶୁଖିଲା କାଠ ଓ ୧୦୦ ଖଣ୍ଡ କଞ୍ଚା କାଠ ଲୋଡ଼ା ହୁଏ। ଆସନ୍ତା ବର୍ଷ ରଥ ଯାତ୍ରା ପାଇଁ ୮୧୪ ଖଣ୍ଡ କାଠର ଆବଶ୍ୟକତା ରହିଛି। ୨୦୨୪ ରଥଯାତ୍ରାଠାରୁ ୫୧ ଖଣ୍ଡ କାଠ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଗଚ୍ଛିତ ରହିଛି। ବରାଦ କାଠ ମଧ୍ୟରୁ ରଥ ନିର୍ମାଣ ଉଦ୍ଦେଶ୍ୟରେ ବଡ଼ଦାଣ୍ଡ ରଥଖଳାକୁ ଆସିବ ୩୯୬ ଖଣ୍ଡ କାଠ। କଟକ ଖପୁରିଆସ୍ଥିତ କରତ କଳକୁ ଯିବ ୪୧୮ ଖଣ୍ଡ। ଏସବୁ ହେଉଛି ଫାସୀ, ଅସନ ଓ ଧଉରା ଆଦି ଶୁଖିଲା କାଠ। ସେହିଭଳି ମଇ, ଶିମିଳି ଓ ମହାଲିମ୍ବ ଆଦି ୧୦୦ ଖଣ୍ଡ କଞ୍ଚା କାଠ ଆବଶ୍ୟକ ହେବ। ଫେବୃୟାରୀ ୨ ତାରିଖ ଶ୍ରୀପଞ୍ଚମୀ ତଥା ସରସ୍ୱତୀ ପୂଜା ପୂର୍ବରୁ ୨ ଟ୍ରିପ୍ ରଥ କାଠ ପୁରୀ ବଡ଼ଦାଣ୍ଡ ରଥ ଖଳାରେ ପହଞ୍ଚିବ। ଏହାପରେ ପର୍ଯ୍ୟାୟ କ୍ରମେ ସମସ୍ତ ରଥ କାଠ ଆସିବ ବୋଲି ବରିଷ୍ଠ ତତ୍ତ୍ୱାବଧାରକ ଶ୍ରୀ ମେକାପ କହିଛନ୍ତି।

## ବାଘୁଣୀ ଜୀନତ୍ ପାଇଁ ଝାଡ଼ଖଣ୍ଡରେ ଭାରତୀୟ ନ୍ୟାୟ ସଂହିତା ୧୬୩ ଧାରା ଜାରି

**ରାଞ୍ଚି, ୧୩/୧୨ ନ୍ୟୁଜ ବ୍ୟୁରୋ**



ବାଘୁଣୀ ଜୀନତ୍ ପାଇଁ ଏବେ ଝାଡ଼ଖଣ୍ଡରେ ଭାରତୀୟ ନ୍ୟାୟ ସଂହିତା ୧୬୩ ଧାରା ଜାରି ହୋଇଛି। ବାଘୁଣୀ ବିଚରଣ କରୁଥିବା ହେତୁ ଉକ୍ତ ଅଞ୍ଚଳରେ ଜନଶୂନ୍ୟ ବା ନିଷେଧାଜ୍ଞା ପାଇଁ ଗତ ୧୧ତାରିଖରୁ 'ଟିଆବାଘୀ' ସହିତ ଅନ୍ୟ ତିନୋଟି ଗ୍ରାମରେ ଏହି ବିଏନଏସଏସ-୧୬୩ (ଭାରତୀୟ ନ୍ୟାୟ ସଂହିତା ୧୬୩) ପୂର୍ବରୁ ଥିବା ୧୪୪ ଧାରା ସହ ପ୍ରାୟ ସମାନ ଧାରାକୁ ପ୍ରଣୟନ କରାଯାଇଛି । ଗୋଟିଏ ପଟେ କହିବାକୁ ଗଲେ ବାଘୁଣୀ ଜୀନତ୍ ପାଇଁ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି ଝାଡ଼ଖଣ୍ଡର ଚାକୁଲିଆ ବନାଞ୍ଚଳ ଅଞ୍ଚଳର ଜନଜୀବନ। ଆଜକୁ ୬ ଦିନ ହେଲା ଶିମିଳିପାଳ ଅଭୟାରଣ୍ୟରୁ ଯାଇ ଝାଡ଼ଖଣ୍ଡ ଜଙ୍ଗଲରେ ଘୁରିବୁଲୁଛି ଜୀନତ୍। ଫେରିବାର ନାଁ ନେଉନି। ଆଉ ଏଥିପାଇଁ ନାକେଦମ୍ ହେଲେଣି ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ବନବିଭାଗର ପୂରା ଟିମ୍। ଖାଦ୍ୟ ପାଇଁ ଜଙ୍ଗଲ ଭିତରେ ଦେଇଥିବା ମଇଁଷି ଥୋପ ବି କାମ ଦେଲାନି। ବର୍ତ୍ତମାନ ସୁଦ୍ଧା ବିଭାଗର ସବୁ ପ୍ରୟାସ ଫେଲ୍ ମାରିଚାଲିଥିବା ବେଳେ ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯିବ ସେ ନେଇ ଚିନ୍ତାରେ ବିଭାଗ। ଦିନ ବଢ଼ିବା ସଙ୍ଗେ ସଙ୍ଗେ ବିଭିନ୍ନ ସମସ୍ୟା ସହିତ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ମଧ୍ୟ ବଢୁଥିବାର ଖବର ରହିଛି। ଯାହା ମଣିଷ ଓ ବାଘୁଣୀ ଉଭୟଙ୍କ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ବାଘୁଣୀ ଭୟରେ ସ୍ଥାନୀୟ ଅଞ୍ଚଳରେ ଗତ ଦୁଇଦିନ ଧରି ସ୍କୁଲ ମଧ୍ୟ ଛୁଟି ଘୋଷଣା କରାଯାଇଥିବା ଜଣାପଡିଛି। ତେଣୁ ବର୍ତ୍ତମାନ ସମୟରେ ଉକ୍ତ ସ୍ଥାନରୁ ଯଥାଶିଘ୍ର ବାଘୁଣୀକୁ ଉଦ୍ଧାର କରିବା ନିତ୍ୟାନ୍ତ ଆବଶ୍ୟକ ହୋଇ ପଡିଥିବା ବେଳେ ଓଡ଼ିଶାରୁ ଯାଇଥିବା ବନବିଭାଗର ସ୍ୱତନ୍ତ୍ର ଟିମ୍ ମଧ୍ୟ ଜିନତ୍‌କୁ ଶିମିଳିପାଳ ଫେରାଇ ଆଣିବା ପାଇଁ ଦିନରାତି ଲାଗି ପଡ଼ିଛନ୍ତି।

## ପୁରୁଷଙ୍କ ବିରୋଧରେ ହତିଆର ରୂପେ ବ୍ୟବହାର କରାଯାଉଛି ଯୌତୁକ ନିର୍ଯାତନା ଆଇନ

**ନୂଆଦିଲ୍ଲୀ, ୧୩/୧୨**



ଯୌତୁକ ଉତ୍ପୀଡ଼ନ, ଘରୋଇ ହିଂସା ପରି ଅଭିଯୋଗରେ ଅତିଷ୍ଠ ହୋଇ ଆତ୍ମହତ୍ୟା କରିଥିବା ଅତୁଲ ସୁଭାଷଙ୍କ ମାମଲା ନୂଆ ବିତର୍କକୁ ଜନ୍ମ ଦେଇଛି। ଏବେ ସୁପ୍ରିମକୋର୍ଟରେ ଏହିପରି ମାମଲାକୁ ନେଇ ଏକ ଜନସ୍ୱାର୍ଥ ମାମଲା ଦାଖଲ ହୋଇଛି । ଦେଶରେ ଘରୋଇ ହିଂସା ଏବଂ ଯୌତୁକ ଉତ୍ପୀଡ଼ନ ଆଇନର ଦୁରୁପଯୋଗ ହେଉଥିବା ଏଥିରେ କୁହାଯାଇଛି । ଯେଉଁଥି ପାଇଁ ବିନାଦୋଷରେ ପୁରୁଷଙ୍କୁ ନିର୍ଯାତନାର ଶିକାର ହେବାକୁ ପଡୁଛି । ପୁରୁଷଙ୍କ ଉତ୍ପୀଡ଼ନ ରୋକିବା ପାଇଁ ଏକ ଗାଡଲାଇନ୍ ପ୍ରସ୍ତୁତ କରିବା ପାଇଁ ଏଥିରେ ଅପିଲ୍ କରାଯାଇଛି । ବିଶାଲ ତିୱାରୀ ନାମକ ଜଣେ ଆଇନଜୀବୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଜନସ୍ୱାର୍ଥ ମାମଲାରେ କହିଛନ୍ତି ଯେ ଅତୁଲଙ୍କ ପରି ଲକ୍ଷ ଲକ୍ଷ ଲୋକ ମିଛ ମାମଲାରେ ନିର୍ଯାତିତ ହେଉଛନ୍ତି । ପିଆଇଏଲ୍‌ରେ କୁହାଯାଇଛି, 'ଏହା କେବଳ ଜଣେ ଅତୁଲ ସୁଭାଷଙ୍କ ମାମଲା ନୁହେଁ ବରଂ ଏପରି ଲକ୍ଷ ଲକ୍ଷ କେସ୍ ଅଛି, ଯେଉଁଠି ପୁରୁଷ ମିଛ କେସ ଚାପରେ ଜୀବନ ହାରିଛନ୍ତି । ଦୌତୁକ ନିର୍ଯାତନା ଆଇନକୁ ଦୁରୁପଯୋଗ କରି ଏହାର ପ୍ରକୃତ ଉଦ୍ଦେଶ୍ୟକୁ ହିଁ ଶେଷ କରିଦିଆଯାଇଛି । ବର୍ତ୍ତମାନ ସମୟରେ ଏହି ଆଇନର ସମୀକ୍ଷା କରିବାର ଆବଶ୍ୟକତା ରହିଛି ।' ଏହି ଆଇନର ସମୀକ୍ଷା ପାଇଁ ଏକ ଗଠନ କରିବା ଲାଗି ବିଶାଲ ତିୱାରୀ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି । ଏହି କମିଟି ଆଇନର ସମୀକ୍ଷା କରିବା ସହ ଏଥିରେ ଥିବା ତ୍ରୁଟିକୁ କିପରି ଦୂର କରାଯାଇପାରିବ ସେନେଇ ପରାମର୍ଶ ଦେବ । ବିଶାଲ ତିୱାରୀ ଦାଖଲ କରିଥିବା ପିଆଇଏଲରେ ଅପିଲ୍ କରିଛନ୍ତି, 'ଏହି କମିଟିରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି, ଆଇନଜୀବୀ ଏବଂ ଆଇନ ବିଶେଷଜ୍ଞଙ୍କୁ ସାମିଲ କରାଯିବା ଦରକାର । ଆବେଦନରେ କୁହାଯାଇଛି ଯେ ଯୌତୁକ ନିର୍ଯାତନା ପରି ଆଇନକୁ ବିବାହିତ ମହିଳାଙ୍କ ସୁରକ୍ଷା ପାଇଁ ଅଣାଯାଇଥିଲା, କିନ୍ତୁ ଆଜି ଏହା ପୁରୁଷଙ୍କ ବିରୋଧରେ ଏକ ହତିଆର ରୂପେ ବ୍ୟବହାର କରାଯାଉଛି ।'

## ରେଲୱେର ପୂରା ଫୋକସ୍ ରହିଛି ଗରିବ ଏବଂ ମଧ୍ୟବିତ୍ତ ପରିବାର ଉପରେ

**ନୂଆଦିଲ୍ଲୀ, ୧୩/୧୨**

ସାରା ଦେଶରେ କୋଟି କୋଟି ଲୋକ ଭାରତୀୟ ରେଳରେ ଯାତ୍ରା କରନ୍ତି । ଅନେକଙ୍କୁ ଟିକଟ ମିଳୁଥିବା ବେଳେ, କମ ସିଟ୍ କାରଣରୁ କିଛିଙ୍କୁ ଟିକଟ ମିଳିପାରେ ନାହିଁ। ଏହାରି ଭିତରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦର ଶୀତକାଳୀନ ଅଧିବେଶନରେ ଏକ ବଡ଼ ଘୋଷଣା କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଘୋଷଣା କୋଟି କୋଟି ରେଳ ଯାତ୍ରୀଙ୍କ ପାଇଁ ଖୁସିଖବର ଠାରୁ କମ୍ ନୁହେଁ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ କହିଛନ୍ତି ଯେ ରେଲୱେର ପୂରା ଫୋକସ ଗରିବ ଏବଂ ମଧ୍ୟବିତ୍ତ ପରିବାର ଉପରେ ରହିଛି। ପ୍ରାୟ ୧୨୦୦୦ ଜେନେରାଲ କୋଚ୍ ନିର୍ମାଣ କରାଯାଉଛି । ଚଳିତ ଆର୍ଥିକ ବର୍ଷରେ ଅତିରିକ୍ତ ୯୦୦୦ ଜେନେରାଲ କୋଚ୍ ଯୋଡ଼ାଯାଇଛି।

ସେ କହିଛନ୍ତି ଯେ ଛଟ୍ ଏବଂ ଦିପାବାଳୀ ପରି ପାର୍ବଣରେ ସ୍ୱତନ୍ତ୍ର ଭାବେ ୭୯୦୦ ଟ୍ରେନ୍ ଚଳାଚଳ କରାଯାଇଛି । ଯେଉଁଥିରେ ୧ କୋଟି ୮୦ ଲକ୍ଷ ଯାତ୍ରୀ ବିନା କୌଣସି ଅସୁବିଧାରେ ଟ୍ରେନ ଯାତ୍ରା କରିଛନ୍ତି। ରେଳମନ୍ତ୍ରୀ କହିଛନ୍ତି ଯେ ମହାକୁମ୍ଭ ପାଇଁ ୧୩୦୦୦ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ଗରିବ ଓ ମଧ୍ୟବିତ୍ତ ପରିବାରକୁ ଫୋକସରେ ରଖି ରେଲୱେରେ କାମ ଚାଲିଛି। ସେ କହିଛନ୍ତି, 'ଅମୃତ ଭାରତ ଟ୍ରେନ ନାଁରେ ଏକ ନୂତନ ଟ୍ରେନ ନିର୍ମାଣ କରାଯାଇଛି, ଏଥିରେ ବନ୍ଦେ ଭାରତରେ ଥିବା ଟେକ୍ନୋଲଜିକୁ ସାମିଲ କରାଯାଇଛି। ଉଭୟ ଟ୍ରେନ ପ୍ରାୟ ୧୦ ମାସରୁ ଅଧିକ ସମୟ ଚାଲିସାରିଛି ଏବଂ ସେହି ଅନୁଭବ ଆଧାରରେ ଅତିରିକ୍ତ ୫୦ ଟ୍ରେନ ନିର୍ମାଣ ଯୋଜନା ରହିଛି ।'

## ଅନୁକମ୍ପାମୂଳକ ନିଯୁକ୍ତିରୁ ବଞ୍ଚିତ ମାମଲା

# ପୁରୁଣା ଆଇନ ଆଧାରରେ ବିଚାର କର: ହାଇକୋର୍ଟ

**କଟକ, ୧୩/୧୨ ନ୍ୟୁଜ ବ୍ୟୁରୋ**

ପଦସ୍ଥ ଅଧିକାରୀଙ୍କ ବିଳମ୍ବ ଓ ତ୍ରୁଟି ପାଇଁ ସାଧାରଣ ଲୋକ ଦଣ୍ଡ ଭୋଗିବା ଅନୁଚିତ। ଓଡ଼ିଶା ହାଇକୋର୍ଟ ଏହା କହିବା ସହ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ପୁରୁଣା ଅନୁକମ୍ପାମୂଳକ ନିଯୁକ୍ତି ଆଇନ ଆଧାରରେ ଚାକିରିରୁ ବଞ୍ଚିତ ଆବେଦନ-କାରୀଙ୍କ ସମସ୍ୟାର ଆସନ୍ତା ୪ ସପ୍ତାହ ମଧ୍ୟରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରବୀନ୍ଦ୍ର କୁମାର ମହାନ୍ତିଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଏମ.ଏସ.ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ ୨୦୨୦ ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍‌ର ଧାରା ୬(୯)କୁ ପୂର୍ବରୁ ଅଦାଲତ ଏଭଳି କ୍ଷେତ୍ରରେ ବେଆଇନ ବୋଲି ଦର୍ଶାଇଥିବା ପରିପ୍ରେକ୍ଷୀରେ ୧୯୯୦ର ପୁରୁଣା ଆଇନ୍ ଆଧାରରେ ଆବେଦନକାରୀଙ୍କ କଥା ବିଚାର କରାଯିବା ଉଚିତ। ପ୍ରକାଶ ଯେ ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ବ୍ଲକରେ ଚତୁର୍ଥ ଶ୍ରେଣୀ ପଦବୀରେ କାମ କରୁଥିବା ବେଳେ ୨୦୧୬ରେ ନେତ୍ର ଉତ୍ସବ ମହାନ୍ତିଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ପୁଅ ରବୀନ୍ଦ୍ର କୁମାର ମହାନ୍ତି ପରିବାରର ଅନ୍ୟ ସଦସ୍ୟମାନଙ୍କ ସହମତି ଭିତ୍ତିରେ ଅନୁକମ୍ପାମୂଳକ ନିଯୁକ୍ତି ଲାଗି ଆବେଦନ କରିଥିଲେ। ପ୍ରଶାସନର ତ୍ରୁଟିରୁ ୨୦୧୮ ଏପ୍ରିଲ ମାସରେ ବସିଥିବା ଜିଲ୍ଲାସ୍ତରୀୟ କମିଟି ନିକଟକୁ ଏହି ଆବେଦନ ବିଚାର ପାଇଁ ଆସିପାରିନଥିଲା।

## ରାଜ୍ୟ ପୁଲିସ ବାହିନୀର ୬୯ତମ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ

# ଓଡ଼ିଶା ପୁଲିସର ମୂଳ ଲକ୍ଷ୍ୟ ହେଉଛି ଅପରାଧ ଦମନ : ଡିଜିପି



**କଟକ, ୧୩/୧୨ ନ୍ୟୁଜ ବ୍ୟୁରୋ**

ରାଜ୍ୟ ପୁଲିସ ବାହିନୀର ୬୯ତମ ବୃତ୍ତିଗତ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚାରି ଦିନ ଧରି ହେବାକୁ ଥିବା ଏହି ବୃତ୍ତିଗତ ପ୍ରତିଯୋଗିତା କଟକରେ ଆୟୋଜିତ ହେଉଛି। ଡିଜିପି ୱାଇ.ବି. ଖୁରାନିଆ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ତେବେ ଏହି ବୃତ୍ତିଗତ ପ୍ରତିଯୋଗିତାରେ ରାଜ୍ୟ ପୁଲିସ ବାହିନୀର ୩୭ଟି ଟିମ୍ ଭାଗ ନେଇଛନ୍ତି। ଜିଲ୍ଲା ପୁଲିସ, କ୍ରାଇମବ୍ରାଞ୍ଚ, ଜିଆରପି, ଏସ୍‌ଟିଏଫ୍ ବିଭିନ୍ନ ସଂସ୍ଥାର ଅଧିକାରୀ ମାନେ ଭାଗ ନେଇଛନ୍ତି। ଅପରାଧ ତଦନ୍ତ, ସାଇଣ୍ଟିଫିକ୍ ତଦନ୍ତ, ସାଇବର ଅପରାଧ, ଆଙ୍ଗୁଳି ଛାପ, ସ୍ୱାନ୍, ଲିଫ୍‌ଟିଙ୍ଗ, ପ୍ୟାକିଂ ଆଦି ବୃତ୍ତିଗତ ସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରାଇମ୍‌ବ୍ରାଞ୍ଚର ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତା ପରିଚାଳନା ପାଇଁ ଅଭିଜ୍ଞ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଏହି ପ୍ରତିଯୋଗିତାରୁ ଗୋଟିଏ ଟିମ୍ ଚୟନ ହେବ, ଯିଏକି ଆଗାମୀ ଦିନରେ ହେବାକୁ ଥିବା ସର୍ବଭାରତୀୟ ପୁଲିସ ଡ୍ୟୁଟି ମିଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ପୁଲିସ ଡିଜି ୱାଇବି ଖୁରାନିଆ କହିଛନ୍ତି ଯେ, ଓଡ଼ିଶା ପୁଲିସର ମୂଳ ଲକ୍ଷ୍ୟ ହେଉଛି ଅପରାଧ ଦମନ। ବର୍ତ୍ତମାନ ସମୟରେ ପୁଲିସ କର୍ମଚାରୀଙ୍କୁ ସବୁ ଦିଗରେ ଦକ୍ଷ କରାଇବା ଓ ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ କରିବାର ଇଚ୍ଛାକୁ ଜାଗ୍ରତ କରିବା ପରେ ଅପରାଧ ଓ ଅପରାଧୀଙ୍କୁ ଦମନ କରିବାରେ ସଫଳ ହୋଇଛି ଓଡ଼ିଶା ପୁଲିସ। ଏହାସହ ମାଓ ଦମନ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଓ ଡିଜିଟାଲ ଏଭିଡେନ୍ସ ପ୍ରକ୍ରିୟାରେ ପୁଲିସ ସଫଳତା ହାସଲ କରିଛି। ଏଭଳି ପ୍ରତିଯୋଗିତା ଦ୍ୱାରା ତଦନ୍ତ କୌଶଳ ଶାଣିତ ହୋଇଥାଏ ବୋଲି ପୁଲିସ ଡିଜି କହିଛନ୍ତି। ଏବେ ଅପରାଧର ଉପାୟ ବଦଳି ଥିବାରୁ ତଦନ୍ତ ପ୍ରକ୍ରିୟା ବଦଳିବାର ଆବଶ୍ୟକତା ରହିଛି। ଅତ୍ୟାଧୁନିକ ଓ ବୈଜ୍ଞାନିକ ତଦନ୍ତ କୌଶଳକୁ ଆପଣାଉଛି ଓଡ଼ିଶା ପୁଲିସ ବୋଲି କହିଛନ୍ତି ଡିଜି। ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପୁଲିସ ଅଧିକାରୀମାନଙ୍କୁ ପୁରସ୍କୃତ ଓ ଟ୍ରଫି ପ୍ରଦାନ କରିବେ। ଏଥିଲାଗି ରାଜ୍ୟ ପୁଲିସ୍ ବାହିନୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହାସହ ଗତ ଡିଜିପି ସମ୍ମିଳନୀରେ ଆତଙ୍କବାଦୀ ପନ୍ନୁର ଭିଡିଓ ଧମକ ଘଟଣାରେ ପୁଲିସ ଡିଜି ୱାଇ.ବି ଖୁରାନିଆ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହି ଘଟଣାର ତଦନ୍ତ ଚାଲିଛି, ଅନ୍ୟ ତଦନ୍ତକାରୀ ଏଜେନ୍ସିର ସହଯୋଗ ନିଆଯାଉଛି। ସେହିପରି ଭୁବନେଶ୍ୱରରେ କଲ୍ ସେଣ୍ଟର ନାଁରେ ସାଇବର ଠକେଇ ଘଟଣାରେ ଜନସାଧାରଣ ଅଧିକ ସଚେତନ ହେବାର ଆବଶ୍ୟକତା ରହିଛି। ଏଭଳି ଠକେଇରୁ ଲୋକେ ଦୂରେଇ ରୁହନ୍ତୁ। ଏହି ଘଟଣାରେ ପୁଲିସ୍ ତଦନ୍ତ ଆରମ୍ଭ କରିଥିବା କହିଛନ୍ତି ଡିଜିପି ୱାଇବି ଖୁରାନିଆ।

## ରାଜ୍ୟରେ ଖୋଲିବ ୭ ନର୍ସିଂ କଲେଜ

**ଭୁବନେଶ୍ୱର,୧୩/୧୨ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ୭ ନର୍ସିଂ କଲେଜ ଖୋଲିବ। କୋରାପୁଟ, ବଲାଙ୍ଗିର, ପୁରୀ, ବାଲେଶ୍ୱର, ଯାଜପୁର, ଅନୁଗୁଳ ଓ ମୟୂରଭଞ୍ଜରେ ଏହି ନର୍ସିଂ କଲେଜ ଖୋଲିବ। ଆସନ୍ତା ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସବୁର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଯେଉଁ ନର୍ସିଂ ଛାତ୍ରଛାତ୍ରୀମାନେ ସରକାରୀ ନର୍ସିଂ କଲେଜରେ ପାଠ ପଢ଼ିବାର ସୁଯୋଗ ପାଉନଥିଲେ ସେମାନଙ୍କ ପାଇଁ ଖୁସିର ଖବର। ସେମାନେ ଏଣିକି ସରକାରୀ କଲେଜରେ ପାଠ ପଢ଼ିବାର ସୁଯୋଗ ପାଇବେ। କାରଣ ଏସବୁ ୭ କଲେଜରେ ପ୍ରତି ବର୍ଷ ୬୦ ଛାତ୍ରଛାତ୍ରୀ ନାମ ଲେଖାଇବାର ସୁଯୋଗ ପାଇବେ। ଫଳରେ ୭ ନର୍ସିଂ କଲେଜରୁ ପ୍ରତିବର୍ଷ ମୋଟ ୪୨୦ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବେ। ଏହି ସବୁ କଲେଜ ଖୋଲିବା ଫଳରେ ରାଜ୍ୟରେ ନର୍ସିଂ କ୍ଷେତ୍ରରେ ଉନ୍ନତି ଆସିବା ସହ ଏହା ରୋଗୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେବ।

DADLS-62



ଓଡ଼ିଶା ସରକାର

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
୧୪ ଡିସେମ୍ବର, ୨୦୨୪
ସକାଳ ୯ ଘଟିକା ସମୟରେ ଜୟଦେବ ବିହାର ଛକ, ଭୁବନେଶ୍ୱରସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସନ୍ଧ୍ୟା ୬ ଘଟିକା ସାଧାରଣ ସଭା ସ୍ଥାନ – ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ,
ପ୍ରାକ୍ତନ ରାଜ୍ୟପାଳ, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ, ଲୋକସଭା
ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ, ପ୍ରାକ୍ତନ ବିଧାୟକ ତଥା ସଭାପତି
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର
ମୁଖ୍ୟବକ୍ତା
ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ,
ଇଷ୍ଟର୍ଣ୍ଣ ମିଡ଼ିଆ ଗ୍ରୁପ୍, ଭୁବନେଶ୍ୱର
ଧନ୍ୟବାଦ ଅର୍ପଣ
ଡା. କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ପାଦକ,
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର
'ନାଦବ୍ରହ୍ମ' ସଂଗୀତ ଅନୁଷ୍ଠାନ ଦ୍ୱାରା ଭଜନ ପରିବେଷଣ
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
ନିର୍ଦ୍ଦେଶକ
OIPR : 15001/13/0317/2425 ସୂଚନା ଓ ଲୋକସମ୍ପର୍କ ବିଭାଗ

## ବାୟୁ ପ୍ରଦୂଷଣ ଯୋଗୁ ଭାରତରେ ପ୍ରତିବର୍ଷ ପ୍ରାଣ ହରାଉଛନ୍ତି ୧.୫ ନିୟୁତ ଲୋକ

**ନୂଆଦିଲ୍ଲୀ ୧୩।୧୨**

ଏକ ନୂଆ ଅଧ୍ୟୟନରୁ ଜଣାପଡିଛି ଯେ ଭାରତରେ ପ୍ରତିବର୍ଷ ଦେଢ ନିୟୁତ ଅର୍ଥାତ ପ୍ରାୟ ୧୫ ଲକ୍ଷ ଲୋକ ଦୀର୍ଘ ସମୟ ଧରି ପିଏମ୨.୫ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ରହିବା ଯୋଗୁ ପ୍ରାଣ ହରାଉଛନ୍ତି। 'ଦି ଲେନସେଣ୍ଟ ପ୍ଲାନେଟରୀ ହେଲଥ୍ ଜର୍ଣ୍ଣାଲ' ରେ ପ୍ରକାଶିତ ଗବେଷଣା ନିବନ୍ଧରେ ଏହା ପ୍ରକାଶିତ ହୋଇଛି। ଏହି ଗବେଷଣାରେ ହରିୟାଣାର ଅଶୋକା ବିଶ୍ୱବିଦ୍ୟାଳୟ ଓ ନୂଆଦିଲ୍ଲୀର ସେଣ୍ଟର ଫର କ୍ରନିକ ଡିଜିଜ୍ କଣ୍ଟ୍ରୋଲ (ସିସିଡିସି)ର ଗବେଷକମାନେ ସାମିଲ ଥିଲେ। ଗବେଷକମାନେ କହିଛନ୍ତି ଯେ ଭାରତର ୧.୪ ବିଲିୟନ ଜନସଂଖ୍ୟା ଏପରି ଅଞ୍ଚଳରେ ରହୁଛନ୍ତି ଯେଉଁଠି ବାୟୁରେ ପିଏମ୨.୫ର ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚଓ)ଙ୍କ ଦ୍ୱାରା ନିର୍ଦ୍ଦେଶିତ ବାର୍ଷିକ ହାରାହାରି ୫ ମାଇକ୍ରୋ ଗ୍ରାମ ପ୍ରତି ଘନମିଟରରୁ ବି ଅଧିକ ରହୁଛି। ଟିମ୍ ଏହା ମଧ୍ୟ ଜାଣିବାକୁ ପାଇଛନ୍ତି ଯେ ୧.୧ବିଲିୟନ ଜନସଂଖ୍ୟା ଏପରି କ୍ଷେତ୍ରରେ ରହୁଛନ୍ତି ଯେଉଁଠି ବାର୍ଷିକ ପିଏମ୨.୫ର ସ୍ତର ଭାରତୀୟ ଜାତୀୟ ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡ ନିର୍ଦ୍ଦେଶିତ ସ୍ତର (୪୦ମାଇକ୍ରନ ପ୍ରତି ଘନମିଟର) ଠାରୁ ଅଧିକ ରହୁଛି। ଗବେଷଣାରୁ ଜଣାପଡିଛି ଯେ ବାୟୁରେ ପିଏମ ୨.୫ ପ୍ରଦୂଷଣରେ ପ୍ରତି ଘନ ମିଟର ୧୦ ମାଇକ୍ରନର ବାର୍ଷିକ ବୃଦ୍ଧି ଯୋଗୁ ବାର୍ଷିକ ମୃତ୍ୟୁ ହାରରେ ୮.୬ ପ୍ରତିଶତ ବୃଦ୍ଧି ହେଉଛି। ଟିମ୍ କହିଛନ୍ତି ଯେ ଭାରତରେ ବାୟୁ ପ୍ରଦୂଷଣର ଦୀର୍ଘକାଳୀନ ପ୍ରଭାବ ଓ ଏଥିରୁ ହେଉଥିବା ମୃତ୍ୟୁ ସମ୍ପର୍କରେ ସାକ୍ଷ ଦୁର୍ଲଭ ତଥା ଅନ୍ୟ ଦେଶଙ୍କ ଅଧ୍ୟୟନ ସହିତ ମେଳ ଖାଉ ନାହିଁ। ତେବେ ଗତ କିଛି ବର୍ଷ ହେଲା ଭାରତରେ ପିଏମ୨.୫ ପ୍ରଦୂଷଣ ସ୍ତରରେ ବ୍ୟାପକ ବୃଦ୍ଧି ଦେଖାଯାଇଛି। ବାୟୁରେ ପିଏମ୨.୫ର ସବୁଠୁ କମ ବାର୍ଷିକ ସ୍ତର (୧୧.୨ ମାଇକ୍ରନ ପ୍ରତି ଘନ ମିଟର) ଅରୁଣାଚଳ ପ୍ରଦେଶର ଲୋଅର ସୁବନସିରି ଜିଲ୍ଲାରେ ୨୦୧୯ ମସିହାରେ ରେକର୍ଡ କରାଯାଇଥିଲା। ପିଏମ୨.୫ର ସବୁଠୁ ଅଧିକ ବାର୍ଷିକ ସ୍ତର (୧୧୯ ମାଇକ୍ରନ ପ୍ରତି ଘନମିଟର) ଗାଜିୟାବାଦ, ଉତ୍ତର-ପ୍ରଦେଶ ଓ ଦିଲ୍ଲୀରେ ୨୦୧୬ ମସିହାରେ ଦେଖାଯାଇଥିଲା। ଅଧ୍ୟୟନରେ ଏହି କଥା ଉପରେ ଆଲୋକପାତ କରାଯାଇଛି ଯେ ସରକାର ପୂରା ଦେଶର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ)ରେ ସୁଧାର ଆଣିବା ପାଇଁ ଦୀର୍ଘ କାଳୀନ ଉପାୟ କରିବା ତଥା ଡବ୍ଲୁଏଚଓ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ତତ୍କାଳ ଦୃଢ ନିୟମ କରିବା ଜରୁରୀ।

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର





"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ଲଗାତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତୈଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଫସଲ ବୀମା କରାନ୍ତୁ
ସୁରକ୍ଷା କବଚ ପାଆନ୍ତୁ
ସମସ୍ତ କୃଷକ ଭାଇଭଉଣୀଙ୍କୁ ଜଣାନ୍ତୁ
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ବିଷୟରେ

- 19.67 କୋଟି କୃଷକ ଭାଇ ଭଉଣୀଙ୍କୁ ଏପର୍ଯ୍ୟନ୍ତ ଫସଲବୀମାର ଲାଭ ମିଳିସାରିଛି
- ₹1.65 ଲକ୍ଷ କୋଟି ର ଦାବି କୃଷକମାନଙ୍କୁ ପୈଠ କରାଯାଇଛି
- 70 କୋଟି ରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ କରାଯାଇଛି

ଦେଶବ୍ୟାପୀ ହେଲ୍ପଲାଇନ୍ 14447
ପଞ୍ଜିକରଣର ଶେଷ ତାରିଖ 31 ଡିସେମ୍ବର, 2024
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା
ବୀମା ଅଂଶୀଦାରୀ
ନିଜର ଫସଲକୁ ଆଜି ହିଁ ବୀମାଭୁକ୍ତ କରିବା ପାଇଁ ଯୋଗାଯୋଗ କରନ୍ତୁ
ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା
@PMFBY
ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ